# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
3 OCTOBER 2026
ଶନିବାର
୩ ଅକ୍ଟୋବର ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 124 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୨ • ସଂଖ୍ୟା ୧୨୪ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


## ସ୍ମିତ୍‌ଙ୍କ ସହ କଥା ହେଲେ ମୋଦୀ





### 'ବିପଦ ବେଳେ ପଢୁଥିଲି ହନୁମାନ ଚାଳିଶା'

### ସାରା ଦେଶ ତୁମ ସହ ଅଛି: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨।୧୦/ଏଜେନ୍ସି:**

ମଝି ଆକାଶରେ ମୃତ୍ୟୁ ସହ ଲଢ଼ି ୧୮୦ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବା 'ଫ୍ଲାଏଦୁବାଇ' ବିମାନର ଭାରତୀୟ ପାଇଲଟ୍ କ୍ୟାପଟେନ ସ୍ମିତ ମଚ୍ଛରଙ୍କ ସାହସିକତାକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଏହି ସାହସୀ ପାଇଲଟ୍‌ଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଦୁବାଇରୁ ତେଲ ଅଭିଭ୍ ଯାଉଥିବା 'ଫ୍ଲାଏଦୁବାଇ' ବିମାନରେ ତାଙ୍କ ସହ-ପାଇଲଟ୍‌ଙ୍କ ଆକ୍ରମଣକୁ ପ୍ରତିହତ କରିବାରେ ତାଙ୍କ ସାହସିକତା ୧୮୦ ଜଣଙ୍କ ଜୀବନ ରକ୍ଷା କରିଥିଲା। ଫୋନ୍ ବାର୍ତ୍ତାଳାପ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ କ୍ୟାପଟେନ୍ ସ୍ମିତ୍‌ଙ୍କ ସାହସିକତାକୁ ପ୍ରଶଂସା କରିଥିଲେ ଏବଂ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଥିଲେ। ପ୍ରାୟ ୯ ମିନିଟ୍ ଧରି କଥାବାର୍ତ୍ତା ଚାଲିଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ ସ୍ମିତଙ୍କୁ କହିଥିଲେ ଯେ, ସାରା ଦେଶ ତାଙ୍କ ସହ ଅଛି ଏବଂ ତାଙ୍କ ପାଇଁ ପ୍ରାର୍ଥନା କରୁଛି। ମୋଦୀଙ୍କ ସହ କଥାବାର୍ତ୍ତା କରି ସ୍ମିତ କହିଛନ୍ତି ଯେ, ଯେତେବେଳେ ସେ ଅସୁବିଧାରେ ପଡ଼ିଥାନ୍ତି, ସେ ହନୁମାନଜୀଙ୍କୁ ମନେ ପକାଇଥାନ୍ତି ଏବଂ ହନୁମାନ ଚାଳିଶା ପାଠ କରନ୍ତି। ସେ ଉଡ଼ାଣ ସମୟରେ ମଧ୍ୟ ହନୁମାନ ଚାଳିଶା ପାଠ କରୁଥିଲେ। ତାଙ୍କ ମନରେ କେବଳ ଏକ ଭାବନା ଥିଲା ଯେ,

▶▶ ୫

### ଏସିଆଡ୍: ୪୪ ବର୍ଷର ପ୍ରତୀକ୍ଷାରେ ଅନ୍ତ

# ଭାରତୀୟ ମହିଳା ହକି ଟିମ୍‌କୁ ସ୍ୱର୍ଣ୍ଣ

**ନାଗୋୟା,୨।୧୦/ଏଜେନ୍ସି:**

୨୦୨୬ ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ ନୂଆ ଇତିହାସ ରଚିଛି। ଭାରତୀୟ ମହିଳା ହକି ଟିମ୍ ଦୀର୍ଘ ୪୪ ବର୍ଷର ପ୍ରତୀକ୍ଷାରେ ଅନ୍ତ ଘଟାଇ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛି। ଶୁକ୍ରବାର କାକାମିଗାହାରାର ଗିଫୁ ପ୍ରିଫେକ୍‌ଚରାଲ୍ ଗ୍ରୀନ୍

**ଫାଇନାଲ୍‌ରେ ଚୀନ୍‌କୁ ୧-୦ରେ ହରାଇଲା**

**୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ଯୋଗ୍ୟତା**

**ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ**

ଷ୍ଟାଡିୟମ୍‌ରେ ଆୟୋଜିତ ଫାଇନାଲ୍‌ରେ ଭାରତୀୟ ଟିମ୍ ଚୀନ୍‌କୁ ୧-୦ ଗୋଲ୍‌ରେ ହରାଇ ଏହି ଉପଲବ୍ଧି ହାସଲ କରିଛି। ଭାରତ ପକ୍ଷରୁ ମ୍ୟାଚ୍‌ର ଏକମାତ୍ର



ଗୋଲ୍‌ଟି ଲାଲରେମସିୟାମୀ (୧୦ମ ମିନିଟ୍) ସ୍କୋର୍ କରିଛନ୍ତି। ଏହି ବିଜୟ ସହିତ ଭାରତୀୟ ମହିଳା ହକି ଟିମ୍ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ଟିକେଟ୍ ହାସଲ କରିଛି। ସଲିମା ଟେଟେ ନେତୃତ୍ୱ ଏବଂ ଶୋର୍ଡ ମାରିନ୍‌ଙ୍କ କୋଚିଂରେ ମିଳିଥିବା ଏହି ଐତିହାସିକ ଜିତି ବହୁ ସମୟ ଧରି ସ୍ମରଣ ରହିବ। ଏହା ପୂର୍ବରୁ ଭାରତ ୧୯୮୨ ନୂଆଦିଲ୍ଲୀ ଏସିଆଡ୍‌ରେ ସାଉଥ୍ କୋରିଆକୁ ହରାଇ ମହିଳା ହକିରେ ସ୍ୱର୍ଣ୍ଣ ପଦକ ଜିତିଥିଲା।

ମହିଳା ହକି ସହିତ ଭାରତ ଶୁକ୍ରବାର ରେକର୍ଡ ୬ଟି ସ୍ୱର୍ଣ୍ଣ ପଦକ ଜିତିଛି। ବକ୍ସିଂରେ ଭାରତ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ହାସଲ କରିଥିବା ବେଳେ ଆର୍ଚେରୀ ଓ କୁସ୍ତିରେ ମଧ୍ୟ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି। ଏହା ବ୍ୟତୀତ ଭାରତ ଶୁକ୍ରବାର ଦୁଇଟି ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ୍ ସମେତ ମୋଟ ୧୦ ପଦକ ଜିତି ମୋଟ ୭୬ ପଦକ ସହିତ ତାଲିକାର ପଞ୍ଚମ

▶▶ ୫

### ହକି ଇଣ୍ଡିଆର ପୁରସ୍କାର ଘୋଷଣା

ଏସିଆନ୍ ଗେମ୍ସ ୨୦୨୬ରେ ୪୪ ବର୍ଷ ପରେ ସ୍ୱର୍ଣ୍ଣ ପଦକ ଜିତିଥିବା ମହିଳା ଟିମ୍ ଉପରେ ହକି ଇଣ୍ଡିଆ ଅର୍ଥ ବର୍ଷା କରିଛି। ହକି ଇଣ୍ଡିଆ ସ୍ୱର୍ଣ୍ଣ ବିଜେତା ଟିମ୍‌ର ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ସେହିପରି ସପୋର୍ଟ ଷ୍ଟାଫ୍‌ର ପ୍ରତି ସଦସ୍ୟଙ୍କୁ ୫.୫ ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯିବ। ହକି ଇଣ୍ଡିଆ ଟିମ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ, ସମର୍ପଣ ଏବଂ ଚମତ୍କାର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହି ପୁରସ୍କାର ଘୋଷଣା କରିଛି।

### ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

# 'ଶେଷ ଧାଡ଼ିର ଲୋକଙ୍କୁ ସେବା ଯୋଗାଉଛୁ'

**ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି**

**ଗାନ୍ଧୀଜୀଙ୍କ ଆଦର୍ଶରେ ସ୍ୱଦେଶୀ, ସ୍ୱଚ୍ଛତା ପଥରେ ଅଗ୍ରସର ହେଉଛୁ: ସିଏମ୍**



**ଭୁବନେଶ୍ୱର,୨।୧୦/ଏନ୍‌ଏନ୍‌ଏସ୍:**

ଗାନ୍ଧୀଜୀଙ୍କ ଆଦର୍ଶରେ ଆମେ ସ୍ୱଦେଶୀ, ସ୍ୱଚ୍ଛତା ପଥରେ ଅଗ୍ରସର ହେଉଛୁ। ଶେଷ ଧାଡ଼ିର ଲୋକଙ୍କୁ ସେବା ଯୋଗାଇ ଦେଉଛୁ। ଗାନ୍ଧୀଜୀଙ୍କ ମୁଖ୍ୟ ସ୍ୱପ୍ନ ଥିଲା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ସେବା କରିବା, ସ୍ୱଚ୍ଛତା ବଜାୟ ରଖିବା ଏବଂ ସ୍ୱଦେଶୀକୁ ଆପଣାଇବା। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନ ସାକାର ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଓଡ଼ିଶା ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଅତୁଳନୀୟ ତ୍ୟାଗ, ନୈତିକତା ଏବଂ ଦେଶସେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଚିର ପ୍ରେରଣାର ଉତ୍ସ । ମହାତ୍ମା ଗାନ୍ଧୀ କେବଳ ଭାରତକୁ ସ୍ୱାଧୀନତା ଦେଇ ନଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ସ୍ୱଚ୍ଛତା ଆଜି ଦେଶରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିବା ବେଳେ ସ୍ୱଦେଶୀ ମନ୍ତ୍ର 'ଆତ୍ମନିର୍ଭର ଭାରତ' ଗଠନରେ

▶▶ ୫

### ● ବନ୍ଧୁକ ଦେଖାଇ ଯୁବତୀଙ୍କୁ ଦୁଷ୍କର୍ମ ମାମଲା

# ଡିସିପିଙ୍କୁ ମହିଳା କମିଶନଙ୍କ ରିପୋର୍ଟ ତଲବ

**କ୍ରାଇମସ୍ପଟ୍ ସହ ଥାନାରେ ପହଞ୍ଚିଲେ**

**ପୀଡ଼ିତାଙ୍କ ସହ ଆଲୋଚନା କଲେ**

**ଭୁବନେଶ୍ୱର,୨।୧୦/ଏନ୍‌ଏନ୍‌ଏସ୍:**

ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଘରେ ପଶି ବନ୍ଧୁକ ଦେଖାଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ମହିଳା କମିଶନ ଶୁକ୍ରବାର ଭୁବନେଶ୍ୱର ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ନେଇ ମହିଳା କମିଶନ ଉଦବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ଯେତିକି ଆଶ୍ଚର୍ଯ୍ୟ କରିଛି ମହିଳାଙ୍କ ସୁରକ୍ଷା ପ୍ରତି ମଧ୍ୟ ସେତିକି ପ୍ରଶ୍ନବାଚୀ ଛିଡ଼ା କରିଛି। ନୟାପଲ୍ଲୀ ଭଳି ଜନଗହଳିପୂର୍ଣ୍ଣ ସ୍ଥାନ। ଚାରିଆଡ଼େ ଭିଭିଆଇପିଙ୍କ ଘର। ଚତୁଃପାର୍ଶ୍ୱରେ ସିସିଟିଭି। କିନ୍ତୁ ଏସବୁକୁ ଖାତିର ନକରି ମୁଣ୍ଡରେ ବନ୍ଧୁକ ଲଗାଇ ଦୁଷ୍କର୍ମ କରିବା ଘଟଣା ସଭିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତୁରନ୍ତ ଅଭିଯୁକ୍ତକୁ ଧରିବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ବେଳେ ମହିଳା କମିଶନ ତଦନ୍ତ କରିଛନ୍ତି। କ୍ରାଇମସ୍ପଟ୍ ଓ ଥାନାରେ ପହଞ୍ଚି ପୀଡ଼ିତାଙ୍କ ସହ ଆଲୋଚନା କରିଛନ୍ତି। ଆଉ ଘଟଣାର ୧୫ ଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ ଭୁବନେଶ୍ୱର ଡିସିପିଙ୍କୁ ମହିଳା କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ବୁଧବାର ରାତି ୯ଟାରୁ ୧୦ଟା ମଧ୍ୟରେ ଏହି ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି। ଯୁବତୀ ଜଣଙ୍କ ନୟାପଲ୍ଲୀ ଥାନା ବେହେରା ସାହି ଅଞ୍ଚଳରେ ତାଙ୍କ ବଡ଼ ଭଉଣୀଙ୍କ ସହ ଭଡ଼ା ଘରେ ରହନ୍ତି। ଘର ମାଲିକ ପ୍ରଥମ ମହଲାରେ ରହନ୍ତି। ତାଙ୍କ ବଡ଼ ଭଉଣୀ କୌଣସି କାମରେ

▶▶ ୫

# ୪ରୁ ବଢ଼ିବ ଓମ୍‌ଫେଡ୍ ଦୁଗ୍ଧ ଦର

### ଟୋନ୍‌ଡ ଦୁଗ୍ଧ ଲିଟର ପ୍ରତି ବୃଦ୍ଧି ହେବ ୪ ଟଙ୍କା

**ଭୁବନେଶ୍ୱର,୨।୧୦/ଏନ୍‌ଏନ୍‌ଏସ୍:**




ଆସନ୍ତା ଅକ୍ଟୋବର ୪ ତାରିଖରୁ ଓମ୍‌ଫେଡ୍ ଦୁଗ୍ଧ ଦର ବୃଦ୍ଧି କରିବ। ଟୋନ୍‌ଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ହେବ। ଫଳରେ ଏହାର ମୂଲ୍ୟ ୫୪ ଟଙ୍କାରୁ ବୃଦ୍ଧି ପାଇ ହେବ ୫୮ ଟଙ୍କା। ଅର୍ଥାତ୍ ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୨ ଟଙ୍କା ବୃଦ୍ଧି ପାଇବ। ଏବେ ୫୦୦ ମିଲିଲିଟର ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍‌ର ଦର ୨୭ ଟଙ୍କା ଥିବା ବେଳେ ଏହା ୨୯ ଟଙ୍କାକୁ ବୃଦ୍ଧି ପାଇବ। ସେହିପରି ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହେବ। ଫଳରେ ଏହାର ମୂଲ୍ୟ ୫୮ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କା ହେବ। ଅର୍ଥାତ୍ ୫୦୦ ମିଲିଲିଟର ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍

▶▶ ୫

# ବାତ୍ୟା ଭୟ: ଡରାଇଲାଣି ଅକ୍ଟୋବର

**ଭୁବନେଶ୍ୱର,୨।୧୦/ଏନ୍‌ଏନ୍‌ଏସ୍:**

**୧୨ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ**

**୧୩ରେ ନେବ ଲଘୁଚାପ ରୂପ**

୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା, ୨୦୧୩ ଅକ୍ଟୋବର ୧୧ରେ ଫାଇଲିନ୍, ୨୦୧୪ ଅକ୍ଟୋବର ୧୨ରେ ହୁଡହୁଡ୍, ୨୦୧୮ ଅକ୍ଟୋବର ୧୧ରେ ତିତିଲି ଓଡ଼ିଶାକୁ ଅନେକ କ୍ଷତି ପହଞ୍ଚାଇଛି। ଏବେ ପୁଣି ଅକ୍ଟୋବରରେ ବାତ୍ୟା ଆଶଙ୍କା ଭୟ ବଢ଼ାଇଛି। ବାହାରକୁ ବାହାରିଲେ ଟାଇଁ ଟାଇଁ ତାତି। ରାତିରେ ଗରମ ଗୁଳୁଗୁଳି କାହିଁରେ କଣ। ହେଲେ ଅସହ୍ୟ ଖରା ଭିତରେ ଓଡ଼ିଶାକୁ ଡରାଇଲାଣି ଅକ୍ଟୋବର। ବଙ୍ଗୋପସାଗରରୁ ଆସିଲାଣି ବାତ୍ୟା ଭୟ। ଛନକା ବଢାଇଛି ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ। ଆଇଏମ୍‌ଡିର ଆକଳନ କହୁଛି, ଅକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ ଆସନ୍ତା ୧୨ ତାରିଖ ବେଳକୁ ଆଣ୍ଡାମାନ ସାଗରରେ ପ୍ରବେଶ କରିପାରେ ଆଉ ଏକ ଘୂର୍ଣ୍ଣିବଳୟ। ଯାହାକି ୧୩ରେ ନେବ ଲଘୁଚାପ ରୂପ। ପରେ ଅଧିକ ଘନୀଭୂତ ହୋଇ ୧୫ ତାରିଖ ବେଳକୁ କେନ୍ଦ୍ରୀୟ ଓ ପାର୍ଶ୍ୱବର୍ତ୍ତୀ ବଙ୍ଗୋପସାଗରରେ ଅବପାତରେ ପରିଣତ ହୋଇପାରେ। ତେବେ ତାହା ଅଧିକ ଘନୀଭୂତ ହେବ କି ନାହିଁ ସେନେଇ ସ୍ପଷ୍ଟ ଆକଳନ କରାଯାଇନି ।ତଥାପି ସେହି ସମୟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ମୌସୁମୀ ସଂପୂର୍ଣ୍ଣ ଫେରିସାରିଥିବ। ଏହାସହିତ ମୌସୁମୀ ପରବର୍ତ୍ତୀ ସାଇକ୍ଲୋନ୍ ସିଜିନ୍ ଆରମ୍ଭ ହୋଇଯାଇଥିବ। ସେ ଦୃଷ୍ଟିରୁ ବାତ୍ୟା ସୃଷ୍ଟି ପାଇଁ ପାଗ ଅନୁକୂଳ ଥିବ। ପାଣିପାଗ ବିଜ୍ଞାନୀଙ୍କ କହିବା ଅନୁସାରେ, ବଙ୍ଗୋପସାଗରରେ ଦୁର୍ବଳ ଅବପାତ ଗଠନ ହୋଇପାରେ। ୧୫ ତାରିଖ ପରେ ଏହାର ଗତିପଥ ଓ ଶକ୍ତି କଣ ରହିବ, ସେନେଇ ଏଯାଏଁ ଅନିଶ୍ଚିତତା ଲାଗିରହିଛି। ଏପଟେ ଇସିଏମ୍‌ଡବ୍ଲ୍ୟୁଏଫ, ଜିଏଫ୍‌ଏସ୍, ଏନସିୟୁଏମ୍ ପରି କିଛି ବିଶ୍ୱସ୍ତରୀୟ ପାଣିପାଗ ମଡେଲର ଆକଳନ କରୁଛି, ସମ୍ଭାବ୍ୟ

▶▶ ୫

### ଟ୍ରକ-ଟେମ୍ପୋ ମୁହାଁମୁହିଁ

# ୭ ମୃତ, ୧୯ ଆହତ



**ଅମରାବତୀ,୨।୧୦/ଏଜେନ୍ସି:**

ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାସ୍ଥିତ ସମୃଦ୍ଧି ମହାମାର୍ଗରେ ଏକ ଦ୍ରୁତଗାମୀ ଟ୍ରକ୍ ଓ ଟେମ୍ପୋ ପିକଅପ୍ ଭ୍ୟାନ୍ ମଧ୍ୟରେ ଜୋରଦାର ଧକ୍କା ହେବାରୁ ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଆଉ ୧୯ ଜଣ

▶▶ ୫

### ମୁମ୍ବାଇରେ ସିଜେପିର ବିକ୍ଷୋଭ ପ୍ରଦର୍ଶନ

# ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଗର୍ଜିଲେ ଜେନ୍-ଜି

**ନୂଆଦିଲ୍ଲୀ,ମୁମ୍ବାଇ, ୨।୧୦/ଏଜେନ୍ସି:**

ଶୁକ୍ରବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି 'କକ୍‌ରୋଚ୍ ଜନତା ପାର୍ଟି' (ସିଜେପି) ଏବଂ ବିଭିନ୍ନ ବିରୋଧୀ ଦଳ ତଥା ଛାତ୍ର ସଂଗଠନ ପକ୍ଷରୁ ମୁମ୍ବାଇ ଏବଂ ନୂଆଦିଲ୍ଲୀରେ ବିଶାଳ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଅନିୟମିତତା ଏବଂ ବ୍ୟାପକ ସଂଖ୍ୟାରେ ଭୋଟରଙ୍କ ନାମ କାଟି ଦିଆଯିବା ଅଭିଯୋଗକୁ ନେଇ ଏହି ବିକ୍ଷୋଭ ହୋଇଥିଲା। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପ୍‌କେ ମୁମ୍ବାଇ ପୁଲିସ୍‌କୁ ଧନ୍ୟବାଦ ଦେବା ସହ ଦିଲ୍ଲୀ ପୁଲିସ୍‌କୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ମୁମ୍ବାଇରେ ଆଜି ଯାହା କିଛି



ବି ହେଲା ସେସବୁ କେବଳ ଟ୍ରେଲର ଥିଲା ଫାଇନାଲ ଦିଲ୍ଲୀର ଜନ୍ତରମନ୍ତରରେ ଖେଳାଯିବ।

ସିଜେପି ପକ୍ଷରୁ ମୁମ୍ବାଇସ୍ଥିତ ଶିବାଜୀ ପାର୍କରେ 'ଜେଲ ଭରୋ ଆନ୍ଦୋଳନ' ଓ ବିଶାଳ ସମାବେଶ କରାଯାଇଥିଲା। ଅବଶ୍ୟ ଶେଷ ସମୟ ପର୍ଯ୍ୟନ୍ତ ମୁମ୍ବାଇ ପୁଲିସ୍ ଏହି ସମାବେଶ ପାଇଁ ସିଜେପିକୁ

▶▶ ୫

**ଜନ୍ତର ମନ୍ତରରେ ଉତ୍ତେଜନା**

**୭୦୦ରୁ ଅଧିକ ଆନ୍ଦୋଳନକାରୀ ଅଟକ**

**ଆପ୍ ଓ ବାମଦଳ ନେତାମାନଙ୍କୁ ଉଠାଇନେଲା ଦିଲ୍ଲୀ ପୁଲିସ୍**

**ମୁମ୍ବାଇରେ ଟ୍ରେଲର, ଦିଲ୍ଲୀରେ ହେବ ଫାଇନାଲ୍: ଅଭିଜିତ୍ ଦୀପ୍‌କେ**

### ଆଗକୁ ପଞ୍ଚାୟତ ନିର୍ବାଚନ

# ୩ ଦଳ ଏବେ ଗାଁ ମୁହାଁ

**ଭୁବନେଶ୍ୱର,୨।୧୦/ଏନ୍‌ଏନ୍‌ଏସ୍:**



**ପଦଯାତ୍ରାକୁ କରିଛନ୍ତି ମୁଖ୍ୟ ମାଧ୍ୟମ**

**ଭୋଟରଙ୍କ ସହ ଯୋଡ଼ିହେବେ**

**ନିଜ ସପକ୍ଷରେ ଜନମତ ଲୋଡ଼ିବେ**

ଆଗକୁ ପଞ୍ଚାୟତ ନିର୍ବାଚନ। ଆରମ୍ଭ ହୋଇଛି ପଦଯାତ୍ରା ପଲିଟିକ୍ସ। ବିଜେପି, ବିଜେଡି ଓ କଂଗ୍ରେସ ଏବେ ଗାଁ ମୁହାଁ। ପଞ୍ଚାୟତ ନିର୍ବାଚନକୁ ସମୟ କମ୍। ଏହାପୂର୍ବରୁ ଭୋଟରଙ୍କ ପାଖରେ ପହଞ୍ଚିବାରୁ ସବୁ ଦଳ ପଦଯାତ୍ରାକୁ ମୁଖ୍ୟ ମାଧ୍ୟମ କରିଛନ୍ତି। ପଦଯାତ୍ରା ମାଧ୍ୟମରେ ଭୋଟରଙ୍କ ସହ ଯୋଡ଼ିହେବେ। ନିଜ ସପକ୍ଷରେ ଜନମତ ଲୋଡ଼ିବେ। ପ୍ରତିବର୍ଷ ଭଳି ଏଥର ବି ଗାନ୍ଧି ଜୟନ୍ତୀରୁ ବିଜୁ ଜନତା ଦଳ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛି। ଭୁବନେଶ୍ୱର ୫୨ ନମ୍ବର ୱାର୍ଡରୁ ପଦଯାତ୍ରାକୁ ଶୁଭାରମ୍ଭ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଏହାସହ ବନ୍ୟା ପରିଚାଳନା, ବହି ତ୍ରୁଟି, ଏମ୍‌ଏମଡିଆର, ଚାଷୀ ସମସ୍ୟା, ଭତ୍ତା ଅନିୟମିତତା ପ୍ରସଙ୍ଗ କଥା ଉଠାଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମାସେ ବ୍ୟାପୀ ସବୁ ଜିଲ୍ଲାରେ ଚାଲିବ ବିଜେଡିର ପଦଯାତ୍ରା।

ସେହିପରି କଂଗ୍ରେସ ଆଜିଠାରୁ ପିସିସି ସଭାପତିଙ୍କ ନେତୃତ୍ୱରେ ମାହାଙ୍ଗାରୁ ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରା ଆରମ୍ଭ କରିଛି। ଦଳର ସ୍ଥାନୀୟ ନେତା ଓ କର୍ମୀଙ୍କୁ ନେଇ ବଡ଼ ରାଲିର ବି ଆୟୋଜନ କରାଯାଇଥିଲା। ଅନ୍ୟପଟେ ବିଜେପି କହିଛି, ଲୋକଙ୍କ

▶▶ ୫

## ପ୍ରଧାନମନ୍ତ୍ରୀ ସ୍ମାରକୀ ନିଲାମର ଅଷ୍ଟମ ସଂସ୍କରଣ

# ଇ-ନିଲାମ ପ୍ରକ୍ରିୟା ୩୧ ଅକ୍ଟୋବର ପର୍ଯ୍ୟନ୍ତ ବୃଦ୍ଧି

**ନୂଆଦିଲ୍ଲୀ, ୨।୧୦/ଏଜେନ୍ସି:** ବିଭିନ୍ନ ସମୟରେ ବିଭିନ୍ନ ପ୍ରାନ୍ତରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରାଯାଇଥିବା ଅନନ୍ୟ ଉପହାର ଏବଂ କଳାକୃତି ସମ୍ବଳିତ ପ୍ରଧାନମନ୍ତ୍ରୀ ସ୍ମାରକୀର ୮ମ ସଂସ୍କରଣକୁ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସଂସ୍କରଣରେ ଦିଲ୍ଲୀର ବିବିଧ ଦିଗକୁ ପ୍ରତିଫଳିତ କରୁଥିବା ୩୦ଟି ଭିନ୍ନ ଭିନ୍ନ ସ୍ମାରକୀ ସାମିଲ ରହିଛି। ଏହି ୩୦ଟି ସ୍ମାରକୀ ମଧ୍ୟରେ ନଅଟି ଫଟୋ ଫ୍ରେମ୍, ନଅଟି ସ୍ମାରକୀ ଏବଂ ଛଅଟି ମୂର୍ତ୍ତି ଓ ଭାସ୍କର୍ଯ୍ୟ, ପ୍ରତିମା ଅନ୍ତର୍ଭୁକ୍ତ। ଏହାବ୍ୟତୀତ, ଏହି ସଂଗ୍ରହରେ ଦୁଇଟି ଦିଲ୍ଲୀ ମେଟ୍ରୋ ମଡେଲ୍, କ୍ରୀଡ଼ା ସମ୍ବନ୍ଧୀୟ ଏକ ସ୍ମାରକୀ ସାମଗ୍ରୀ, ଏକ ଚିତ୍ରକଳା ତଥା ବିଭିନ୍ନ କଳା ଓ ହସ୍ତଶିଳ୍ପ ସାମଗ୍ରୀ ମଧ୍ୟ ସାମିଲ ରହିଛି।




ଏହି ସଂଗ୍ରହରେ ଭାରତର ଧାର୍ମିକ ପରମ୍ପରା ସହିତ ଜଡ଼ିତ ଅନେକ ସ୍ମାରକୀ ସାମିଲ ରହିଛି। ଏଥିମଧ୍ୟରୁ ଚାରୋଟି ସାମଗ୍ରୀ ଭଗବାନ ରାମ କିମ୍ବା ରାମାୟଣର ଦୃଶ୍ୟକୁ ଚିତ୍ରଣ କରୁଥିବା ବେଳେ ଏଗୁଡ଼ିକ ମଧ୍ୟରେ ରହିଛି ଏକ 'ରାମ ଦରବାର' ମୂର୍ତ୍ତି; ପିତ୍ତଳ ଫଳକ ଯେଉଁଥିରେ ରାମ, ସୀତା ଓ ଲକ୍ଷ୍ମଣ କୈବର୍ତ୍ତଙ୍କ ସହ ନଦୀ ପାର ହେଉଥିବାର ଦୃଶ୍ୟ ରହିଛି, ପାଲାମ ଗ୍ରାମର ସନ୍ଥ 'ଦାଦା ଦେବ'ଙ୍କ ଏକ ଚିତ୍ର ; ଏବଂ 'ରାମ ଲାଲ୍ଲା'ଙ୍କ କାଠରେ ତିଆରି ଏକ ଖୋଦିତ ମୂର୍ତ୍ତି। ସେହିପରି ଏହି ସଂଗ୍ରହରେ ବୌଦ୍ଧ ଧର୍ମର 'ଅଷ୍ଟମଙ୍ଗଳ' (ଆଠଟି ଶୁଭ ପ୍ରତୀକ)ର ଏକ ପ୍ରତିରୂପ ମଧ୍ୟ ସାମିଲ ରହିଛି।

ଏହି ସଂଗ୍ରହରେ ସଫଳତା, ଜନସେବା ଏବଂ ବ୍ୟକ୍ତିଗତ ଅଭିବ୍ୟକ୍ତିକୁ ପ୍ରତିଫଳିତ କରୁଥିବା ବିଭିନ୍ନ ସାମଗ୍ରୀ ସ୍ଥାନ ପାଇଛି। ପ୍ରକାଶ ସର୍ବସାଧାରଣ ନିଲାମ ପାଇଁ ଉଦ୍ଦିଷ୍ଟ ଏହି ସଂଗ୍ରହରେ ବିଭିନ୍ନ ପ୍ରକାରର କଳାକୃତି, ଧାର୍ମିକ ବା ଆସ୍ଥାଭାବ ଜଡ଼ିତ ସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀ ଏବଂ ବିଭିନ୍ନ ସଂସ୍ଥା ସହ ଜଡ଼ିତ ସ୍ମାରକୀ ରହିଛି, ଯାହା ଅନନ୍ୟ ସ୍ମାରକୀ ଭାବେ ସାଇତି ରଖାଯାଇପାରିବ। ଏହି ନିଲାମରୁ ମିଳିଥିବା ଅର୍ଥ 'ନମାମି ଗଙ୍ଗେ ପ୍ରକଳ୍ପ'କୁ ପ୍ରଦାନ କରାଯିବ। ନିଲାମ ତାରିଖ, ଅଂଶଗ୍ରହଣ ବିବରଣୀ ଏବଂ ସମ୍ପୂର୍ଣ୍ଣ କ୍ୟାଟାଲଗ୍ ପାଇଁ, ସରକାରୀ ପିଏମ୍ ମେମେଣ୍ଟୋସ୍ ଇ-ନିଲାମ ପୋର୍ଟାଲ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

# ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨।୧୦/ଏଜେନ୍ସି:** ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଅବସରରେ ଅନ୍ୟ ନେତା, ସାଂସଦ ତଥା ମନ୍ତ୍ରୀମାନଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଗାନ୍ଧିଜୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ସତ୍ୟ, ଅହିଂସା, ସରଳତା, କରୁଣା ଏବଂ ସ୍ୱଦେଶୀ ଉପରେ ଗାନ୍ଧିଜୀଙ୍କ ଆଦର୍ଶ ତଥା ଗୁରୁତ୍ୱକୁ ସ୍ମରଣ କରିଛନ୍ତି। ରାଷ୍ଟ୍ରପତି ମୁର୍ମୁ ନିଜ ବାର୍ତ୍ତାରେ ଶାନ୍ତି ଏବଂ ଅହିଂସା ସମ୍ପର୍କିତ ଗାନ୍ଧୀଙ୍କ ଆଦର୍ଶ ଉପରେ ଆଲୋକପାତ କରି କହିଛନ୍ତି ଯେ, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲାଗିରହିଥିବା ସଂଘର୍ଷ ମଧ୍ୟରେ ଗାନ୍ଧିଜୀଙ୍କ ବିଚାରଧାରା ଆଜି ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ଏକ ବାର୍ତ୍ତାରେ କହିଛନ୍ତି ଯେ, ଗାନ୍ଧିଜୀଙ୍କ ଆଦର୍ଶ ଆଜି ମଧ୍ୟ ପ୍ରାସଙ୍ଗିକ ଏବଂ ଏକ ଉନ୍ନତ ସମାଜ ତଥା 'ବିକଶିତ ଭାରତ' ଗଠନ ପାଇଁ ଦେଶର ପ୍ରୟାସକୁ ଏହା ଉଚିତ୍ ମାର୍ଗଦର୍ଶନ ଦେଇପାରିବ। ଏହାସହ ସେ ଗାନ୍ଧୀଙ୍କ ଦର୍ଶନର ବୈଶ୍ୱିକ ପ୍ରାସଙ୍ଗିକତା ଉପରେ ମଧ୍ୟ ଆଲୋକପାତ କରିଛନ୍ତି।





ମୋଦୀ କହିଛନ୍ତି, ସମଗ୍ର ଭାରତରେ ଅକ୍ଟୋବର ୨ର ମହତ୍ତ୍ୱ ସମସ୍ତଙ୍କୁ ଜଣା ଏବଂ ଗାନ୍ଧିଜୀଙ୍କ ବିଚାରଧାରା ସମଗ୍ର ବିଶ୍ୱର ଲୋକଙ୍କୁ ପ୍ରେରିତ କରିଛି। ସ୍ୱଦେଶୀ ତଥା ଖଦି ବ୍ୟବହାର ଉପରେ ଗାନ୍ଧିଜୀ ଦେଉଥିବା ପ୍ରାଥମିକତାକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ସ୍ୱଦେଶୀ ନୀତିକୁ ସମର୍ଥନ କରିବା ପାଇଁ ଖଦି ଉତ୍ପାଦ କ୍ରୟ କରିବାକୁ ନିବେଦନ କରିଛନ୍ତି। 'ପୂଜ୍ୟ ବାପୁଙ୍କ ସମଗ୍ର ଜୀବନ ସତ୍ୟ, ଅହିଂସା, କରୁଣା ଏବଂ ସେବାର ଏକ ବତୀଘର ସଦୃଶ।' ଏହି ମୂଲ୍ୟବୋଧଗୁଡ଼ିକ ମାନବଜାତିକୁ ସର୍ବଦା ଅନୁପ୍ରାଣିତ କରିଚାଲିବ ବୋଲି ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ମହାତ୍ମା ଗାନ୍ଧୀ ୧୮୬୯ ମସିହା ଅକ୍ଟୋବର ୨ ତାରିଖରେ ଗୁଜରାଟର ପୋରବନ୍ଦରରେ ଜନ୍ମଗ୍ରହଣ କରିଥିଲେ। ପ୍ରତିବର୍ଷ ଦେଶବ୍ୟାପୀ ଶ୍ରଦ୍ଧାଞ୍ଜଳି ସଭା, ପ୍ରାର୍ଥନା ସଭା, ଶିକ୍ଷଣୀୟ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଜନହିତକର ପଦକ୍ଷେପ ମାଧ୍ୟମରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥାଏ। ଆଜିର ଦିନଟିକୁ ଭାରତରେ 'ଗାନ୍ଧୀ ଜୟନ୍ତୀ' ଏବଂ ବିଶ୍ୱବ୍ୟାପୀ 'ଅନ୍ତର୍ଜାତୀୟ ଅହିଂସା ଦିବସ' ଭାବେ ପାଳନ କରାଯାଏ। ମିଳିତ ଜାତିସଂଘ ୨୦୦୭ ମସିହାର ଏକ ସଂକଳ୍ପ ମାଧ୍ୟମରେ ଅକ୍ଟୋବର ୨ ତାରିଖକୁ ଅନ୍ତର୍ଜାତୀୟ ଅହିଂସା ଦିବସ ଭାବେ ଘୋଷଣା କରିଥିଲା। ଅନ୍ୟ ଏକ ରିପୋର୍ଟ ଅନୁସାରେ ଆଜିର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ସମଗ୍ର ଭାରତରେ ୨.୪୨ ଲକ୍ଷରୁ ଅଧିକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିକାଶ ପାଇଁ ଭାରତରେ ବ୍ୟାପକ 'ପିପୁଲ୍ସ ପ୍ଲାନ କ୍ୟାମ୍ପେନ୍ ୨୦୨୬–୨୭'ର ଶୁଭାରମ୍ଭ କରାଯାଇଛି।

## ତରନ ତାରନ୍ ଜିଲ୍ଲାରେ ଅନୁପ୍ରବେଶ ଉଦ୍ୟମ

# ୨ ସନ୍ଦିଗ୍ଧ ପାକ୍ ନାଗରିକ ନିହତ

**ଚଣ୍ଡିଗଡ଼, ୨।୧୦/ଏଜେନ୍ସି:** ଶୁକ୍ରବାର ଦିନ ପଞ୍ଜାବର ତରନ ତାରନ ଜିଲ୍ଲାରେ ଅନ୍ତର୍ଜାତୀୟ ସୀମା ପାର୍ କରିବାକୁ ଚେଷ୍ଟା କରୁଥିବା ଦୁଇ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ସୀମା ସୁରକ୍ଷା ବଳ (ବିଏସ୍ଏଫ) ନିପାତ କରିବାରେ ସଫଳ ହୋଇଛି। ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ସମୟରେ ଅଗ୍ରଣୀ ମୋର୍ଚ୍ଚାରେ ମୁତୟନ ଥିବା ସତର୍କ ଯବାନମାନେ ସୀମା ତାରବାଡ଼ ନିକଟରେ ସନ୍ଦେହଜନକ



ଗତିବିଧି ଲକ୍ଷ୍ୟ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ଏକ ବଡ଼ ଧରଣର ଉଲ୍ଲଂଘନର ଆଶଙ୍କା କରି ଯବାନମାନେ ତୁରନ୍ତ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଚ୍ୟାଲେଞ୍ଜ କରିବା ସହ ଆଗକୁ ନ ବଢ଼ିବା ପାଇଁ ବାରମ୍ବାର ଚେତାବନୀ ଦେଇଥିଲେ। ଅନ୍ୟପକ୍ଷେ ଅନୁପ୍ରବେଶକାରୀମାନେ ଚେତାବନୀକୁ ଅଣଦେଖା କରି ଭାରତୀୟ ସୀମା ଭିତରକୁ ଆକ୍ରମଣାତ୍ମକ ଭାବେ ଆଗକୁ ବଢ଼ିବା ଜାରି ରଖିଥିଲେ। ଜାତୀୟ ସୁରକ୍ଷା ପ୍ରତି ଆସନ୍ନ ବିପଦ ଦେଖି ବିଏସ୍ଏଫ୍ ଯବାନମାନେ ଗୁଳି ଚାଳନା କରିଥିଲେ, ଯାହା ଫଳରେ ଉକ୍ତ ଦୁଇ ଅନୁପ୍ରବେଶକାରୀ ଘଟଣାସ୍ଥଳରେ ହିଁ ନିହତ ହୋଇଥିଲେ। ନିହତ ଅନୁପ୍ରବେଶକାରୀଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଏବଂ ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ତଥା ସଂଗଠନ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ କର୍ତ୍ତୃପକ୍ଷ ଉଦ୍ୟମ ଚଳାଇଛନ୍ତି। ତେବେ ଭବିଷ୍ୟତରେ ଏଭଳି ସୀମାପାର ଅନୁପ୍ରବେଶ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରିବାକୁ ଖୁବ୍ ଶୀଘ୍ର ବିଏସ୍ଏଫ୍ ଏବଂ ପାକିସ୍ତାନ ରେଞ୍ଜର୍ସ ମଧ୍ୟରେ ଏକ ଫ୍ଲାଗ୍ ମିଟିଂ ଅନୁଷ୍ଠିତ ହେବ ଅନୁମାନ କରାଯାଉଛି।

## ମିଠି ନଦୀ ସଫେଇ ଦୁର୍ନୀତି ମାମଲା

# ଅଭିନେତା ଡିନୋ ମୋରିଆ ଗିରଫ

**ମୁମ୍ବାଇ, ୨।୧୦/ଏଜେନ୍ସି:** ରାଜ୍', 'ଅକ୍ସର' ଏବଂ 'ଗୁନାହ' ଭଳି ଅନେକ ଲୋକପ୍ରିୟ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବଲିଉଡ୍ ଅଭିନେତା ଡିନୋ ମୋରିଆ ଶୁକ୍ରବାର ଗିରଫ ହୋଇଥିବା ନେଇ ଖବର ସାମ୍ନାକୁ ଆସିଛି। ସକାଳେ ସେ କମିଶନରଙ୍କ କାର୍ଯ୍ୟାଳୟରେ



ପହଞ୍ଚିଥିଲେ, ଯେଉଁଠାରେ ମୁମ୍ବାଇ ପୁଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଗରେ ସେ ହାଜର ହୋଇଥିଲେ। ବର୍ତ୍ତମାନ ତାଙ୍କୁ ଜେରା କରାଯାଉଛି। ଏହି ମାମଲା ମିଠି ନଦୀରୁ ପଙ୍କ ଉଦ୍ଧାର (ଡିସିଲ୍ଟିଂ) ଦୁର୍ନୀତି ସହିତ ଜଡ଼ିତ। ଅଭିଯୋଗ ହୋଇଛି ଯେ ରାଜ୍ୟରେ ନଦୀ ସଫେଇ ନାମରେ ପ୍ରାୟ ୬୫.୫୪ କୋଟି ଟଙ୍କାର ସରକାରୀ ପାଣ୍ଠି ହେରଫେର ତଥା ଆତ୍ମସାତ୍ କରାଯାଇଛି ଏବଂ ଏଥିରେ ଡିନୋ ମୋରିଆ ମଧ୍ୟ ସମ୍ପୃକ୍ତ ଅଛନ୍ତି। ସିଧାଅର୍ଥରେ କହିଲେ ଏହି ମାମଲାରେ ଡିନୋ ମୋରିଆଙ୍କ ନାମ ସାମ୍ନାକୁ ଆସିଛି, କାରଣ ତାଙ୍କ ଉପରେ ସେହି ଠିକାଦାର ଏବଂ ଅଧିକାରୀମାନଙ୍କ ସହ ସମ୍ପର୍କ ଥିବାର ଅଭିଯୋଗ ରହିଛି, ଯେଉଁମାନେ ମୁମ୍ବାଇରେ ବନ୍ୟା ନିୟନ୍ତ୍ରଣ ଏବଂ ଡ୍ରେନେଜ୍ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ସରକାରୀ ପାଣ୍ଠିର ଅପବ୍ୟବହାର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ଡିନୋ ଦିବଙ୍ଗତ ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ମଧ୍ୟ ତଦନ୍ତର ସମ୍ମୁଖୀନ ହେଉଛନ୍ତି। ମିଠି ନଦୀ ମାମଲାରେ ୨୦୨୫ ମସିହାରେ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁମ୍ବାଇ ଏବଂ କୋଚିର ୧୫ଟି ସ୍ଥାନରେ ଚଢ଼ାଉ କରିଥିଲା, ଯେଉଁଥିରେ ଡିନୋ ମୋରିଆଙ୍କ ବାସଭବନ ମଧ୍ୟ ସାମିଲ ଥିଲା।

## ନିଯୁକ୍ତି ସଂସ୍ଥାଗୁଡ଼ିକୁ ଶ୍ରମ ମନ୍ତ୍ରଣାଳୟର କଡ଼ା ନିର୍ଦ୍ଦେଶ

# ବୈଧାନିକ ଅଂଶଦାନ ନିଜେ ବହନ କର

**ନୂଆଦିଲ୍ଲୀ, ୨।୧୦/ଏଜେନ୍ସି:** ଇପିଏଫ୍‌ଓ ଦରମା ସୀମା ୧୫,୦୦୦ରୁ ୨୫,୦୦୦କୁ ବୃଦ୍ଧି ପାଇବା ପରେ ଶ୍ରମ ଏବଂ ନିଯୋଜନ ମନ୍ତ୍ରଣାଳୟ ନିଯୁକ୍ତିଦାତା (ମାଲିକ/କମ୍ପାନୀ)ମାନଙ୍କୁ କର୍ମଚାରୀଙ୍କ ବୈଧାନିକ ଦରମା ନ କାଟିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି। ସୂଚନାଯୋଗ୍ୟ, ସଂଶୋଧିତ ଦରମା ପ୍ରକ୍ରିୟାର ନିବେଶ ଭାବେ ଦେଖିବା ଉଚିତ୍, ଯାହା କର୍ମଚାରୀଙ୍କ ସନ୍ତୁଷ୍ଟି ବଢ଼ାଇବା ସହ ସେମାନଙ୍କୁ କମ୍ପାନୀରେ ବଜାୟ ରଖିବାରେ ସାହାଯ୍ୟ କରିବ। କେବଳ ସିଟିସିର ଅଂଶ ବୋଲି ଦର୍ଶାଇ ନିଯୁକ୍ତିଦାତାଙ୍କ ବୈଧାନିକ ଅଂଶଦାନକୁ କର୍ମଚାରୀଙ୍କ ଦରମାରୁ କାଟ୍ତି ଭାବେ ଗ୍ରହଣ କରାଯାଇପାରିବ ନାହିଁ।

### ଇପିଏଫ୍‌ରେ ଦରମା ସୀମା ୨୫,୦୦୦କୁ ବୃଦ୍ଧି ପ୍ରସଙ୍ଗ

ସୀମା ବୃଦ୍ଧି କାରଣରୁ ନିଯୁକ୍ତିଦାତାଙ୍କୁ ଦେବାକୁ ଥିବା ଅତିରିକ୍ତ ଅଂଶଦାନକୁ କମ୍ପାନୀଗୁଡ଼ିକ କର୍ମଚାରୀଙ୍କ କଷ୍ଟ-ଟୁ-କମ୍ପାନୀ (ସିଟିସି)ରୁ ଆଡ୍‌ଜଷ୍ଟ ବା କାଟ୍ତି କରି ଭରଣା କରିବାକୁ ଚେଷ୍ଟା କରିବା ଭଳି ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଏଭଳି ଆଶଙ୍କାକୁ ଦୂର କରିବା ପାଇଁ ତଥା କର୍ମଚାରୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।

ରିପୋର୍ଟ ଅନୁସାରେ ମନ୍ତ୍ରଣାଳୟ ନିଯୁକ୍ତିଦାତାମାନଙ୍କୁ ପରାମର୍ଶ ଦେଇଛି ଯେ ସାମାଜିକ ସୁରକ୍ଷା ବାବଦରେ ସେମାନଙ୍କ ଅଂଶଦାନକୁ ଏକ ଉତ୍ତମ ମାନବ ସମ୍ବଳ ନିଯୁକ୍ତିଦାତାମାନେ ଯେପରି ସେମାନଙ୍କ ବୈଧାନିକ ଅଂଶଦାନ ସଠିକ୍ ଭାବେ ପୈଠ କରନ୍ତି ଏବଂ ପ୍ରଚଳିତ ଆଇନର ବିରୋଧାଚରଣ କରି କର୍ମଚାରୀଙ୍କ ବୈଧାନିକ ଦରମା ନ କମାନ୍ତି, ତାହା ନିଶ୍ଚିତ କରିବାକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ତେବେ ମନ୍ତ୍ରଣାଳୟ ମଧ୍ୟ ଏହି ଅବସରରେ ସ୍ୱୀକାର କରିଛି ଯେ ଏହି ନୂତନ ନିୟମ ଦ୍ୱାରା ନିଯୁକ୍ତିଦାତାଙ୍କ ଖର୍ଚ୍ଚ ବଢ଼ିବା ସ୍ୱାଭାବିକ୍ ପ୍ରକ୍ରିୟା, କିନ୍ତୁ ଏହାକୁ ନେଇ କର୍ମଚାରୀମାନଙ୍କ ସ୍ୱାର୍ଥ ପ୍ରତି ଆଞ୍ଚ ଆଣିବାକୁ ସାମାନ୍ୟତମ ଚେଷ୍ଟା ମଧ୍ୟ ଅପରାଧ ବିବେଚନା ହେବ। ତେବେ




'ନିଯୁକ୍ତିଦାତାମାନେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' ଅଧୀନରେ ସୃଷ୍ଟି ହେଉଥିବା ପ୍ରତ୍ୟେକ ଅତିରିକ୍ତ ନିଯୁକ୍ତି ପାଇଁ ମାସିକ ୩,୦୦୦ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପାଇ ଏହି ଆର୍ଥିକ ବୋଝକୁ କିଛି ପରିମାଣରେ ଭରଣା କରିପାରିବେ। ଏହାସହ ଅଧିକ ସଂଖ୍ୟକ ଶ୍ରମିକଙ୍କୁ ଆନୁଷ୍ଠାନିକ କ୍ଷେତ୍ରକୁ ଆଣିବା ଦ୍ୱାରା ବିଶ୍ୱ ନିବେଶ ମାନଚିତ୍ରରେ ଭାରତର ସ୍ଥିତି ମଧ୍ୟ ଅଧିକ ମଜବୁତ୍ ହୋଇପାରିବ' ବୋଲି ମନ୍ତ୍ରଣାଳୟ କହିଛି।

ସେହିପରି ଦରମା ସମ୍ପର୍କୀତ ନୂତନ ସୀମା ଯୋଗୁଁ କର୍ମଚାରୀଙ୍କ ହାତକୁ ଆସୁଥିବା ଦରମା କମିଯିବାର ଚିନ୍ତା ଉପରେ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, କର୍ମଚାରୀଙ୍କ ଦ୍ୱାରା ଇପିଏଫ୍‌ରେ ଜମା ହେଉଥିବା ଅତିରିକ୍ତ ଅର୍ଥ ଉପରେ ସର୍ବଦା ଅଧିକ ସୁଧ ମିଳିବ, ଟିକସ ରିହାତିର ଲାଭ ମିଳିବ ଏବଂ ମାଗଣା ବୀମା ସହିତ ଏକ ନିଶ୍ଚିତ ପେନସନ ପାଣ୍ଠି ଗଠନରେ ସହାୟକ ହେବ। ଦୀର୍ଘକାଳୀନ ଆର୍ଥିକ ସୁରକ୍ଷା ତୁଳନାରେ ଏହା ଏକ ସାମାନ୍ୟ ତ୍ୟାଗ ବୋଲି ମନ୍ତ୍ରଣାଳୟ ଦର୍ଶାଇଛି।

ଏହି ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେବାକୁ ଥିବା କର୍ମଚାରୀମାନଙ୍କୁ ଚିହ୍ନଟ କରିବା କାର୍ଯ୍ୟକୁ ପରବର୍ତ୍ତୀ ଦରମା ଚକ୍ର ପର୍ଯ୍ୟନ୍ତ ସ୍ଥଗିତ ନ ରଖି ତୁରନ୍ତ ଆରମ୍ଭ କରିବାକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ଅନୁସାରେ, 'ତୁରନ୍ତ ଚିହ୍ନଟ କରିବା, ହିସାବ କରିବା, ପଞ୍ଜୀକରଣ କରିବା, ରିପୋର୍ଟ ଦେବା, ଅର୍ଥ ଜମା କରିବା ଏବଂ ତାଳମେଳ ରଖିବା ପ୍ରାଥମିକତା ହେବା ଉଚିତ୍। ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଯେଉଁ କର୍ମଚାରୀମାନଙ୍କ ଦରମା ୧୫,୦୦୦ରୁ ଅଧିକ କିନ୍ତୁ ୨୫,୦୦୦ରୁ କମ୍, ସେମାନଙ୍କୁ ବାଧ୍ୟତାମୂଳକ ଭାବେ 'କର୍ମଚାରୀ ପେନସନ୍ ଯୋଜନା' (ଇପିଏସ୍) ଅଧୀନରେ ପଞ୍ଜୀକୃତ କରିବାକୁ ପଡ଼ିବ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏନେଇ ସୁନିଶ୍ଚିତ କରିବାକୁ ହେବ ଯେପରି ସେମାନଙ୍କ କୌଣସି ଜଣେ ବି କର୍ମଚାରୀ ଏହି ଯୋଜନାରୁ ବାଦ୍ ନପଡ଼ନ୍ତି। କର୍ମଚାରୀଙ୍କ ବାଧ୍ୟତାମୂଳକ ୧୨% ଅଂଶଦାନ ସମ୍ପୂର୍ଣ୍ଣ ଭାବେ ଇପିଏଫ୍ ଖାତାକୁ ଯିବ। ଅନ୍ୟପକ୍ଷରେ, ନିଯୁକ୍ତିଦାତାଙ୍କ ୧୨% ଅଂଶଦାନ ମଧ୍ୟରୁ ୮.୩୩% ଇପିଏସ୍ (ପେନସନ)କୁ ଏବଂ ଅବଶିଷ୍ଟ ୩.୬୭% ଇପିଏଫ୍ ଆକାଉଣ୍ଟକୁ ଯିବ।

# 'ବନ୍ଧୁ ମୋଦୀଙ୍କ ପାଖରେ ଭଲ ପ୍ରସ୍ତାବ ଗଚ୍ଛିତ'

## ୫ଟି ଅବସରରେ ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଉଠାଇସାରିଛନ୍ତି ପ୍ରଧାନମନ୍ତ୍ରୀ

**ମସ୍କୋ, ନୂଆଦିଲ୍ଲୀ, ୨।୧୦/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁଣିଥରେ ସର୍ବସାଧାରଣରେ ପ୍ରଶଂସା କରିଛନ୍ତି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ପୁଟିନ୍ କହିଛନ୍ତି, ମୋଦୀ ତାଙ୍କର ଜଣେ ସର୍ବୋତ୍ତମ ବନ୍ଧୁ ହୋଇଥିଲେ ମଧ୍ୟ ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ ନିୟମିତ ଭାବେ ଚର୍ଚ୍ଚା କରିଥାଆନ୍ତି। ମୋଦୀ କ୍ରମାଗତ ଭାବେ ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ନେଇ ତାଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରିଥାଆନ୍ତି। ଗୁରୁବାର ରୁଷ୍‌ରେ ଆୟୋଜିତ ଭାଲ୍‌ଦାଇ ଫୋରମ୍' ଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପୁଟିନ୍ ଏପରି କହିଛନ୍ତି। ପୁଟିନ୍‌ଙ୍କ କହିବାନୁସାରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତ୍ୟେକ



ସାକ୍ଷାତ ଆଲୋଚନାରେ ଯୁଦ୍ଧ ରୋକିବା ଏବଂ ଶାନ୍ତିର ବାଟ ଖୋଜିବା ଉପରେ ଗୁରୁତ୍ୱ ଦେଇଥାନ୍ତି। ସେ ଯଥାଶୀଘ୍ର ଯୁଦ୍ଧ ସମାପ୍ତ ହେବା ସପକ୍ଷରେ ଅଛନ୍ତି ଏବଂ ଏଥିପାଇଁ ତାଙ୍କ ପାଖରେ କିଛି ଉତ୍ତମ ପ୍ରସ୍ତାବ ମଧ୍ୟ ରହିଛି। ପୁଟିନ୍‌ଙ୍କ ଅନୁସାରେ ପ୍ରଧାନମନ୍ତ୍ରୀ ମୋଦୀ ଏପର୍ଯ୍ୟନ୍ତ ପ୍ରାୟ ୫ ଥର ଅନ୍ତର୍ଜାତୀୟ ମଞ୍ଚରେ ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଉଠାଇ ସାରିଛନ୍ତି ଏବଂ ତାଙ୍କ ସହ ମଧ୍ୟ ଅନେକ ଥର ଏସମ୍ପର୍କରେ ଆଲୋଚନା କରିସାରିଛନ୍ତି। ଏପରିକି ଗତ ମାସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ପୁଟିନ୍ ଏବଂ ମୋଦୀଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା। ଏହି ସମୟରେ ପୁଟିନ୍ ୟୁକ୍ରେନ ଯୁଦ୍ଧର ସାମ୍ପ୍ରତିକ ସ୍ଥିତି ଏବଂ ଶାନ୍ତି ପ୍ରୟାସ ସମ୍ପର୍କରେ ମୋଦୀଙ୍କୁ ଅବଗତ କରାଇଥିଲେ। ଏଠାରେ ମଧ୍ୟ ମୋଦୀ ତାଙ୍କୁ ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୁଟିନ୍ ଭାରତକୁ ମଧ୍ୟ ବେଶ୍ ପ୍ରଶଂସା କରିଛନ୍ତି। ପୁଟିନ୍ କହିଛନ୍ତି, ଭାରତର ବିବିଧତା ସମଗ୍ର ବିଶ୍ୱ ପାଇଁ ଉଦାହରଣ।

# ବିଶ୍ୱର ସର୍ବୋଚ୍ଚ ବ୍ରିଜ୍ ଉପରେ ଦୌଡ଼ିଲା ବନ୍ଦେ ଭାରତ

## ଘଣ୍ଟାପ୍ରତି ୧୦୦ କିମି ବେଗ ସହ ଭାରତ ରଚିଲା ନୂଆ ଇତିହାସ



**ଶ୍ରୀନଗର, ୨।୧୦/ଏଜେନ୍ସି:** ଜମ୍ମୁ-କାଶ୍ମୀରରେ ନଦୀ ଶଯ୍ୟାରୁ ୧,୧୭୮ ଫୁଟ୍ (୩୫୯ ମିଟର) ଉଚ୍ଚତାରେ ନିର୍ମିତ ବିଶ୍ୱର ସର୍ବୋଚ୍ଚ ଚିନାବ ରେଳ ବ୍ରିଜ୍ ଉପରେ ଭାରତୀୟ ରେଳବାଇ ସଫଳତାର ସହ ବନ୍ଦେ ଭାରତ ଏକ୍ସପ୍ରେସକୁ ୧୦୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ଚଳାଇ ଏକ ନୂଆ ଇତିହାସ ସୃଷ୍ଟି କରିଛି। ଏଥିସହ ଏହି ଟ୍ରେନ୍ ଭାରତର ପ୍ରଥମ କେବୁଲ୍-ଷ୍ଟେଡ୍ (ତାର ସଂଯୋଗୀକୃତ) ଅଞ୍ଜି ବ୍ରିଜ୍‌କୁ ମଧ୍ୟ ୧୦୦ କିମି/ଘଣ୍ଟା ବେଗରେ ଅତିକ୍ରମ କରିଛି। ଆଜିର ଏହି ସଫଳ ଟ୍ରାଏଲ୍ ପରେ ୧୧୧ କିଲୋମିଟର ଦୀର୍ଘ ଶ୍ରୀ ମାତା ବୈଷ୍ଣୋଦେବୀ କାଟ୍ରା–ବନିହାଲ୍ ସେକ୍ସନରେ ଟ୍ରେନର ସର୍ବାଧିକ ବେଗକୁ ୭୫ କିମି/ଘଣ୍ଟାରୁ ବଢ଼ାଇ ୧୦୦ କିମି/ଘଣ୍ଟା କରାଯାଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସଫଳ ପରୀକ୍ଷଣର ଭିଡିଓ ସୋସିଆଲ ମିଡିଆ 'ଏକ୍ସ'ରେ ସେୟାର କରି ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି।

### ଭିଡିଓ ପୋଷ୍ଟ କଲେ କେନ୍ଦ୍ର ରେଳମନ୍ତ୍ରୀ

ରେଳମନ୍ତ୍ରୀଙ୍କ କହିବା ଅନୁଯାୟୀ, ଉଧମପୁର-ଶ୍ରୀନଗର-ବାରାମୁଲ୍ଲା ରେଳ ଲିଙ୍କ୍ ପ୍ରକଳ୍ପରେ ଟ୍ରେନ୍ ପରିଚାଳନା ଆହୁରି ସୁଗମ ହେବ ଏବଂ ଯାତ୍ରୀମାନେ ଅପେକ୍ଷାକୃତ କମ୍ ସମୟରେ ନିରାପଦ ଓ ସୁବିଧାଜନକ ଭାବେ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିବେ। ଭାରତୀୟ ରେଳବାଇର ପ୍ରାୟ ୮୧% ନେଟୱାର୍କ ବର୍ତ୍ତମାନ ୧୧୦ କିମି/ଘଣ୍ଟା ବା ତା'ଠାରୁ ଅଧିକ ବେଗ ପାଇଁ ପ୍ରସ୍ତୁତ, ଯାହା ୨୦୧୪ରେ ପ୍ରାୟ ୪୦% ଥିଲା। ସୂଚନାଯୋଗ୍ୟ, ବ୍ରିଜ୍ ଥିବା ଅଞ୍ଚଳ ଭୂକମ୍ପ ଜୋନ୍-୪ ଅନ୍ତର୍ଗତ ହୋଇଥିଲେ ମଧ୍ୟ ଏହାକୁ ଜୋନ୍-୫ ସ୍ତରର କ୍ଷମତା ସହ ଡିଜାଇନ୍ କରାଯାଇଛି। ଏହା ରିକ୍ଟର ସ୍କେଲ୍‌ରେ ୮ ତୀବ୍ରତାର ଭୂକମ୍ପ, ପ୍ରବଳ ବନ୍ୟା, ତୁଷାରପାତ ଏବଂ ବିସ୍ଫୋରଣକୁ ସହଜରେ ସହ୍ୟ କରିପାରିବ। ଏହି ସ୍ଥାପତ୍ୟ ଚମତ୍କାରର ଆୟୁଷ ଆଗାମୀ ୧୨୦ ବର୍ଷ ପାଇଁ ନିର୍ଦ୍ଧାରଣ କରାଯାଇଛି। ପ୍ରକାଶ, ଜୁନ୍ ୨୦୨୫ରେ କାଶ୍ମୀର ରେଳ ଲିଙ୍କ୍ କାର୍ଯ୍ୟକ୍ଷମ ହେବା ପରେ ପ୍ରଥମେ କାଟ୍ରା ଏବଂ ଶ୍ରୀନଗର ମଧ୍ୟରେ ବନ୍ଦେ ଭାରତ ଚାଲିଥିଲା। ଏପ୍ରିଲ ୨୦୨୬ରେ ଏହାକୁ ଜମ୍ମୁ ତାୱି ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇ କୋଚ୍ ସଂଖ୍ୟା ୮ରୁ ୨୦କୁ ବୃଦ୍ଧି କରାଯାଇଥିଲା। ୨ ମେ'ରୁ ଏହି ରୁଟ୍‌ରେ ନିୟମିତ ଚଳାଚଳ ଜାରି ରହିଛି।

# ନାଟୋକୁ ପରମାଣୁ ଆକ୍ରମଣ ଧମକ ଦେଲେ ପୁଟିନ୍

**ମସ୍କୋ, ୨।୧୦/ଏଜେନ୍ସି:** ଆଗାମୀ ଦିନରେ ରୁଷ୍ ଏବଂ ନାଟୋ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସତର୍କ କରାଇ ଦେଇଛନ୍ତି ଯେ, ଯଦି ରୁଷ୍‌ର ଭୂଭାଗ କାଲିନିନଗ୍ରାଡ୍ ଉପରେ କୌଣସି ଆକ୍ରମଣ ହୁଏ, ତେବେ ରୁଷ୍ ତାର ସମସ୍ତ ଶକ୍ତି ସହ ନାଟୋ ବିପକ୍ଷରେ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିପାରେ। ଏଥିରେ ପରମାଣୁ ଅସ୍ତ୍ର ମଧ୍ୟ ସାମିଲ ରହିଛି। ପୁଟିନ୍ ଗୁରୁବାର ମସ୍କୋରେ ଆୟୋଜିତ 'ଭାଲ୍‌ଦାଇ ଫୋରମ୍' ଅବସରରେ ଏହି କଥା କହିଛନ୍ତି। ସେ କହିଛନ୍ତି ଯେ ୟୁରୋପର କୌଣସି ଦେଶ ଉପରେ ଆକ୍ରମଣ କରିବା ପାଇଁ ରୁଷ୍ ଯୋଜନା କରୁନାହିଁ, କିନ୍ତୁ ନିଜ ସାର୍ବଭୌମତ୍ୱ ଓ ଭୂଭାଗର ସୁରକ୍ଷା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ



କରିବ। ପୁଟିନ୍ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ ନାଟୋ ସଦସ୍ୟ ରାଷ୍ଟ୍ର ତଥା ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ୍ ସହିତ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏମାନେ ବାସ୍ତବରେ ୟୁରୋପରେ ଉତ୍ତେଜନା ବଢ଼ାଉଛନ୍ତି। ସିଧାସଳଖ କହିଲେ ଏହି ଅଞ୍ଚଳରେ ନାଟୋର ଯୁଦ୍ଧାଭ୍ୟାସ ଏବଂ ସାମୁଦ୍ରିକ ନଜରଦାରୀ ବଢ଼ିବା ଯୋଗୁଁ ରୁଷ୍ ଏବଂ ନାଟୋ ମଧ୍ୟରେ ସିଧାସଳଖ ମୁହାଁମୁହିଁ ହେବାର ଆଶଙ୍କା ଘନେଇଛି। ରୁଷ୍ ଏହାକୁ ନିଜ ବିରୋଧରେ ସାମରିକ ଚାପ ବୋଲି ଭାବୁଥିବା ବେଳେ, ନାଟୋ ଏହାକୁ କ୍ଷେତ୍ରୀୟ ସୁରକ୍ଷାର ଏକ ଅଂଶ ବୋଲି ଦର୍ଶାଇଛି। ଅନ୍ୟପକ୍ଷେ ନାଟୋ ପକ୍ଷରୁ ପୁଟିନ୍‌ଙ୍କ ଏପ୍ରକାର ପରମାଣୁ ଅସ୍ତ୍ର ପ୍ରୟୋଗ ଚେତାବନୀକୁ ତୀବ୍ର ବିରୋଧ କରାଯାଇଛି। ନାଟୋ ମୁଖପାତ୍ର ଏଲିସନ୍ ହାର୍ଟ କହିଛନ୍ତି, 'ଆମେ ଶକ୍ତି ପ୍ରୟୋଗର ଧମକ ଏବଂ ଏଭଳି ବେପରୁଆ ପରମାଣୁ ବୟାନବାଜିକୁ ଦୃଢ଼ ନିନ୍ଦା କରୁଛୁ।' ସେ ସ୍ପଷ୍ଟ କରିଛନ୍ତି ଯେ ନାଟୋ କାଲିନିନଗ୍ରାଡ୍‌କୁ ଟାର୍ଗେଟ୍ କରୁନାହିଁ। ନାଟୋ ଏକ ପ୍ରତିରକ୍ଷାମୂଳକ ମେଣ୍ଟ ଏବଂ ଏହାର କୌଣସି ସାମରିକ କାର୍ଯ୍ୟକଳାପ ଦ୍ୱାରା ରୁଷ୍‌ର କୌଣସି ଭୂଭାଗ ପ୍ରତି ବିପଦ ନାହିଁ। ସେହିପରି ନାଟୋ ମୁଖ୍ୟ ମାର୍କ ରୁଟେ ମଧ୍ୟ ରୁଷ୍‌କୁ ପରମାଣୁ ଧମକ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି।



ବିଧାନସଭା ପରିସରରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

# 'ସୁଜଳ' ଅଭିଯାନର ଶୁଭାରମ୍ଭ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଜଳ ସଂରକ୍ଷଣ, ନିରାପଦ ପାନୀୟ ଜଳର ବ୍ୟବହାର ଏବଂ ଜଳବାହିତ ରୋଗର ପ୍ରତିରୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ସୁଜଳ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ଭୁବନେଶ୍ୱରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯାନର ଉଦ୍‌ଘାଟନ କରିଛନ୍ତି। ଅକ୍ଟୋବର ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଅଭିଯାନ ଚାଲିବ। ବିଭାଗ ଅଧୀନସ୍ଥ ୱାଟ୍‌କୋ ଦ୍ୱାରା ଆୟୋଜିତ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଜଳର ଅପଚୟ ରୋକିବା, ଉପଲବ୍ଧ ଜଳସମ୍ପଦର ସୁରକ୍ଷା କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା। "ଜଳ ସଂରକ୍ଷଣ-ଆଜିର ଆବଶ୍ୟକତା, ଭବିଷ୍ୟତ ପିଢ଼ିର ଭାଗ୍ୟ" ବାର୍ତ୍ତାକୁ ଆଧାର କରି ଏହି ଅଭିଯାନ ମାଧ୍ୟମରେ ଜଳର ସୁବିନିଯୋଗ ଓ ସଂରକ୍ଷଣ ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରାଯିବ। ନିରାପଦ ପାନୀୟ ଜଳ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେଇ ଅଭିଯାନରେ "ଦୂଷିତ ଜଳ ବିଭିନ୍ନ ରୋଗର କାରଣ" ବାର୍ତ୍ତା ପ୍ରଚାର କରାଯିବ। ଦୂଷିତ ଜଳ ବ୍ୟବହାର ଦ୍ୱାରା ଝାଡ଼ାବାନ୍ତି, ଆମାଶୟ, ଟାଇଫଏଡ୍ ଓ




ଜଣ୍ଡିସ୍ ଭଳି ରୋଗ ହେବାର ଆଶଙ୍କା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ। ପାନୀୟ ଜଳକୁ ପରିଷ୍କାର ଓ ଘୋଡଣୀ ଯୁକ୍ତ ପାତ୍ରରେ ରଖିବା, ଜଳ ଉତ୍ସଗୁଡ଼ିକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ଘରୋଇ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଜଳ ସଂରକ୍ଷଣକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ନାଗରିକମାନଙ୍କୁ କେତେକ ସରଳ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ନଥିବା ସମୟରେ ଟ୍ୟାପ୍ ବନ୍ଦ ରଖିବା, ଜଳ ଯୋଗାଣ ପାଇପ୍‌ରେ ଲିକେଜ୍ ହେଲେ ତୁରନ୍ତ ମରାମତି କରିବା ଏବଂ ନଦୀ, ପୋଖରୀ, ନଳକୂପ ଆଦି ଜଳଉତ୍ସ ନିକଟରେ ଆବର୍ଜନା ନ ପକାଇବା ଏହି ପଦକ୍ଷେପଗୁଡ଼ିକର ଅନ୍ତର୍ଭୁକ୍ତ। ଏଥିସହ ବର୍ଷାଜଳ ଅମଳ ଓ ଏହାର ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିବା, ଘରର ଓଭରହେଡ୍ ଜଳଟାଙ୍କି ଓ ଭୂତଳ ଜଳ ସଂରକ୍ଷଣ ଟାଙ୍କିକୁ ନିୟମିତ ସଫା କରିବା ଏବଂ ପାନୀୟ ଜଳର ଗୁଣବତ୍ତା ବଜାୟ ରଖିବା ଉପରେ ମଧ୍ୟ ସଚେତନ କରାଯିବ। ଏହାଦ୍ୱାରା ଜଳର ଅପଚୟ ହ୍ରାସ ପାଇବା ସହ ଜଳ ଦୂଷିତ ହେବାର ଆଶଙ୍କା ମଧ୍ୟ କମିବ। ଜଳ ଯୋଗାଣ ଆମର ଦାୟିତ୍ୱ, ଜଳ ସଂରକ୍ଷଣ ଆପଣଙ୍କ କର୍ତ୍ତବ୍ୟ ଏହି ଅଭିଯାନର ମୂଳମନ୍ତ୍ର ଜଳ ସଂରକ୍ଷଣରେ ସରକାର ଓ ନାଗରିକଙ୍କ ସାମୂହିକ ଦାୟିତ୍ୱକୁ ପ୍ରତିଫଳିତ କରୁଛି। ନାଗରିକଙ୍କୁ ନିୟମିତ ଓ ନିରାପଦ ଜଳ ଯୋଗାଣ କରିବା ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହୋଇଥିବାବେଳେ ଜଳର ଅପଚୟ ରୋକିବା

**ଅକ୍ଟୋବର ୧୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ**

**ଜଳର ଅପଚୟ ରୋକିବା ମୁଖ୍ୟ ଉଦ୍ଦେଶ୍ୟ**

ଓ ଏହାର ସୁବିନିଯୋଗ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ଜଳ ଯୋଗାଣ ସମ୍ପର୍କିତ ସମସ୍ୟା ଓ ଅଭିଯୋଗର ଜଣାଶୁଣି ତଥା ସମାଧାନ ପାଇଁ ନାଗରିକମାନେ ବିଭାଗର ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ରେ ଯୋଗାଯୋଗ କରିପାରିବେ। ଏହି ଅବସରରେ ବିଧାୟକ ବାବୁ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର ଇଞ୍ଜିନିୟର-ଇନ୍-ଚିଫ୍ ବିଳାସ ବେହେରା ଏବଂ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କିଟ୍ ଓ କିସ୍‌ରେ ଗାନ୍ଧୀ ଜୟନ୍ତୀ



**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** କିଟ୍ ଓ କିସ୍ ପକ୍ଷରୁ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କିସ୍ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମେତ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଶ୍ରୀ ସାମନ୍ତ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ସାମନ୍ତ କହିଲେ, ଭାରତ ସମେତ ବାହାରେ ମଧ୍ୟ ଗାନ୍ଧୀଙ୍କୁ ଯଥେଷ୍ଟ ସମ୍ମାନ ଦିଆଯାଇଥାଏ। ମହାତ୍ମା ଗାନ୍ଧୀ ଜନଜାତିଙ୍କ ବିକାଶ ନିମନ୍ତେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା କିସ୍ ଜରିଆରେ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାମଧୂନ ଗାନ କରାଯାଇଥିଲା।

## କିଟ୍ ଓ କିସ୍‌ର କାର୍ଯ୍ୟକୁ ଭୁଟାନ୍ ପ୍ରତିନିଧିମଣ୍ଡଳୀଙ୍କ ପ୍ରଶଂସା



**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** କେମ୍ବ୍ରିଜ୍ ଶିକ୍ଷା ଏକାଡେମିକ୍ ଇମରସନ୍ କାର୍ଯ୍ୟକ୍ରମ ପରିପେକ୍ଷୀରେ ୭ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ଭୁଟାନର ୪୦ ଜଣିଆ ଶିକ୍ଷକ ପ୍ରତିନିଧିମଣ୍ଡଳୀ ଶୁକ୍ରବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଭୁଟାନର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ସ୍କୁଲ ଏଜୁକେସନ ବିଭାଗର ଏକ ପ୍ରତିନିଧି ଦଳ 'ଇଣ୍ଡିଆ ଟ୍ରେକ୍' କାର୍ଯ୍ୟକ୍ରମରେ ଆସି କିଟ୍‌ରେ ରହୁଛନ୍ତି । ଏହି ଅବସରରେ ସେମାନେ ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରତିନିଧି ଦଳର ସଦସ୍ୟମାନେ ପ୍ରତିକ୍ରିୟାରେ କହିଥିଲେ, ବିଶ୍ୱରେ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅଚ୍ୟୁତ ସାମନ୍ତ ଅନ୍ୟତମ। କିସ୍ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ହଜାର ହଜାର ଜନଜାତି ଶିଶୁଙ୍କ ଜୀବନରେ ପରିବର୍ତ୍ତନ ଆଣିଥିବା ଏକ ସାମାଜିକ ଆନ୍ଦୋଳନ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଆଜି ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ କରି କହିଲେ, ଆଜି ଯାହା ବି ହୋଇଛି, ତାହା ସବୁ କେବଳ ଭଲ ପାଇବା ପାଇଁ ହିଁ ସମ୍ଭବ ହୋଇପାରିଛି। ଯଦି ଆପଣ ଭଲ ପାଇବା ବାଣ୍ଟି ପାରିବେ ତାହେଲେ ଜୀବନରେ ଶାନ୍ତି ପାଇପାରିବେ ବୋଲି ସେ କହିଥିଲେ। ଭୁଟାନର ଏହି ପ୍ରତିନିଧି ଦଳ ଓଡ଼ିଶାର କଳା, ସାହିତ୍ୟ ଓ ଭାସ୍କର୍ଯ୍ୟକୁ ବୁଲି ଦେଖିବା ସହ ଆମ ଇତିହାସ ବିଷୟରେ ଅଧିକ ଜାଣିବା ପାଇଁ ଖଣ୍ଡଗିରି, ଉଦୟଗିରି ସହ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିବାକୁ କିଟ୍ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ




**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ ୫୨, ବିମାନବନ୍ଦର ରୋଡ୍ ସ୍ଥିତ ରାଜାପଡ଼ିଆ ଠାରେ ଆୟୋଜିତ ହୋଇଥିଲା। ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସେବା ଓ ଭଲ କାମ ପାଇଁ ସର୍ବଦା ଲୋକଙ୍କ ହୃଦୟରେ ରହିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଲୋକଙ୍କ ହୃଦୟରେ ରହିବ। ଓଡ଼ିଶା ବର୍ତ୍ତମାନ ଏକ କଠିନ ସମୟ ଦେଇ ଗତି କରୁଛି। ବିଜୁ ବାବୁଙ୍କ ଆଦର୍ଶକୁ ଅନୁସରଣ କରି ବିଜୁ ଜନତା ଦଳ ଓଡ଼ିଶାର ସ୍ୱାର୍ଥ ପାଇଁ ନିରନ୍ତର ଲଢ଼େଇ କରିଆସିଛି। ଆଗାମୀ ଦିନରେ ଓଡ଼ିଶାର ଅଧିକାର, ସମ୍ମାନ ଓ ବିକାଶ ପାଇଁ ଦଳର ସଂଗ୍ରାମକୁ ଆହୁରି ତୀବ୍ର କରିବାକୁ ବିଜେଡି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ଶ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ଆୟୋଜିତ ସମାବେଶକୁ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ମନ୍ମଥ ରାଉତରାୟ ସମ୍ବୋଧିତ କରିଥିଲେ। ମଞ୍ଜୁଲତା କହଁର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁଜାତା ରାଉତ, ସୁଲତା ଦେଓ, ଶାରଦା ଜେନା, ଚିନ୍ମୟ ସାହୁ, ଇପ୍ସିତା ସାହୁ ଓ ଏଲିନା ସାମନ୍ତରାୟଙ୍କ ସମେତ ନିର୍ବାଚିତ ପ୍ରତିନିଧି, ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପିସିସି ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଜାତୀର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ଉତ୍ସବ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃମଣ୍ଡଳୀ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ପ୍ରସାଦ ହରିଚନ୍ଦନ, ସନ୍ତୋଷ ସିଂ ସାଲୁଜା, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ନଗେନ୍ଦ୍ର ପ୍ରଧାନ, ସୁରେଶ କୁମାର ରାଉତରାୟ, ସମୀର କୁମାର ରାଉତରାୟ, ଶିବାନନ୍ଦ ରାୟ, ଜିଆଉଲ ହକ, ଅରବିନ୍ଦ ଦାସ, ଶୁଭେନ୍ଦୁ ମହାନ୍ତି, ପ୍ରକାଶ ଜେନା, ଅମିୟ ପଟ୍ଟନାୟକ, ମନୋରଞ୍ଜନ ଦାଶ, ପ୍ରକାଶ ମିଶ୍ର, ଚିନ୍ମୟ ସୁନ୍ଦର ଦାସ, ସନ୍ତୋଷ ଜେନା, ମାନସ ଆଚାର୍ଯ୍ୟ, ସୁଦର୍ଶନ ଦାସ, ବାଙ୍କନିଧି ବେହେରା, ପ୍ରଦୀପ ମହାପାତ୍ର, ତରୁଣ ମିଶ୍ର, ଉଷାରାଣୀ ବେହେରା, ସୁନିତା ବିଶ୍ୱାଳ, ଭାସ୍କର ସେଠୀ, ଶ୍ରୀୟାସ୍ମିତା ପଣ୍ଡା, ମିହିର ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ, ରଜନୀ ମହାନ୍ତି, ମାଳତୀ ନାୟକ ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।



ରାଜ୍ୟ ବିଜେପି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

### ଓଡ଼ିଶାରେ ଗଠନ ହେବ ଶିଶୁ ଶ୍ରମମୁକ୍ତ ପଞ୍ଚାୟତ

# ୪୪ ଦିନିଆ ସ୍ୱତନ୍ତ୍ର ସଚେତନତା ଅଭିଯାନ ଆରମ୍ଭ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଓଡ଼ିଶାକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକୁ ସାକାର କରିବା ଲକ୍ଷ୍ୟରେ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଏକ ସ୍ୱତନ୍ତ୍ର ୪୪ ଦିନିଆ ଅଭିଯାନ ଆରମ୍ଭ ହୋଇଛି। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୧୪ ନଭେମ୍ବର ଶିଶୁ ଦିବସ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଗ୍ରାମସଭାରେ ଶିଶୁ ଶ୍ରମ ବିରୋଧରେ ସଂକଳ୍ପ ଗ୍ରହଣ କରାଯାଇ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ପାଇଁ ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରାଯିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଏହି ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଆହ୍ୱାନ କରିଛନ୍ତି। ସେହିପରି, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଓ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀମାନେ ମଧ୍ୟ ଭିଡିଓ ବାର୍ତ୍ତା ଜରିଆରେ ଓଡ଼ିଶାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ଜନସାଧାରଣଙ୍କୁ ସକ୍ରିୟ ଭାବେ ସହଯୋଗ କରିବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅଭିଯାନର ମୁଖ୍ୟ ଆଧାର ହେଉଛି ସମୁଦାୟର ସକ୍ରିୟ ଅଂଶଗ୍ରହଣ। ଗ୍ରାମ ପଞ୍ଚାୟତକୁ ଅଭିଯାନର ମୁଖ୍ୟ କାର୍ଯ୍ୟାନ୍ୱୟନ ଏକକ ଭାବେ ଗ୍ରହଣ କରାଯାଇଛି। ଏଥିପାଇଁ ନୂତନ କୌଣସି ସମାନ୍ତରାଳ ବ୍ୟବସ୍ଥା ସୃଷ୍ଟି ନକରି ବିଦ୍ୟମାନ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ନେଇ ଅଭିଯାନକୁ ଆଗେଇ ନିଆଯିବ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଅନୁଷ୍ଠାନ, ବିଦ୍ୟାଳୟ ଓ ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି , ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ , ତୃଣମୂଳସ୍ତରୀୟ କର୍ମଚାରୀ ଏବଂ ଶ୍ରମ ପ୍ରଶାସନ ପ୍ରମୁଖ ଭାବେ ସାମିଲ ହେବେ। ଅଭିଯାନର ସୁଚାରୁ କାର୍ଯ୍ୟାନ୍ୱୟନ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ମିଶନ ଶକ୍ତି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିତ ଭାବେ ବିଭାଗୱାରୀ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ସକ୍ରିୟ ପଦକ୍ଷେପରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ କରି ଏହି ଅଭିଯାନକୁ ଆଗେଇ ନିଆଯାଉଛି। ଶିଶୁ ଶ୍ରମର ତୁରନ୍ତ ନିରାକରଣ ସହ ଏହାର ମୂଳ କାରଣଗୁଡ଼ିକର ସମାଧାନ ଉପରେ ଅଭିଯାନରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ତିନୋଟି ପ୍ରମୁଖ ରଣନୀତି ଗ୍ରହଣ କରାଯାଇଛି। ପ୍ରଥମତଃ, ଶିଶୁମାନଙ୍କୁ ବିଦ୍ୟାଳୟରେ ରଖିବା ଏବଂ ସେମାନଙ୍କ ମଧ୍ୟରେ

**ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

ବିଦ୍ୟାଳୟ ଛାଡ଼ିବା ପ୍ରବୃତ୍ତିକୁ ରୋକିବା ପାଇଁ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ। ଦ୍ୱିତୀୟତଃ, ବିଭିନ୍ନ ବିଭାଗର ମିଳିତ ଏନ୍‌ଫୋର୍ସମେଣ୍ଟ ଅଭିଯାନ, ଶିଶୁ ଉଦ୍ଧାର ପାଇଁ ମାନକ ପ୍ରକ୍ରିୟା ଏବଂ ଉଦ୍ଧାର ପରବର୍ତ୍ତୀ ପୁନର୍ବାସ ଉପରେ ଗୁରୁତ୍ୱ ଦିଆଯିବ। ତୃତୀୟତଃ, ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ମାଧ୍ୟମରେ ତୃଣମୂଳସ୍ତରରେ ଜନସମ୍ପୃକ୍ତି ଓ ସଚେତନତାକୁ ଅଧିକ ସୁଦୃଢ଼ କରାଯିବ। ଏହି ଅଭିଯାନ ଅଧୀନରେ ଗ୍ରାମ ପଞ୍ଚାୟତଗୁଡ଼ିକରେ ଶିଶୁ ଶ୍ରମର କୁପ୍ରଭାବ ସମ୍ପର୍କରେ ସଚେତନତା, ଶିଶୁମାନଙ୍କର ବିଦ୍ୟାଳୟରେ ଉପସ୍ଥାନ ଓ ଶିକ୍ଷା ଜାରି ରଖିବାକୁ ପ୍ରୋତ୍ସାହନ, ଶିଶୁ ଶ୍ରମରେ ନିୟୋଜିତ ହେବାର ଆଶଙ୍କା ଥିବା ଶିଶୁଙ୍କ ଚିହ୍ନଟ ଏବଂ ଶିଶୁ ଶ୍ରମ ଚିହ୍ନଟ ହେଲେ ତ୍ୱରିତ ସମନ୍ୱିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାକୁ ଶିଶୁ ଶ୍ରମମୁକ୍ତ କରିବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପରିବାର, ସମୁଦାୟ, ବିଦ୍ୟାଳୟ, ସ୍ଥାନୀୟ ସ୍ୱୟଂଶାସନ ସଂସ୍ଥା ଏବଂ ବିଭିନ୍ନ ବିଭାଗର ସାମୂହିକ ଦାୟିତ୍ୱ। ଏହି ଲକ୍ଷ୍ୟ ହାସଲ ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣକୁ ଅଭିଯାନରେ ପ୍ରାଥମିକତା ଦିଆଯାଇଛି। ସମନ୍ୱିତ ପ୍ରୟାସ, ଜନସଚେତନତା, ଦୃଢ଼ କାର୍ଯ୍ୟାନୁଷ୍ଠାନ, ଶିଶୁମାନଙ୍କର ଶିକ୍ଷାରେ ନିରନ୍ତରତା ଏବଂ ଉଦ୍ଧାର ପରବର୍ତ୍ତୀ ପୁନର୍ବାସ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ଏହି ୪୪ ଦିନିଆ ଅଭିଯାନ ଏକ ସମନ୍ୱିତ ଜନଆନ୍ଦୋଳନର ରୂପ ନେବାକୁ ଲକ୍ଷ୍ୟ ରଖିଛି।

## ଶଲ୍ୟ ଚିକିତ୍ସାର ସୁଲଭତା ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଗ୍ରାମାଞ୍ଚଳ ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଅଞ୍ଚଳର ରୋଗୀମାନଙ୍କ ପାଇଁ ଉନ୍ନତ ଶଲ୍ୟ ଚିକିତ୍ସାକୁ ସୁଲଭ, ସହଜଲଭ୍ୟ ଓ ସାଧ୍ୟମତେ କମ ଖର୍ଚ୍ଚରେ ଉପଲବ୍ଧ କରାଇବା ଉପରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ୩୬ତମ ବାର୍ଷିକ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ସମ୍ବୋଧିତ କରି ରାଜ୍ୟପାଳ କହିଛନ୍ତି ଯେ, ଚିକିତ୍ସା କ୍ଷେତ୍ରର ଉତ୍କର୍ଷତାର ପ୍ରକୃତ ମାପକ କେବଳ କେତେ ଉନ୍ନତ ଚିକିତ୍ସା ପଦ୍ଧତି ବିକଶିତ ହୋଇପାରୁଛି ତାହା ନୁହେଁ; ବରଂ ଏହାର ସୁଫଳ କେତେ ବ୍ୟାପକ ଭାବେ ଲୋକଙ୍କ ନିକଟରେ ପହଞ୍ଚିପାରୁଛି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଦ୍ରୁତ ବୈଷୟିକ ବିକାଶ ଯୋଗୁଁ ଶଲ୍ୟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିରେ ଚିକିତ୍ସାର ନୂଆ ସମ୍ଭାବନା ସୃଷ୍ଟି ହେଉଥିବାରୁ ଏହି ଦିଗଟି ଅଧିକ ଗୁରୁତ୍ୱ ବହନ କରୁଛି ବୋଲି ସେ କହିଛନ୍ତି। ଶଲ୍ୟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଉନ୍ନତ ବିଜ୍ଞାନ, ଅତ୍ୟାଧୁନିକ ପ୍ରଯୁକ୍ତି ଓ କରୁଣାପୂର୍ଣ୍ଣ ରୋଗୀସେବାର ଏକ ସମନ୍ୱିତ କ୍ଷେତ୍ର ବୋଲି ଅଭିହିତ କରି ରାଜ୍ୟପାଳ କହିଛନ୍ତି ଯେ, ଏହି ବିଶେଷଜ୍ଞତାରେ ଖାଦ୍ୟନଳୀ, ପାକସ୍ଥଳୀ, ଅନ୍ତନଳୀ, ଯକୃତ, ଅଗ୍ନାଶୟ, ପିତ୍ତକୋଷ, ପିତ୍ତନଳୀ ଓ ମଳାଶୟ ସମ୍ବନ୍ଧୀୟ ଜଟିଳ ରୋଗର ଚିକିତ୍ସା କରାଯାଏ। ଏହି ଜଟିଳତା ଦୃଷ୍ଟିରୁ ବୈଷୟିକ ଦକ୍ଷତା ସହିତ ସଠିକ୍ ଚିକିତ୍ସା ନିଷ୍ପତ୍ତି ଓ ବିଭିନ୍ନ ବିଶେଷଜ୍ଞଙ୍କ ସମନ୍ୱିତ ଯୋଜନା ରୋଗୀସେବା ପାଇଁ ଅତ୍ୟାବଶ୍ୟକ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଛନ୍ତି। ଇମେଜିଂ, ମଲିକ୍ୟୁଲାର ଡାଏଗ୍ନୋଷ୍ଟିକ୍ସ, ପ୍ରିସିଜନ୍ ଅଙ୍କୋଲୋଜି ଓ ପେରିଅପରେଟିଭ୍ କେୟାର କ୍ଷେତ୍ରରେ ଅଗ୍ରଗତି ଚିକିତ୍ସା ପଦ୍ଧତିକୁ ଆହୁରି ପରିବର୍ତ୍ତନ କରୁଛି ବୋଲି ରାଜ୍ୟପାଳ କହିଥିଲେ। କୃତ୍ରିମ ବୁଦ୍ଧିମତ୍ତା, ଥ୍ରୀ ଡାଇମେନସନାଲ ଇମେଜିଂ, ଇମେଜ୍-ଗାଇଡେଡ୍ ପ୍ରୋସିଜର, ରୋବୋଟିକ୍ ସିଷ୍ଟମ୍ ଏବଂ ସର୍ଜିକାଲ୍ ସିମୁଲେସନ୍ ଭଳି ନୂତନ ପ୍ରଯୁକ୍ତି ଶଲ୍ୟ ଚିକିତ୍ସାର ଯୋଜନା, ସଠିକତା, ପ୍ରଶିକ୍ଷଣ ଓ ରୋଗୀ ସୁରକ୍ଷାକୁ ଉନ୍ନତ କରିବାରେ ସହାୟକ ହେଉଛି ବୋଲି ରାଜ୍ୟପାଳ କହିଥିଲେ। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ଚିକିତ୍ସକ, ଗବେଷକ ଓ ଯୁବ ଶଲ୍ୟ ଚିକିତ୍ସକମାନେ ଜ୍ଞାନ ଓ ଅଭିଜ୍ଞତାର ଆଦାନପ୍ରଦାନ କରିଥିଲେ। ସେହିପରି ପ୍ରତିଷ୍ଠାନଗତ ସହଯୋଗ, ବହୁମୁଖୀ ଗବେଷଣା ଏବଂ ଗବେଷଣାର ଫଳାଫଳକୁ ଦୈନନ୍ଦିନ ରୋଗୀସେବାରେ ପ୍ରୟୋଗ କରିବା ଦିଗରେ ଉଦ୍ୟମ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାରେ ଏହି ସମ୍ମିଳନୀ ଆୟୋଜନ କରିଥିବାରୁ ପ୍ରଫେସର (ଡ.) ମାନସ ରଞ୍ଜନ ସାହୁ ଏବଂ ଆୟୋଜକ କମିଟିକୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ। ଏହି ସମ୍ମିଳନୀ ଅବସରରେ ପ୍ରତିଷ୍ଠାତା ସଭାପତି ପ୍ରଫେସର ବି ଏମ୍ ଏଲ୍ କପୁରଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଡ. ସୁଜୟ ପାଲ୍ ଓ ସଭାପତି ଡ. ଟି. ଡି. ଯାଦବ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ଆୟୋଜକ ଅଧ୍ୟକ୍ଷ ଡ. ମହମ୍ମଦ ଇବ୍ରାରୁଲ୍ଲାହ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଆୟୋଜକ ସମ୍ପାଦକ ପ୍ରଫେସର (ଡ.) ମାନସ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ରୌପ୍ୟ ନଗରୀ କଟକରେ ବାସିଲାଣି ପାର୍ବଣର ବାସ୍ନା

**କଟକ,୨।୧୦/ଏନ୍ଏନ୍ଏସ୍:** ଶନିବାରଠାରୁ ସହରର ପ୍ରମୁଖ ଦେବୀପୀଠରେ ଆରମ୍ଭ ହେବ ଷୋଡ଼ଶ ଉପଚାର। ଚଳଚଞ୍ଚଳ ହୋଇ ଉଠିବ କଟକ ସହର। ଅପରପକ୍ଷେ ତୃତୀୟ ପର୍ଯ୍ୟାୟ ଗଣେଶ ଭଶାଣି ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଭଶାଣିରୁ ବାରି ହୋଇ ପଡ଼ିଛି ଆଗକୁ ଦୁର୍ଗାପୂଜା ଖୁବ୍ ଯାକଜମକରେ ଅନୁଷ୍ଠିତ ହେବ। ରୌପ୍ୟନଗରୀ କଟକ ଏବେ ଧୀରେ ଧୀରେ ଚଢୁଛି ପାର୍ବଣର ବାସ୍ନା। ଚାରିଆଡ଼େ ଗୋଟିଏ ଅପେକ୍ଷା କେବେ ଆସିବେ ମା'। ବାଦାମବାଡ଼ି, ଚୌଧୁରୀ ବଜାର, ମାଲଗୋଦାମ, ଖାନନଗର, ଚାଉଳିଆଗଞ୍ଜ, ଶେଖ୍‌ବଜାର, ଚାନ୍ଦିନିଚୌକ,କଲେଜଛକ,ମଙ୍ଗଳାବାଗ, ହରିପୁର ଦୋଳମୁଣ୍ଡାଇ ଆଦି ପ୍ରମୁଖ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଜୋର୍‌ଦାର ହୋଇଛି। ଦିନର ବ୍ୟସ୍ତତା ଭିତରେ ମଧ୍ୟ ପୂଜା ପ୍ରସ୍ତୁତି ପାଇଁ ସମୟ ବାହାର କରିଛନ୍ତି



ଆୟୋଜକମାନେ। ମଣ୍ଡପ ଚାରିପଟେ ବଢୁଛି ସାଜସଜ୍ଜା। ରାସ୍ତାରେ ଯାଉଥିବା ଲୋକଙ୍କ ଆଖି ଅଟକିଯାଉଛି ନିର୍ମାଣାଧୀନ ତୋରଣରେ। ପାଖର ଦୋକାନଗୁଡ଼ିକରେ ମଧ୍ୟ ପାର୍ବଣକୁ ନେଇ ବଢ଼ିଛି ଗ୍ରାହକଙ୍କ ଆଗମନ। ଦୋକାନଗୁଡ଼ିକରେ ନୂଆ ପୋଷାକ, ଘରସଜ୍ଜା ସାମଗ୍ରୀ ଓ ପୂଜା ସାମଗ୍ରୀର ଚାହିଦା ବଢ଼ିଛି। ମଣ୍ଡପ ନିକଟରେ କାରିଗରଙ୍କ ହାତ ଥମୁନି। ଦିନର କୋଳାହଳ ମଧ୍ୟରେ ପାର୍ବଣର ଉତ୍ସାହ ଅନୁଭବ କରିହେଉଛି। ବ୍ୟବସାୟିକ ବ୍ୟସ୍ତତା ସହ ଯୋଡ଼ି ହୋଇଛି ପୂଜାର ଉତ୍ସାହ। ମଣ୍ଡପ ସଜାଇବାରେ ବ୍ୟସ୍ତ କାରିଗର। ଆଲୋକ ଲଗାଉଥିବା ଯୁବକଙ୍କଠାରୁ ସାଜସଜ୍ଜା ସାମଗ୍ରୀ ବୋହୁଥିବା ଶ୍ରମିକ ସମସ୍ତଙ୍କ ମୁହଁରେ ଦେଖାଯାଉଛି ତତ୍ପରତା। ମଣ୍ଡପ ନିର୍ମାଣରେ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ କାରିଗର। ଆୟୋଜକଙ୍କ ମଧ୍ୟରେ ଚାଲିଛି ବୈଠକ, କାମ ବଣ୍ଟନ ଓ ପୂଜା ପରିଚାଳନାର ପ୍ରସ୍ତୁତି। ପୂଜା କେବଳ ମଣ୍ଡପ ଭିତରେ ସୀମିତ ନ ରହି ସାରା ଅଞ୍ଚଳକୁ ଉତ୍ସବମୁଖର କରିବା ପାଇଁ ଚାଲିଛି ଯୋଜନା। କଟକର ଦୁର୍ଗାପୂଜାର ଆଉ ଏକ ବିଶେଷତା ହେଉଛି ଏହାର ସାମୂହିକତା। ପୂଜାମଣ୍ଡପ କେବଳ ମା'ଙ୍କ ଆରାଧନାର ସ୍ଥାନ ନୁହେଁ, ଏହା ପଡ଼ୋଶୀଙ୍କ ମିଳନସ୍ଥଳ। ଯୁବକଙ୍କଠାରୁ ବୟସ୍କ, ଦୋକାନୀଠାରୁ ଶ୍ରମିକ,ସମସ୍ତେ ନିଜ ନିଜ ଭାବରେ ପାର୍ବଣର ଏହି ଆୟୋଜନରେ ସାମିଲ ହେଉଛନ୍ତି। ବାଦାମବାଡ଼ିର ବ୍ୟସ୍ତ ରାସ୍ତା, ଚୌଧୁରୀବଜାରର ପୁରୁଣା ଗଳି, ମାଲଗୋଦାମର ବାଣିଜ୍ୟିକ କୋଳାହଳ, ଖାନନଗରର ମଣ୍ଡପ, ଶେଖବଜାରର ପରମ୍ପରା, କଲେଜ ଛକର ଯୁବ ଉତ୍ସାହ ଓ ଚାଉଳିଆଗଞ୍ଜର ପାର୍ବଣ ମାହୋଲ ସବୁ ମିଶି ଆଗକୁ ଦୁର୍ଗାପୂଜାର ରୂପଦେବେ। ମା' ଆସିବେ। ଧୂପର ବାସ୍ନାରେ ଭରିଯିବ ପରିବେଶ। ରୌପ୍ୟନଗରୀର ହୃଦୟରେ ଏବେଠାରୁ ସ୍ପନ୍ଦନ ଆରମ୍ଭ ହୋଇଛି। ପୂଜାକମିଟି, ପ୍ରଶାସନ, ପୁଲିସ ସହ ବିଭିନ୍ନ ବିଭାଗ ଏବେ ତତ୍ପର ହୋଇ ଉଠିଛନ୍ତି। ଘନଘନ ଚାଲିଛି ବୈଠକ। ଆଉ ମାତ୍ର ପାଞ୍ଚ ଛଅ ଦିନରେ ଏଥର କଟକର ଦୁର୍ଗାପୂଜାର କିପରି ମାହୋଲ ହେବ ତାହା ସ୍ପଷ୍ଟ ହୋଇଯିବ। ମାତ୍ର ଏବେଠାରୁ ରୌପ୍ୟନଗରୀ କଟକରେ ପାର୍ବଣର ବାସ୍ନା ଚହଟିବା ଆରମ୍ଭ କଲାଣି।

## ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିକ୍ଷୋଭ




**କଟକ,୨।୧୦/ଏନ୍ଏନ୍ଏସ୍:** ମୁଖ୍ୟ ନିର୍ବାଚନ କମିଶନରଙ୍କର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟ ତାଙ୍କୁ ତୁରନ୍ତ ବହିଷ୍କାର କରିବା, ସମଗ୍ର ଏସଆଇଆର ପ୍ରକ୍ରିୟାକୁ ତୁରନ୍ତ ରଦ୍ଦ କରିବା ଓ ଏସଆଇଆର ଜରିଆରେ ସମଗ୍ର ଦେଶରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ସମସ୍ତ ଭୋଟରଙ୍କ ନାମ ପୁନର୍ବାର ତାଲିକାଭୁକ୍ତ କରିବା ଦାବିରେ କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳ ପ୍ରତିବାଦ ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଛବି ମହାନ୍ତି ବକ୍ତବ୍ୟ ଦେଇଥିଲେ। ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ଦୀପକ ଦାସ, ସିଦ୍ଧାର୍ଥ ରଥ, ବସନ୍ତ ନାୟକ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଅକ୍ଷୟ ରାଉଳ,ସ୍ୱାଧିନୀ ବେହେରା , ପ୍ୟାଭେଲ ପ୍ରିୟଦର୍ଶନ, ପ୍ରତାପ ମିଶ୍ର, ସୌଭାଗ୍ୟ ସାମଲ, ସିପ୍ରା ମହାନ୍ତି, ଶୋଭା ଦେହୁରୀ, ଝରଣା ଦାସ ଓ ଭାଗ୍ୟଶ୍ରୀ ପ୍ରଧାନ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ। ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା ଓ ଜ୍ଞାନେଶ କୁମାରଙ୍କ କୁଶପୁତଳିକା ଦାହ କରାଯାଇଥିଲା।

## ୧୬ରେ ନବରସ ବାଏ ନିଶାମଣିରେ ଗରବା ସନ୍ଧ୍ୟା



**କଟକ,୨।୧୦/ଏନ୍ଏନ୍ଏସ୍:** ଲିଙ୍କରୋଡସ୍ଥିତ ନିଶାମଣି କନଭେନସନ ପକ୍ଷରୁ ଆସନ୍ତା ୧୬ ତାରିଖ ସନ୍ଧ୍ୟା ୬ଟାରୁ ନିଶାମଣି କନଭେନସନଠାରେ ନିଶାମଣି ବାଏ ନବରସ ନାମରେ ଦାଣ୍ଡିଆ ଓ ଗରବା ସନ୍ଧ୍ୟା ଆୟୋଜିତ ହେବ। ଷ୍ଟାର ଇଭେଣ୍ଟସ୍ ପକ୍ଷରୁ ଏହାର ପରିଚାଳନା କରାଯିବ। ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ଓ ବଲିଉଡ୍ ଦାଣ୍ଡିଆ-ଗରବା ସହ ଲାଇଭ୍ ସଙ୍ଗୀତ, ଢୋଲ ଓ ମନୋରଞ୍ଜନର ବ୍ୟବସ୍ଥା କରାଯାଇଛି। ଡିଜେ ସ୍ୱିନମାଫିଆ ଓ ଡିଜେ ଲୟାମ୍ରିକା ସଙ୍ଗୀତ ପରିବେଷଣ କରିବେ। ରାଜୀବ ଓ ରୋଜାଲିନ୍ କାର୍ଯ୍ୟକ୍ରମକୁ ପରିଚାଳନା କରିବେ।

ଏଥିସହ ଥିମ୍‌ଭିତ୍ତିକ ସାଜସଜ୍ଜା, ସେଲ୍ଫି ପଏଣ୍ଟ, ବିଭିନ୍ନ ନୃତ୍ୟ ଓ ପୋଷାକ ପ୍ରତିଯୋଗିତା ସହ ଖାଦ୍ୟର ବ୍ୟବସ୍ଥା ରହିବା ସହ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର ଦିଆଯିବ। ପରିବାର, ଯୁବପିଢ଼ି ଓ ନୃତ୍ୟପ୍ରେମୀଙ୍କ ପାଇଁ ଏହା ଏକ ଭିନ୍ନ ପାର୍ବଣ ଅନୁଭୂତି ହେବ ବୋଲି ଆଜି ଶୁକ୍ରବାର ଅପରାହ୍ନରେ ନିଶାମଣି କନଭେନସନ ଆୟୋଜିତ ସାମ୍ବାଦିକ ସମ୍ମିଳନୀର ନିଶାମଣି କନଭେନସନର ପରିଚାଳନା ନିର୍ଦ୍ଦେଶକ ଦୀପକ ସାମନ୍ତରାୟ, କଟକ ମାରଓ୍ୱାଡି ସମାଜର ସଭାପତି ସଞ୍ଜୟ ଶର୍ମା, ରାଜୀବ ଚୋଧୁରୀ, ମୁଷ୍କାନ ଅଗ୍ରଓ୍ୱାଲ, ଆୟସୀ ଜୈନ ଏବଂ ଏଲୋରା ପ୍ରମୁଖ ଉପସ୍ଥିତ ରହି ଏଣ୍ଟ୍ରି ଟିକେଟକୁ ଉନ୍ମୋଚନ କରିଥିଲେ। ଏହି ଟିକେଟ ଡିଷ୍ଟ୍ରିକ୍ଟ ବାଏ ଜମାଟୋ ଏବଂ ବୁକ୍ ମାଇଁ ସୋ ଅନଲାଇନ୍ ଜରିଆରେ ଉପଲବ୍ଧ ହେଉଥିବା ବେଳେ ଅଫ୍‌ଲାଇନ୍‌ରେ ନିଶାମଣି କନ୍‌ଭେନ୍‌ସନ୍‌ରେ ଉପଲବ୍ଧ ହେବ ବୋଲି ଆୟୋଜକମାନେ କହିଛନ୍ତି।

## ନୂଆଦିଲ୍ଲୀରେ ଓଡ଼ିଶୀ ନୃତ୍ୟ ଉତ୍ସବ 'ଶରତ ସ୍ମୃତି'



**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ପଦ୍ମଶ୍ରୀ ଗୁରୁ ଗୀତା ମହାଲିକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରୋତ୍ସାହିତ ସାଂସ୍କୃତିକ ଅନୁଷ୍ଠାନ 'ଗୀତାସ୍ ଉପାସନା' ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରର ଷ୍ଟେଇନ୍ ପ୍ରେକ୍ଷାଳୟରେ ଗତ ସେପ୍ଟେମ୍ବର ୩୦ ତାରିଖରେ 'ଶରତ ସ୍ମୃତି' ନୃତ୍ୟ ଉତ୍ସବ ଆୟୋଜିତ ହୋଇଯାଇଛି। ଭାରତର ଜଣେ ବିଶିଷ୍ଟ ଓ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଗୁରୁ ଗୀତା ମହାଲିକଙ୍କୁ ପଦ୍ମଶ୍ରୀ ସମ୍ମାନ, କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଓ ଓଡ଼ିଶା ରାଜ୍ୟ ଏକାଡେମୀ ପୁରସ୍କାର ସମେତ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସାଂସ୍କୃତିକ ସନ୍ଧ୍ୟାରେ 'ଗୀତାସ୍ ଉପାସନା' ପକ୍ଷରୁ ଓଡ଼ିଶୀ ନୃତ୍ୟଶୈଳୀରେ ପ୍ରସ୍ତୁତ 'ଅଗ୍ନି' ନାମକ ଏକ ଗୀତିନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ଗୁରୁ ଗୀତା ମହାଲିକ ଓ ତାଙ୍କ ନୃତ୍ୟଦଳର କଳାକାରମାନଙ୍କ ଚମତ୍କାର ପରିବେଷଣ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। 'ଅଗ୍ନି' ବ୍ରହ୍ମାଣ୍ଡର ପଞ୍ଚମହାଭୂତ ମଧ୍ୟରୁ ଅନ୍ୟତମ ଏବଂ ହିନ୍ଦୁ ଦର୍ଶନରେ ଜୀବନ, ମୃତ୍ୟୁ ଓ ପୁନଃସୃଷ୍ଟିର ମୂଳ ତତ୍ତ୍ୱ ଭାବେ ପରିଗଣିତ। ପବିତ୍ର ଅଗ୍ନିକୁ ଜୀବନର ସମସ୍ତ ରୂପକୁ ଧାରଣ କରୁଥିବା ଏକ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଦେବତା ଭାବେ ପୂଜା କରାଯାଏ, ଯାହାର ବିଭିନ୍ନ ରୂପ ହେଉଛି ଜ୍ଞାନାଗ୍ନି, ପ୍ରେମାଗ୍ନି, କାମାଗ୍ନି ଓ କ୍ରୋଧାଗ୍ନି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ପର୍ଯ୍ୟଟନ ମନ୍ତ୍ରଣାଳୟର ମାନ୍ୟବର କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଶେଖାୱତ କହିଥିଲେ ଯେ, ମନ୍ଦିର ନୃତ୍ୟ ପରମ୍ପରା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଗଭୀର ଭାବେ ଜଡ଼ିତ ଓଡ଼ିଶୀ ନୃତ୍ୟ ଭାରତୀୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଏକ ମୁଖ୍ୟ ଅଂଶ। ଏହି ଅବସରରେ ମଞ୍ଚରେ ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ ଓ ପଦ୍ମଭୂଷଣ ଜତିନ ଦାସ ମଧ୍ୟ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଣ୍ଡିଆ ହାବିଟାଟ୍ ସେଣ୍ଟର ଓ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା। ଇଣ୍ଡିଆ ହାବିଟାଟ୍ ସେଣ୍ଟର, ନୂଆଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ଏସ୍.ଜି. ସୁରେଶ ସମସ୍ତ ପରିବେଷଣକାରୀ କଳାକାରଙ୍କ ସହିତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରଦା ପଛରେ କାର୍ଯ୍ୟ କରିଥିବା ବୈଷୟିକ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ।

### ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା

## 'ଜଙ୍ଗଲ, ଜମି ଓ ବେଳାଭୂମି ନିଲାମ କରିବାକୁ ଦିଆଯିବ ନାହିଁ'

**କଟକ,୨।୧୦/ଏନ୍ଏନ୍ଏସ୍:** ରାଜ୍ୟ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ରୁ ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ମାସବ୍ୟାପୀ ହେବାକୁ ଥିବା ଜନସମ୍ପର୍କ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଗାନ୍ଧୀ ଜୟନ୍ତୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ଅବସରରେ ଚୌଦ୍ୱାର–କଟକ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ବିଶେଷ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି, କୃଷକଙ୍କ ସମସ୍ୟା, ସାର ଯୋଗାଣରେ ବିଫଳତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ମହିଳାଙ୍କ ସୁରକ୍ଷାରେ ଟାଳଟୁଳ ନୀତି, ନିମ୍ନଗାମୀ ଶିକ୍ଷା ବ୍ୟବସ୍ଥା, ପାଠ୍ୟପୁସ୍ତକରେ ବ୍ୟାପକ ଅନିୟମତା ସମ୍ପର୍କିତ ସମସ୍ୟା, ସରକାରୀ ଲଗାମବିହୀନ ତ୍ରୁଟିପୂର୍ଣ୍ଣ ବାଲି ଘାଟ ପରିଚାଳନା ଏବଂ ଦିନ ଦ୍ୱିପ୍ରହରରେ ଖଣିଜ ସମ୍ପଦର ସୁନିୟୋଜିତ ଢଙ୍ଗରେ ଖଣି ମାଫିଆଙ୍କ ଦ୍ୱାରା ହରିଲୁଟ ସମ୍ପର୍କିତ ପ୍ରସଙ୍ଗ ଆଦି ଉପରେ ଜନସାଧାରଣଙ୍କ ସହ ମତବିନିମୟ ଓ ଜନସଚେତନତା କାର୍ଯ୍ୟକ୍ରମ କରାଯିବ। ଏମ୍ଏମ୍‌ଡିଆର ସଂଶୋଧନ ଆଇନ ୨୦୨୬କୁ ନେଇ ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଆର୍ଥିକ ଅଧିକାର ଓ ରାଜସ୍ୱ ସମ୍ପର୍କରେ ବିଜେଡି ଉଠାଇଥିବା ପ୍ରଶ୍ନଗୁଡ଼ିକ ଉପରେ ମଧ୍ୟ ଜନସଚେତନତା ସୃଷ୍ଟି କରାଯିବ। ଆଜିର ଜନ ସମ୍ପର୍କ ପଦଯାତ୍ରା ରେ



ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗ ଦେଇ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ କହିଲେ ଯେ ରାଜ୍ୟସରକାର କେନ୍ଦ୍ର ସରକାର ସହିତ ହାତ ମିଶାଇ ଏମ୍ଏମ୍‌ଡିଆର ଆକ୍ଟକୁ ସଂଶୋଧନ କରି ଓଡିଶା ର ସମସ୍ତ ଖଣିଜ ସମ୍ପଦକୁ ଲୁଟିବାକୁ ବସିଛନ୍ତି। ଓଡ଼ିଶା ପ୍ରତିବର୍ଷ ପାଖାପାଖି ୧୨୦୦ ବାରଶହ କୋଟି ହରାଇବା ସୁନିଶ୍ଚିତ। ଓଡ଼ିଶାର ଜଙ୍ଗଲ, ଜମି, ପାଣି, ଖଣି,ବେଳାଭୂମି ଆଦିକୁ କଦାପି ବିକ୍ରି କରିବାକୁ ଦିଆଯିବ ନାହିଁ ବୋଲି ସେ କହିଥିଲେ। ନୂଆବଜାର ନିକଟସ୍ଥ ପୋତାପୋଖରୀ ଗାନ୍ଧୀ ଆଶ୍ରମଠାରେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ଓ ଦିବ୍ୟାଙ୍ଗଙ୍କୁ ଫଳ ବଣ୍ଟନ କରାଯାଇଥିଲା। କଟକ ଜିଲ୍ଲା ବିଜେଡି ସଭାପତି ତଥା ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ମୁଖ୍ୟ ସଂଯୋଜକ ପ୍ରଫୁଲ୍ଲ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରା ନୂଆବଜାରରୁ ଆରମ୍ଭ ହୋଇ ମହାନଦୀ ବିହାରସ୍ଥିତ ସେଲିବ୍ରେସନ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ଶଶୀ ଭୂଷଣ ବେହେରା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା, ଡେପୁଟି ମେୟର ଦମୟନ୍ତୀ ମାଝୀ, ମିନତୀ ବେହେରା, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୟ ସାହୁ, ତାପସ ମହାନ୍ତି, ଜୟଦେବ ଜେନା, ସ୍ମୃତି ରଞ୍ଜନ ନାୟକ, ସୁମନ ବେହେରା, ପ୍ରଫୁଲ୍ଲ ବେହେରା, ମିତାଲି ଭଞ୍ଜ, ନନ୍ଦଲାଲ ସିଂହ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜ୍ୟୋତ୍ସ୍ନା ସୁବୁଦ୍ଧିରାୟ, ତୀର୍ଥନନ୍ଦ ସୁବୁଦ୍ଧିରାୟ, ପ୍ରଳୟା ବେଉରା, ତାପସ ସାମନ୍ତରାୟ, ନଳିନୀ ବେହେରା, ଝିଲ୍ଲୀ ବିହାରୀ, ନବ କିଶୋର ସ୍ୱାଇଁ ଓ ନିଶିତ କରଣ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ





**କଟକ,୨।୧୦/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ କଂଗ୍ରେସ କମିଟି ତରଫରୁ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ବିରିବାଟିଠାରେ ସଦର ବ୍ଲକ କଂଗ୍ରେସ ସଭାପତି ସୀତାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବକ୍ତାମାନେ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୀବନୀ ବିଷୟରେ ଆଲୋଚନା କରିବା ସହିତ ଆଜିର ସମାଜ ପାଇଁ ଗାନ୍ଧୀ ବାଦ ଯେ ନିହାତି ଜରୁରୀ, ସେ ବିଷୟ ରେ ଆଲୋକ ପାତ କରିଥିଲେ। କାର୍ଯ୍ୟକ୍ରମରେ କଟକ ସଦର ନିର୍ବାଚନ ମଣ୍ଡଳୀ ନେତା ରାମଚନ୍ଦ୍ର ଗୋଛାୟତ, ବରିଷ୍ଠ ଯୁବନେତା ଦିଲ୍ଲୀପ ମହାନ୍ତି, ମାନସ ପରିଡ଼ା, ନିର୍ମଳ ସ୍ୱାଇଁ, ଜୟନାରାୟଣ ତ୍ରିପାଠୀ, ସ୍ୱପ୍ନ କୁମାର ସ୍ୱାଇଁ, ଜୋନ୍ ସଭାପତି ଆଡଭୋକେଟ ସଞ୍ଜୟ ପରିଡ଼ା, ସର୍ ଓ୍ୱାର ଅଲ୍ଲୀ ଖାଁ, ମମତା ସିଂହ, ଦୀପ୍ତି ରଞ୍ଜନ ଲେଙ୍କା, ସରୋଜ ପ୍ରଧାନ, ନିହାର ରଞ୍ଜନ ନନ୍ଦ, ଆଲମାସ୍ ରାଗବି, ଆଲୋକ ଜେନା, ନାଜମର ହୁସେନ ଖାଁ, ନିରଞ୍ଜନ ସାହୁ, ଇଲୁ ସିଂହ, ସ୍ମୃତି ରଞ୍ଜନ ମହନ୍ତ, ଦିଲ୍ଲୀପ ସାମଲ, କୁମାରୀ ସାଇ ରାଜଲକ୍ଷ୍ମୀ, ଶରତ ଚନ୍ଦ୍ର ଦାସ, ଆଶିଷ କୁମାର ବର୍ମନ୍, ଦିଲ୍ଲୀପ କୁମାର ବାରିକ, ମହେଶ୍ୱର ମହନ୍ତ, ରାଜେଶ୍ ବେହେରା, ଜଗା ପଣ୍ଡା, ଦିବାକର ମୁଦୁଲି ଓ ମହମ୍ମଦ କସିମ୍ ଯୋଗ ଦେଇ ଥିଲେ। ଅକ୍ଷୟ ରାଉତରାୟ ଧନ୍ୟବାଦ୍ ଦେଇଥିଲେ।

**ସିବ୍‌ନାମ:** ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ)ର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ପରି ମିଶନ ରୋଡ଼ସ୍ଥ ରାଷ୍ଟ୍ର ଭାଷା ପ୍ରଚାର ସମିତି ପ୍ରାଙ୍ଗଣରେ ସ୍ଥାପିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ କରାଯାଇଛି। ସ୍ଥାନୀୟ କର୍ପୋରେଟର ଲିଜାରାଣୀ ରାଉତ ଓ 'ସିବନାମ'ର ମହାସଚିବ, ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ସ୍ୱାଧୀନ ଭାରତର ପ୍ରଥମ କର୍ଣ୍ଣଧାରଣଙ୍କ ସ୍ମୃତିଚାରଣ କରିଥିଲେ। ସିବନାମର ଉପାଧ୍ୟକ୍ଷ ଇଂ ବିଜୟ କୁମାର ପାତ୍ର ଓ ଲୋକ ସମ୍ପର୍କ ପ୍ରମୁଖ ବିପ୍ଳବ କୁମାର ବର ପ୍ରମୁଖ ଉପସ୍ଥିତ ଥିଲେ।

**ଆମ୍ବେଦକର ସ୍ମୃତି ପରିଷଦ:** ଆମ୍ବେଦକର ସ୍ମୃତି ପରିଷଦ ଓ ରାଜପଥ ଯାତ୍ରୀ ସୁରକ୍ଷା ମହାତ୍ମାଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ସେଠୀଙ୍କ ନେତୃତ୍ୱ ରେ ତେଲେଙ୍ଗାପେଣ୍ଠ ସ୍ଥିତ ଗାନ୍ଧୀ ସ୍ମୃତିପୀଠ ଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତିଟିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ବାଲିକୁଦା ସ୍ଥିତ କାର୍ଯ୍ୟାଳୟରେ ଦୁଇ ଜନନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରବୀନ୍ଦ୍ର କୁମାର ବେହେରା, ଅଟଳ କିଶୋର ଜେନା, ଚନ୍ଦନ ଭୋଇ, ସୁରେଶ କୁମାର ସ୍ୱାଇଁ, ଅନିମା ନାୟକ, ଚୁମୁକୀ ସେଠୀ, ଅଶୋକ କୁମାର ମଲ୍ଲିକ, ରୁନୁ ପ୍ରଧାନ ଓ ଜୁନେଦ୍ ଖାନ୍ ପ୍ରମୁଖ ଯୋଗ ଦେଇଥିଲେ।

**ମା' ସରସ୍ୱତୀ ଶିକ୍ଷା ମନ୍ଦିର:** ମାଛୁଆ ବଜାର ସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସବିତା ରାଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ପ୍ରାରମ୍ଭଠାରୁ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସହକାରୀ ଆଚାର୍ଯ୍ୟ ଲୋପାନୀ ସାହୁ, ନମିତା କୁମାରୀ ବେହେରା, ପ୍ରିୟଙ୍କା ସାହୁ, ପୂଜା ରାଣୀ ମହାପାତ୍ର, ସଙ୍ଗୀତା ବେହେରା, ଫରିଦା ଖାଟୁମ, ମଧୁସ୍ମିତା ସାହୁ ଓ ସେବିକା ଜୟନ୍ତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଗାନ୍ଧୀ ଦର୍ଶନ ସମସ୍ତଙ୍କ ଜୀବନର ଅଂଶବିଶେଷ ହେଉ'

### ଗାନ୍ଧୀ ସ୍ମୃତି ପୀଠରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ

**କଟକ,୨।୧୦/ଏନ୍ଏନ୍ଏସ୍:** ଗାନ୍ଧିଦର୍ଶନ ସମସ୍ତଙ୍କ ଜୀବନର ଅଂଶବିଶେଷ ହେଉ। ଐତିହାସିକ ଗାନ୍ଧୀ ସ୍ମୃତିପୀଠ ତେଲେଙ୍ଗାପେଣ୍ଠଠାରେ ଆୟୋଜିତ କଟକ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଟକ ଲୋକସଭା ସାଂସଦ ଡଃ. ଭର୍ତ୍ତୃହରି ମହତାବ ଏହା କହିଛନ୍ତି। ଗାନ୍ଧୀଜୀଙ୍କ ଜୀବନାଦର୍ଶକୁ ଦୈନନ୍ଦିନ ଜୀବନରେ ଅନୁପାଳନ ହେବ ଗାନ୍ଧୀଜୀଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଗାନ୍ଧିଜୀ କର୍ମ ଏବଂ କର୍ତ୍ତବ୍ୟ ପାଳନ ଉପରେ ବିଶ୍ୱାସ କରନ୍ତି କାରଣ ତାହା ନିଜକୁ ଆତ୍ମସନ୍ତୋଷ ପ୍ରଦାନ କରିବା ସହ ଅନ୍ୟମାନଙ୍କୁ ସନ୍ତୋଷ ପ୍ରଦାନ କରିଥାଏ। ଆମ ଦୈନନ୍ଦିନ ଜୀବନ ଶୈଳୀରେ ଖଦି ପରିଧାନ ଉପରେ ଗୁରୁତ୍ୱ ଦେଇ ବର୍ଷକୁ ଅତି କମରେ ଦୁଇ ଥର ଖଦି ବସ୍ତ୍ର କ୍ରୟ ତଥା ପରିଧାନ କରିବାକୁ ଶ୍ରୀ ମହତାବ ଆହ୍ୱାନ ଦେଇଛନ୍ତି। ବିଧାୟକ ପ୍ରକାଶ ସେଠୀଙ୍କ ସମେତ କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରଣ ଦୀପ କୌର ସହୋତା, ଅତିରିକ୍ତ



ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ମହାନଗର ନିଗମ ୫୯ନମ୍ବର ଓ୍ୱାର୍ଡ କର୍ପୋରେଟର ମମତା ମହାନ୍ତିଙ୍କ ଉପସ୍ଥିତିରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଜାତୀୟ ପତାକା ଉତୋଳନ କରାଯାଇଥିଲା। ଏହାପରେ ସର୍ବଧର୍ମ ପ୍ରଥନା ସଭାରେ କୃଷ୍ଣପ୍ରସାଦ ପାଢ଼ୀଙ୍କ ଦ୍ୱାରା ଗୀତା, ସନ୍ଦୀପ ନାୟକଙ୍କ ଦ୍ୱାରା ବାଇବେଲ ଓ ତାଜଉଦ୍ଦିନ ଖାନଙ୍କ ଦ୍ୱାରା କୋରାନ ପାଠ କରାଯିବା ସହିତ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀ ସ୍ମୃତି ପୀଠର ବରିଷ୍ଠ କାର୍ଯ୍ୟକର୍ତା ପୀତବାସ ମହାପାତ୍ର, ପ୍ରତାପ ରାଉତରାୟ, ନିହାର ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ରହି ଗାନ୍ଧୀଜୀଙ୍କ ଓଡ଼ିଶା ଅଗମନର ସ୍ମୃତି ଏବଂ ଗାନ୍ଧୀଜୀଙ୍କ ଆଦର୍ଶ ଓ ବାଣୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟମାନଙ୍କରେ ଆୟୋଜିତ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ରାମଧୁନ ପରିବେଷଣ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ କଟକ ମହାନଗର ନିଗମର ମିଳିତ ଆନୁକୁଲ୍ୟରେ ଆୟୋଜିତ ସଭାକାର୍ଯ୍ୟକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲୀ କୁଣ୍ଡ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବେଶ ସ୍ୱଚ୍ଛତା ନେଇ ଚିତ୍ରାଙ୍କନ ପ୍ରତିଯୋଗିତା



**କଟକ,୨।୧୦/ଏନ୍ଏନ୍ଏସ୍:** ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଦୟାମୟୀ ଚାରିଟେବୁଲ ଫାଉଣ୍ଡେସନ ପକ୍ଷରୁ କଟକ ମହାନଗର ନିଗମର ୫୧ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ବାଲିସାହିସ୍ଥିତ ସାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ପରିବେଶ ସ୍ୱଚ୍ଛତା ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥବରେ ଅଂଶଗ୍ରହଣ କରି କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସ୍ୱର୍ଣ୍ଣପ୍ରଭା ବେହେରା ପ୍ରତିଯୋଗିତାକୁ କରିଥିଲେ। ଫାଉଣ୍ଡେସନ୍‌ର ସଭାପତି ସ୍ୱର୍ଣ୍ଣଲତା ମିଶ୍ର, ଉପସଭାପତି ରାଜୀବ ଲୋଚନ ମିଶ୍ରଙ୍କ ସମେତ ଫକୀର କର, ସତ୍ୟଜିତ୍ ବେହେରା, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ପ୍ରଦୀପ ସାହୁ, ସୁକାନ୍ତ କୁମାର ସାହୁ, ଦେବେନ୍ଦ୍ର ବାରିକ, ନଳିନୀ କର, ଫେନା ମୁନି ଜେନା, ଜୟନ୍ତୀ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିସହ ଶିଶୁ ବିଦ୍ୟାମନ୍ଦିରର ଗୁରୁମା ଓ ଗୁରୁଜୀମାନେ ମଧ୍ୟ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ନିତିଦିନ NITIDIN



# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ସ୍ଥାନାନ୍ତର ଦାବି



**କୁଣ୍ଢେଇ,୨।୧୦/ଏନ୍ଏନ୍ଏସ୍:** କାକଟପୁର ବ୍ଲକର ଏକ ପ୍ରମୁଖ ରାସ୍ତାର ମଝିରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଶଙ୍କରେଶ୍ୱର ମନ୍ଦିରଠାରୁ ବନ୍ତି କେନାଲ ବନ୍ଧ ଦେଇ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ରାସ୍ତାରେ ଶ୍ରୀଚନ୍ଦନପୁର ଗ୍ରାମ ନିକଟରେ ପିଚୁ ରାସ୍ତାର ଠିକ୍ ମଝିରେ ଏହି ବିଦ୍ୟୁତ୍ ଖୁଣ୍ଟଟି ରହିଛି। ରାସ୍ତା ଓସାରିଆ କରାଯିବା ପରେ ଖୁଣ୍ଟଟିକୁ ସ୍ଥାନାନ୍ତର କରାଯାଇ ନଥିବାରୁ ଏହା ଯାତାୟାତରେ ବଡ଼ ବାଧକ ସାଜିଛି। ବିଶେଷ କରି ରାତି ସମୟରେ ଏବଂ ବର୍ଷା ଦିନେ ଏହି ଖୁଣ୍ଟ ଯୋଗୁଁ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଛି। ମୋଟର ସାଇକେଲ ଆରୋହୀ, ଅଟୋ ଓ ଚାରି ଚକିଆ ଗାଡ଼ି ଚାଳକ ହଠାତ୍ ଖୁଣ୍ଟଟିକୁ ଦେଖି ଭାରସାମ୍ୟ ହରାଉଛନ୍ତି, ଯାହାଫଳରେ ଧନଜୀବନ ହାନି ଘଟୁଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଲୋକ ଡାକ୍ତରଖାନା, ବିଦ୍ୟାଳୟ ଓ ବଜାରକୁ ଯିବା ଆସିବା କରନ୍ତି। ତେବେ ରାସ୍ତା ମଝିରେ ଥିବା ଏହି ମରଣଯନ୍ତା ଖୁଣ୍ଟକୁ ତୁରନ୍ତ ହଟାଇ ରାସ୍ତା କଡ଼କୁ ସ୍ଥାନାନ୍ତର କରିବାକୁ ଶ୍ରୀଚନ୍ଦନପୁର ସମେତ ଆଖପାଖ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ଓ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ମରଣଯନ୍ତା ପାଲଟିଛି ଧୋବା ସାହି ରାସ୍ତା



**କଣ୍ଟିଲୋ,୨।୧୦/ଏନ୍ଏନ୍ଏସ୍:** କଣ୍ଟିଲୋ ମୁଖ୍ୟ ବଜାର ଛକରୁ ଧୋବା ସାହିକୁ ଲମ୍ବିଥିବା ରାସ୍ତା ଦୀର୍ଘ ବର୍ଷ ହେଲା ବହୁ ଶୋଚନୀୟ, କଦର୍ଯ୍ୟ ଓ ମରଣଯନ୍ତା ସ୍ଥିତିରେ ପଡ଼ିରହିଛି। ଏହି ରାସ୍ତାର ନୂତନ ନିର୍ମାଣ କିମ୍ବା ମରାମତି ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ସ୍ଥାନୀୟ ବାସିନ୍ଦା ଏବଂ ନିୟମିତ ଯାତାୟାତ କରୁଥିବା ହଜାର ହଜାର ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା କଣ୍ଟିଲୋ ଗ୍ରାମ ପଞ୍ଚାୟତର ୧୦ ନଂ ଓ ୧୧ ନଂ ୱାର୍ଡ ଅନ୍ତର୍ଗତ ବୋଲି ସ୍ଥାନୀୟ ବାସିନ୍ଦା ସୂଚନା ଦେଇଛନ୍ତି। ଏହି ରାସ୍ତା ଦୀର୍ଘ ବର୍ଷ ହେଲା ସର୍ବସାଧାରଣ ଜନତା, ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ଚିକିତ୍ସିତ ରୋଗୀ, ବରିଷ୍ଠ ନାଗରିକ, ସାଇକେଲ, ମୋଟର ସାଇକେଲ, ତିନ ? ଚକିଆ ଓ ଚାରି ଚକିଆ ଗାଡ଼ି ଏବଂ ଦୈନନ୍ଦିନ ବଜାରକୁ ଯାତାୟାତ କରୁଥିବା ଅଧିବାସୀଙ୍କ ସମେତ ଗୃହପାଳିତ ଗାଈ, ଗୋରୁ, ବଳଦ, ପଣ୍ଡା, ମହିଷି, ଛେଳି, ମେଣ୍ଢା ପ୍ରଭୃତିଙ୍କ ପାଇଁ କାହିଁକି ଏପରି କଦର୍ଯ୍ୟ ହୋଇପଡ଼ିଛି ସେ ନେଇ ୧୧ ନଂ ୱାର୍ଡର ପ୍ରତିନିଧି ସନ୍ତୋଷ କୁମାର ସାହୁ ପ୍ରତିକ୍ରିୟା ଦେଇଛନ୍ତି। ବାରମ୍ବାର ପଞ୍ଚାୟତ ବୈଠକରେ ଆପତ୍ତି କରିବା ସହ ଖଣ୍ଡପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ସୁଦ୍ଧା କୌଣସି କାର୍ଯ୍ୟ ହେଉ ନଥିବା ସେ ପ୍ରକାଶ କରିଛନ୍ତି। ମୋବାଇଲ ଫୋନ ସଂଯୋଗ ହୋଇପାରି ନଥିବାରୁ ଏ ସମ୍ପର୍କରେ କଣ୍ଟିଲୋ ସରପଞ୍ଚଙ୍କ ମତାମତ ମିଳିପାରି ନାହିଁ। ତେବେ ଯଥାଶୀଘ୍ର ଏହି ରାସ୍ତାର ନୂତନ ନିର୍ମାଣ କିମ୍ବା ମରାମତି କରିବା ପାଇଁ କଣ୍ଟିଲୋ ସରପଞ୍ଚ ଓ ଖଣ୍ଡପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ସେଣ୍ଟ୍ ଆର୍ନୋଲ୍ଡସ୍ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ

**ମୁଣ୍ଡମୁହାଣ,୨।୧୦/ଏନ୍ଏନ୍ଏସ୍:** ଗାନ୍ଧୀ ଜୟନ୍ତୀ ଅବସରରେ କଳିଙ୍ଗ ବିହାରସ୍ଥିତ ସେଣ୍ଟ ଆର୍ନୋଲ୍ଡସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଓ କୋଷାଧ୍ୟକ୍ଷ ଫାଦର୍ ସାଜି ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ନିଜର ଶ୍ରଦ୍ଧା ନିବେଦନ କରିବା ସହ ସମସ୍ତେ ଏକତ୍ରିତ ହୋଇ ଗାନ୍ଧିଜୀଙ୍କ ପ୍ରିୟ ଭଜନ 'ରଘୁପତି ରାଘବ ରାଜାରାମ' ସମବେତ କଣ୍ଠରେ ଗାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉତ୍ସାହର ସହିତ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟ ପରିସରକୁ ସଫା କରିବା ସହ 'ସ୍ୱଚ୍ଛତା କେବଳ ଏକ ଦିନର ଅଭିଯାନ ନୁହେଁ, ଏହା ଆମର ଦୈନନ୍ଦିନ ଦାୟିତ୍ୱ' ବୋଲି ବାର୍ତ୍ତା ଦେଇଥିଲେ। ସ୍ୱଚ୍ଛ ପରିବେଶ ହିଁ ସୁସ୍ଥ ଓ ସୁନ୍ଦର ସମାଜର ମୂଳ ଆଧାର ବୋଲି ସେମାନେ ମତ ପ୍ରକାଶ କରିଥିଲେ। ମହାତ୍ମା ଗାନ୍ଧୀ ସର୍ବଦା ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗୁରୁତ୍ୱ ଦେଇଥିବା ବେଳେ ତାଙ୍କର ସ୍ୱଚ୍ଛ ଓ ସୁସ୍ଥ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକା ଆବଶ୍ୟକ। ସେଣ୍ଟ ଆର୍ନୋଲ୍ଡସ୍ ବିଦ୍ୟାଳୟର ଏହି ପଦକ୍ଷେପ ସ୍ୱଚ୍ଛତା ପ୍ରତି ସମାଜରେ ସଚେତନତା ଓ ଦାୟିତ୍ୱବୋଧ ସୃଷ୍ଟି କରିବାରେ ଏକ ପ୍ରଶଂସନୀୟ ପ୍ରୟାସ ବୋଲି ଆଲୋଚନା ହୋଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




**ଅସ୍ତରଙ୍ଗ,୨।୧୦/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକରେ ମହାତ୍ମା ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳର ପ୍ରଥମ ପର୍ଯ୍ୟାୟ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବ୍ଲକ୍ ବିଜୁ ଜନତା ଦଳ ସଭାପତି ପଞ୍ଚାନନ ସ୍ୱାଇଁଙ୍କ ନେତୃତ୍ୱରେ ଅସ୍ତରଙ୍ଗ ମା' ଉପୁଳେଇ ଛକରୁ ଏକ ବିରାଟ ମୋଟର ସାଇକେଲ ପଟୁଆର ବାହାରି କୁହୁଡ଼ିସ୍ଥିତ ଲବଣ ସତ୍ୟାଗ୍ରହ ମହାତ୍ମା ଗାନ୍ଧୀଙ୍କ ସ୍ମୃତିପୀଠରେ ପହଞ୍ଚିଥିଲା। ସେଠାରେ ଗାନ୍ଧୀଜୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ପଦଯାତ୍ରାଟି ଅସ୍ତରଙ୍ଗ ବଜାର ଦେଇ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଉପୁଳେଇ ଠାରେ ବହୁ ମହିଳା ସଂଗଠନ ଏକତ୍ରିତ ହୋଇ ପୂର୍ବତନ ଗୃହ ରାଷ୍ଟ୍ରମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ବିଜୁ ଜନତା ଦଳର ପୂର୍ବ ସରକାର ସମୟର ସ୍ୱଚ୍ଛତା, ଜନହିତକର ଯୋଜନା ଓ ବିକାଶକୁ ପ୍ରାଧାନ୍ୟ ଦେଇ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପରାମର୍ଶ ଦିଆଯାଇଥିଲା। କାକଟପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ନେତୃତ୍ୱଙ୍କୁ ନେଇ ସଙ୍ଗଠନକୁ ସୁଦୃଢ଼ କରାଯାଉଥିବାରୁ ତାହା ନବୀନଙ୍କ ନେତୃତ୍ୱ ପ୍ରତି ବଳ ଯୋଗାଉଛି। ସ୍ୱର୍ଗତ ସୁରବାବୁଙ୍କ ଅତୀତ ରାଜନୀତିର ରଣକୌଶଳକୁ ତୁଷାର ଓ ସ୍ୱାଧୀନ ଚତୁରତାର ସହିତ ଆପଣାଇ ବିରୋଧୀଙ୍କୁ ଦଳୀୟ ରଣକୌଶଳରୁ ଦୂରେଇ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି। ନବୀନଙ୍କ ସଫଳତାର ଶ୍ରେୟ ଯେମିତି କର୍ମୀମାନେ ଭୁଲି ନ ଯାଆନ୍ତି, ସେଥିପାଇଁ ପଞ୍ଚାୟତ ସ୍ତରରେ ଜିଲ୍ଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ-ସଭ୍ୟା, ୱାର୍ଡ ସଭ୍ୟ-ସଭ୍ୟାମାନେ କର୍ମୀମାନଙ୍କ ସହିତ ଯୋଡ଼ି ହୋଇ ରହିବାକୁ ଦଳୀୟ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଗଦାଧର ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ସାଇରଞ୍ଜନ ପ୍ରଧାନ, ଜିଲ୍ଲା ସମ୍ପାଦକ ପୁରନ୍ଦର ବିଶ୍ୱାଳ, ବ୍ଲକ ଯୁବ ବିଜୁ ଜନତା ଦଳ ସଭାପତି ପ୍ରଶାନ୍ତ କୁମାର ନାୟକ, ୧ ନଂ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ ନଂ ଜିଲ୍ଲା ପରିଷଦ ସଭ୍ୟା ବନିତା ବେହେରା, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ କୁଞ୍ଜ ବିହାରୀ ପ୍ରଧାନ, ପୂର୍ବତନ ସାଂସଦ ପ୍ରତିନିଧି ଚମ୍ପକ ବାରିକ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ସରପଞ୍ଚ ଖିରୋଦ କାଣ୍ଡି, ବୃନ୍ଦାବନ ନାୟକ, ଯଶୋବନ୍ତ ନାୟକ, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ସଭ୍ୟା ଆରତୀ କାଣ୍ଡି, ମନ୍ଦାକିନୀ ଛାଟୋଇ, ବାବୁରାମ ମଲିକଙ୍କ ସମେତ ସମସ୍ତ ଦଳ ସମର୍ଥିତ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ବିଜୁ ଛାତ୍ର ଜନତା, ବିଜୁ ଯୁବ ଜନତା ଓ ନେତୃବୃନ୍ଦଙ୍କ ସହ ୧ ହଜାରରୁ ଅଧିକ କର୍ମୀ ସାମିଲ ହୋଇଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଅଭିଯୋଗ

**ବଲଙ୍ଗା,୨।୧୦/ଏନ୍ଏନ୍ଏସ୍:** ବଲଙ୍ଗା ଥାନା ଅନ୍ତର୍ଗତ ଦାଶ ପୁରୁଷୋତ୍ତମପୁର ଅଙ୍ଗନୱାଡ଼ି କେନ୍ଦ୍ରରୁ ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଲଙ୍ଗା ପୁଲିସ ପକ୍ଷରୁ ଥାନାରେ ୨୯୫/୨୬ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ କାବେରୀ କର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ବୁଧବାର ଦିନ କାର୍ଯ୍ୟ ସାରି ସେ ଅଙ୍ଗନବାଡ଼ି କେନ୍ଦ୍ରକୁ ତାଲା ପକାଇ ଘରକୁ ଆସିଥିଲେ। ଗୁରୁବାର ଦିନ କେନ୍ଦ୍ରକୁ ଯିବା ସମୟରେ କେନ୍ଦ୍ରର କବାଟ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ପରେ ଘର ଭିତରକୁ ଯିବାରେ ଭିତରେ ଥିବା ରୋଷେଇ ଓ ବଣ୍ଟନ ପାଇଁ ରଖାଯାଇଥିବା ସମସ୍ତ ଅଣ୍ଡା ପେଟି, ଗ୍ୟାସ ଟାଙ୍କି, ସଂଗଣକ ପରଦା, କି ବୋର୍ଡ, କ୍ୟାମେରା ସେଟ, ଇନଭର୍ଟର ସହ ପିଲାଙ୍କର ୨ଟି ଟେବୁଲକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ପୂର୍ବରୁ ଏହି କେନ୍ଦ୍ରରୁ ଅନୁରୂପ ଭାବେ ୩ ଥର ଚୋରି ହୋଇଥିବା ବେଳେ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଧରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ



**ବାଣପୁର,୨।୧୦/ଏନ୍ଏନ୍ଏସ୍:** ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ବାଣପୁର ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ବାଲୁଗାଁସ୍ଥିତ ବରିଷ୍ଠ ନାଗରିକ ଆବାସ ଗୃହ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ମତ ବିନିମୟ କରିଛନ୍ତି। ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସରକାରୀ ସହାୟତା ସମ୍ବନ୍ଧୀୟ ବିଭିନ୍ନ ଆଇନ ବିଷୟରେ ଆଲୋକପାତ କରିବା ସହ ସେମାନେ ସମାଜର ମୂଳଦୁଆ ଏବଂ ସେମାନଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ସମ୍ପ୍ରତି ବିଭିନ୍ନ ସ୍ଥାନରେ ବରିଷ୍ଠ ନାଗରିକମାନଙ୍କୁ ହେଉଥିବା ଉପେକ୍ଷା ଓ ନିର୍ଯାତନାର ପ୍ରତିକାର ପାଇଁ ସମ୍ବିଧାନରେ ଥିବା ଏକାଧିକ ଆଇନ ବିଷୟରେ ସେ ଅନ୍ତେବାସୀଙ୍କୁ ବୁଝାଇଥିଲେ। କୌଣସି ଅନ୍ତେବାସୀ ସରକାରୀ ସହାୟତା କିମ୍ବା ଆଇନଗତ ଅଧିକାରରୁ ବଞ୍ଚିତ ହେଲେ, ଆବାସ ଗୃହର ପରିଚାଳକଙ୍କ ଜରିଆରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ନିର୍ଦ୍ୱନ୍ଦ୍ୱରେ ଅଭିଯୋଗ କରିପାରିବେ ବୋଲି ସେ କହିଥିଲେ। ଏଥିସହ ସେ ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝି ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମୁଖ କାର୍ଯ୍ୟାଳୟ ଧାରକ ଶାନ୍ତନୁ ମହାପାତ୍ର ଯୋଗଦେଇଥିଲେ। ଅନୁରୂପ ଭାବେ ବାଣପୁର ବ୍ଲକ ସଭାଗୃହରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆୟୋଜିତ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଅଧିନିୟମ, କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଅଧିନିୟମ, ପୀଡ଼ିତା କ୍ଷତିପୂରଣ ଆଇନ ଏବଂ ମୌଳିକ କର୍ତ୍ତବ୍ୟ ଉପରେ ଆଧାରିତ ଆଇନ ସଚେତନତା କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର ଶିଶୁମାନଙ୍କ ଉପରେ ହେଉଥିବା ବିଭିନ୍ନ ଅପରାଧ, ଯୌନ ନିର୍ଯାତନା, ହିଂସା, ଯୌନ ଉଦ୍ଦୀପକ ଚିତ୍ର ପ୍ରକାଶନ, ବିତରଣ ଓ ତାହାକୁ ନିଜ ପାଖରେ ରଖିବା ଦଣ୍ଡନୀୟ ଅପରାଧ ବୋଲି ବିସ୍ତୃତ ବିବରଣୀ ଦେଇଥିଲେ। ଶିଶୁଙ୍କ ବିରୁଦ୍ଧରେ ହେଉଥିବା ହିଂସାକୁ ଲୁଚାଇବା ଏବଂ ସେମାନଙ୍କ ପରିଚୟ ପ୍ରକାଶ କରିବା ମଧ୍ୟ ଆଇନଗତ ଅପରାଧ ବୋଲି ପ୍ରକାଶ କରିବା ସହ ପୀଡ଼ିତଙ୍କ କ୍ଷତିପୂରଣ ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଣପୁର ଓକିଲ ସଂଘ ସଭାପତି ଜଗନ୍ନାଥ ଭୋଳ, ଉପ ସଭାପତି ନିରୋଜ ମହାନ୍ତି, ସହ ସମ୍ପାଦକ ନରେନ୍ଦ୍ର ନାୟକ, ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଡା ଏବଂ ଅନ୍ୟ ଓକିଲମାନେ ଯୋଗଦେଇଥିଲେ।

# ଶ୍ରମିକ ନେତା ବିଦ୍ୟାଧର ବାରିକଙ୍କ ସ୍ମୃତି ସଭା



**ବାଲିଅନ୍ତା,୨।୧୦/ଏନ୍ଏନ୍ଏସ୍:** ବିଶିଷ୍ଟ ଶ୍ରମିକ ନେତା ତଥା ହିନ୍ଦ ମଜଦୁର ସଭାର ପୂର୍ବତନ ସକ୍ରିୟ ସଭାପତି ବିଦ୍ୟାଧର ବାରିକଙ୍କ ୮ମ ସ୍ମୃତି ସଭା ଭୁବନେଶ୍ୱରସ୍ଥିତ ୟୁନିଅନ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ସ୍ମୃତି ସଭାରେ ହିନ୍ଦ ମଜଦୁର ସଭାର ରାଜ୍ୟ ସଭାପତି ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ହିନ୍ଦ ମଜଦୁର ସଭାର ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ ଶଙ୍କର ବେହେରା, ଅନ୍ୟ ନେତୃବୃନ୍ଦ ପ୍ରଭାକର ପଲେଇ, ପ୍ରଦୀପ କୁମାର ନାୟକ, ନବକିଶୋର, କାର୍ଯ୍ୟକାରୀ ସଭାପତି ବିରଜାକିଙ୍କର ନାୟକଙ୍କ ସମେତ ହିନ୍ଦ ମଜଦୁର ସଭାର ବିଭିନ୍ନ ୟୁନିଅନ ପକ୍ଷରୁ ଶତାଧିକ ଶ୍ରମିକବନ୍ଧୁ ଯୋଗଦେଇଥିଲେ। ବିଦ୍ୟାଧର ବାବୁ ଶ୍ରମିକ ଜଗତ ପାଇଁ ବନ୍ଧୁ ସଦୃଶ ଥିଲେ ଏବଂ ବିଭିନ୍ନ ଆନ୍ଦୋଳନରେ ଯୋଗଦେଇ ଶ୍ରମିକମାନଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିଚାଲିଥିଲେ। ଭବିଷ୍ୟ ନିଧି (ପିଏଫ୍) ଓ କର୍ମଚାରୀ ରାଜ୍ୟ ବୀମା (ଇଏସଆଇ) ସହ ସମ୍ପୃକ୍ତ କର୍ମଚାରୀଙ୍କୁ ନ୍ୟାୟ ଦେବା ପାଇଁ ସେ ସଦାସର୍ବଦା ଲଢ଼େଇ କରିବା ସହ ଶ୍ରମିକମାନଙ୍କୁ ଶିକ୍ଷା ଓ ତାଲିମ ଦେବାରେ ସଦା ଚେଷ୍ଟା ରଖିଥିଲେ ବୋଲି ବକ୍ତାମାନେ ମତ ଦେଇଥିଲେ। ଆଜି ତାଙ୍କ ଅଭାବରେ ସମଗ୍ର ଓଡ଼ିଶାରେ ହିନ୍ଦ ମଜଦୁର ସଭା ୟୁନିଅନର ପ୍ରଭୂତ କ୍ଷତି ହୋଇଛି ବୋଲି ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଥିଲେ। ଶେଷରେ ତାଙ୍କର ସୁପୁତ୍ର ତଥା ୟୁନିଅନର ସମ୍ପାଦକ ମନୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ବାପୁକୁଟୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି



**ବୋଲଗଡ଼,୨।୧୦/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ସଦର ମୁଖ୍ୟାଳୟସ୍ଥିତ ଖଦିକେନ୍ଦ୍ର ତଥା ଗାନ୍ଧୀପୀଠଠାରେ ଜାତିର ଜନକ ଗାନ୍ଧିଜୀ ଓ ପରମ ଦେଶପ୍ରେମୀ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ଅବସରରେ ନାରାୟଣ ସେବା ସଂଘ (ବାପୁକୁଟୀ)ର ୩୨ତମ ପ୍ରତିଷ୍ଠା ଦିବସ ଆନୁକୂଲ୍ୟରେ ଶୁକ୍ରବାର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସେବା ସଂଘ ପକ୍ଷରୁ ପ୍ରାତଃ ସମୟରେ ପ୍ରଭାତ ଫେରି, ଗାନ୍ଧିଜୀଙ୍କ ପ୍ରିୟ ଭଜନ, ରାମଧୁନ, ଗାନ୍ଧୀପୀଠ ସଫେଇ ସହିତ ନିଶା ନିବାରଣ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ନାରାୟଣ ସେବା ସଂଘର ସଭାପତି ସୁନିଲ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପସଭାପତି ଯତୀନ ମହାନ୍ତି ଯୋଗଦେଇ ଗାନ୍ଧିଜୀଙ୍କ ନିଶାମୁକ୍ତ ଭାରତ ଗଠନର ସ୍ୱପ୍ନକୁ ବାସ୍ତବରେ ସାକାର କରିବାକୁ ପରାମର୍ଶ ଦେବା ସହ ସମାଜରୁ ନିଶା ଦୂରୀଭୂତ ହେଲେ ରାମରାଜ୍ୟ ଗଠନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଦସ୍ୟା ଶ୍ରୀମତୀ ଜୟଶ୍ରୀ ମହାପାତ୍ର ଯୋଗଦେଇ ସମାଜରେ ନାରୀର ଶ୍ରେଷ୍ଠତ୍ୱ, ସୁରକ୍ଷା, ଆଚରଣ ଓ ଉଚ୍ଚାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରକ୍ତ ସୁରକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଦେବାଶିଷ ମିଶ୍ର, ସେବା ସଂଘ ସମ୍ପାଦକ ଗୌରାଙ୍ଗ ଚମ୍ପତି, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ନିର୍ମଳା ପ୍ରଧାନ ଓ ପ୍ରାକ୍ତନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ଯୋଗଦେଇ ଉଭୟ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ, ଶିକ୍ଷାବିତ୍ ଗୋପୀନାଥ ଖାଡ଼ଙ୍ଗା, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଲଲାଟେନ୍ଦୁ କେଶରୀ ସିଂହ, ହରିବନ୍ଧୁ ସାହୁ, ହରିହର ସାହୁ, ବିନୋଦ ବିହାରୀ ରାମ, ଦେବ ପ୍ରସାଦ ସାହୁ, କୈଳାସ ଚନ୍ଦ୍ର ତ୍ରିପାଠୀ, ଗୁରୁକୃଷ୍ଣ ଦୁଃଖାନନ୍ଦ ସାମନ୍ତରାୟ ଓ ସନ୍ତୋଷ ବୈରିଗଞ୍ଜନ ଉପସ୍ଥିତ ରହି ଦ୍ୱୟ ମହାପୁରୁଷଙ୍କ ଆଦର୍ଶ ଓ ସଚ୍ଚୋଟତାର ମାର୍ଗରେ ଅନୁପ୍ରାଣିତ ହେବାକୁ ବାର୍ତ୍ତା ଦେଇଥିଲେ। ଏଥିସହ ଅମୃତ କଳସ ଗ୍ରହୀତା ଛାୟା ନାୟକ, ସୁଜାତା ଘଡ଼େଇ, ସବିତା ବଳିଆରସିଂହଙ୍କ ସମେତ ୮ ଜଣ ଗରିବ ନିରୀହ ବ୍ୟକ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ସେବା ସଂଘ ପକ୍ଷରୁ ତାରାମଣି ଜେନା, ସୁବର୍ଣ୍ଣ ଜେନା, ପାର୍ବତୀ ମଙ୍ଗରାଜ, ସସ୍ମିତା ଖଟୁଆ, କୁନି ପଟ୍ଟଯୋଶୀ, ସମ୍ବାରୀ ଫତେସିଂହ, ଶରତ ଜେନା, ମିନତୀ ସେଠୀ, ଅହଲ୍ୟା ସିଂହ, ପୁନି ପ୍ରଧାନ ଓ ନବ ପ୍ରଧାନଙ୍କ ସମେତ ୧୯ ଜଣଙ୍କୁ ବର୍ଷତମାମ ନାରାୟଣ ଅନ୍ନ ପ୍ରସାଦ ସେବାରେ ସାମିଲ କରାଯାଇଛି। ପରିଶେଷରେ ସମ୍ପାଦକ ଶ୍ରୀ ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ। ଅପରପକ୍ଷରେ ଚୁଡ଼ାସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆମ ଆଦିମ ଦଳ ଥା ଯୁବଗୋଷ୍ଠୀ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି।

# ରାସନ୍ ଚାଉଳ ନେବାକୁ ଆସି ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ

**ଖଣ୍ଡପଡ଼ା,୨।୧୦/ଏନ୍ଏନ୍ଏସ୍:** ରାସନ ଚାଉଳ ନେବାକୁ ଆସିଥିବା ସମୟରେ ଜଣେ ବୃଦ୍ଧଙ୍କର ଆକସ୍ମିକ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତ ଅଧୀନ ପୁଆଣିଆ ଗ୍ରାମର ଯୁଧିଷ୍ଠିର ବରାଡ଼ (୬୫)। ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ସେ ରାସନ ଚାଉଳ ନେବା ପାଇଁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ସେଠାରେ ହଠାତ୍ ମୁଣ୍ଡ ବୁଲାଇବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଜନସାଧାରଣ ଓ ଖଳିସାହି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ପାଇଁ ନିକଟସ୍ଥ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ବୃଦ୍ଧଙ୍କ ଆକସ୍ମିକ ବିୟୋଗରେ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି।

# ନୟାହାଟ ଅଞ୍ଚଳରେ ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ

**ନୟାହାଟ,୨।୧୦/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅଞ୍ଚଳରେ ଗତ କିଛି ଦିନ ହେଲା ନକଲି ସାମ୍ବାଦିକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। କୌଣସି ଖବରକାଗଜରେ କାମ ନକରି ବାଇକରେ ପ୍ରେସ ଲେଖି ବୁଲିବା, ଫାଣ୍ଡିକୁ ଯାଇ ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେବା ଏବଂ ସାଧାରଣ ଜନତାଙ୍କୁ ଧମକାଇ ଶୋଷଣ କରିବା ନେଇ ଗୁରୁତର ଅଭିଯୋଗ ଆସୁଛି। ଏଥିସହିତ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ସାମ୍ବାଦିକ ପରିଚୟ ଦେଇ ସେଠାରୁ ବେଆଇନ ଭାବେ ନିଜର କାମ ହାସଲ କରିବା ଏବେ ସ୍ଥାନୀୟ ଅଞ୍ଚଳରେ ଏକ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କେତେଜଣ ନିଜକୁ ସାମ୍ବାଦିକ ବୋଲି କହୁଛନ୍ତି ସତ, ମାତ୍ର ସେମାନଙ୍କ ପରିଚୟ ପତ୍ର ସେ ଦେଖିନାହାନ୍ତି। ଯଦି ସେମାନେ ନକଲି ସାମ୍ବାଦିକ ହୋଇଥିବେ କିମ୍ବା କୌଣସି ସାଧାରଣ ଜନତାଙ୍କୁ ସାମ୍ବାଦିକ ପରିଚୟ ଦେଇ ଠକୁଥିବେ, ତେବେ ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ପୁଲିସର କାର୍ଯ୍ୟାନୁଷ୍ଠାନ ଭୟରେ ନକଲି ସାମ୍ବାଦିକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି।

# 'ମହାପ୍ରଭୁଙ୍କ ଜମି ଉପରେ ଲୋଲୁପ ଦୃଷ୍ଟି ପକାଇଲେ ନାହିଁ ନିସ୍ତାର'

**ପୁରୀ,୨।୧୦/ଏନ୍ଏନ୍ଏସ୍:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୂଲ୍ୟ ଜମି ଓ ଦେବୋତ୍ତର ସମ୍ପତ୍ତିର ସୁରକ୍ଷା ଦିଗରେ କଟକସ୍ଥିତ ରାଜସ୍ୱ ପର୍ଷଦ (ବୋର୍ଡ ଅଫ୍ ରେଭେନ୍ୟୁ) ପକ୍ଷରୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ରାୟ ପ୍ରଦାନ କରାଯାଇଛି। ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ (ଓ.ଏସ୍.ଏସ୍.) କେସ୍ ନଂ. ୬୫୮/୨୦୨୨ରେ ମାମଲାର ଶୁଣାଣି କରି ରାଜସ୍ୱ ପର୍ଷଦ, ମହାପ୍ରଭୁଙ୍କ ନାମରେ ପୁରୀର ତାଳବଣିଆ/କୁଣ୍ଢେଇବେଣ୍ଟ ସାହି ମୌଜାରେ ଥିବା ଏକ ମୂଲ୍ୟବାନ ଜମି ସମ୍ବନ୍ଧୀୟ ରିଭିଜନ ପିଟିସନକୁ ଖାରଜ କରିଦେଇଛନ୍ତି। ରାଜସ୍ୱ ବୋର୍ଡ ନିଜ ଆଦେଶରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ସମ୍ପତ୍ତି ମୂଳତଃ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତମଣୋହି ସମ୍ପତ୍ତି ଭାବେ ରେକର୍ଡଭୁକ୍ତ ଥିଲା। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିବା ପରବର୍ତ୍ତୀ ସମସ୍ତ କାରବାରଗୁଡ଼ିକ ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ, ୧୯୫୫ର ଧାରା ୧୬(୨) ଅନୁଯାୟୀ ଆବଶ୍ୟକୀୟ ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ନେଇଥିବାର କୌଣସି ବୈଧ ପ୍ରମାଣ ନାହିଁ। ତେଣୁ ବୋର୍ଡ ପକ୍ଷରୁ ଏହି ବିବାଦୀୟ ମାମଲାରେ ପୂର୍ବରୁ ପ୍ରଦାନ କରାଯାଇଥିବା ଆଦେଶ ଏବଂ ଆବେଦନକାରୀଙ୍କ ନାମରେ ଥିବା ନଟ୍-ଫାଇନାଲ୍ ରେକର୍ଡ ଅଫ୍ ରାଇଟ୍ସକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି।

ଏହି ସ୍ୱତନ୍ତ୍ର ରାୟ ପ୍ରକାଶ ପାଇବା ପରେ ବିବାଦୀୟ ଭୂ-ସମ୍ପତ୍ତି ପୁନର୍ବାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିଜସ୍ୱ ସମ୍ପତ୍ତିରେ ସାମିଲ ହେବାକୁ ଯାଉଛି। ରାଜସ୍ୱ ବୋର୍ଡ ଉକ୍ତ ଜମିକୁ ଅମୃତମଣୋହି ସମ୍ପତ୍ତି ଭାବେ 'ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ୍ ମନ୍ଦିର ପରିଚାଳନା କମିଟିଙ୍କ ନାମରେ ସମ୍ପୂର୍ଣ୍ଣ ରେକର୍ଡଭୁକ୍ତ କରିବା ପାଇଁ ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସମ୍ପୃକ୍ତ ସାବିକ ଖାତାରେ ଥିବା ଅବଶିଷ୍ଟ ଅନ୍ୟ ସମସ୍ତ ସମ୍ପତ୍ତିକୁ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଅନ୍ତର୍ଭୁକ୍ତ କରିବା ଦିଗରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଜାରି କରାଯାଇଛି। ଅନ୍ୟପଟେ ରାଜସ୍ୱ ବୋର୍ଡଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟକୁ ସ୍ୱାଗତ କରିବା ସହ ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା, ସଠିକ୍ ରେକର୍ଡ ସଂରକ୍ଷଣ ଓ ଆଇନଗତ ସୁରକ୍ଷା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ତତ୍ପର ଓ ପ୍ରତିବଦ୍ଧ ରହିଆସିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ମହାପ୍ରଭୁଙ୍କ ସମ୍ପତ୍ତିର ସୁରକ୍ଷା ଏବଂ ସରକାରୀ ରେକର୍ଡରେ ଆବଶ୍ୟକ ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କ ସୁଚାରୁ ତତ୍ତ୍ୱାବଧାନରେ ପୁରୀ ତହସିଲଦାରଙ୍କ ଦ୍ୱାରା ଆଇନଗତ ରେକର୍ଡ ସଂଶୋଧନ କାର୍ଯ୍ୟ କରାଯିବ। ମହାପ୍ରଭୁଙ୍କ କୌଣସି ବି ସମ୍ପତ୍ତିର ବେଆଇନ ହସ୍ତାନ୍ତର, ବେଆଇନ ଦଖଲ, ଜମି ମାଫିଆଙ୍କ ଦ୍ୱାରା ହଡ଼ପ ଚେଷ୍ଟା କିମ୍ବା ଅନ୍ୟ କୌଣସି ଅନିୟମିତତାକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତ୍ୟେକଟି ଜମିର ସୁରକ୍ଷା ଓ ବେଆଇନ କବ୍‌ଜାରୁ ପୁନରୁଦ୍ଧାର ପାଇଁ ଆଇନ ଅନୁଯାୟୀ ସମସ୍ତ ଦୃଢ଼ ଓ ଆବଶ୍ୟକ ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସ୍ପଷ୍ଟ ଚେତାବନୀ ଦେଇଛନ୍ତି।

# ମାହାଙ୍ଗା ବିଧାୟକଙ୍କ ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା



**ମାହାଙ୍ଗା,୨।୧୦/ଏନ୍ଏନ୍ଏସ୍:** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ଓ ପଦଯାତ୍ରା କଇଥା ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମ ପରିସରରେ ପାଳିତ ହୋଇଛି। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ନିଜର ଦଳୀୟ ସମର୍ଥକଙ୍କ ଗହଣରେ ଶିକ୍ଷାଶ୍ରମ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଜିର ଯୁବ ପିଢି ଓ ଛାତ୍ରଛାତ୍ରୀ ମାନେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଦେଶର ପ୍ରଗତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ବିରାଟ ପଟୁଆରରେ କଇଥା ଆଶ୍ରମ ଠାରୁ ତ୍ରିରଙ୍ଗା ପଦଯାତ୍ରାରେ ବାହାରି ୪ କିମି ଦୂର ଭୋଳିଦାସପୁର ବିରୂପା ନଦୀକୂଳ ପର୍ଯ୍ୟନ୍ତ ଯାଇ ଜନ ସାଧାରଣ ମାନଙ୍କୁ ଗାନ୍ଧିଜୀଙ୍କ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଶତପଥି ,ପନ୍ନଗ ଭୂଷଣ ଦାସ, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ଅଶୋକ ଓଝା, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ଅରୁଣ ସେଠୀ, ନିର୍ମଳ ରାଉତ, ମନୋରଞ୍ଜନ ବିଶ୍ୱାଳ, ପ୍ରକାଶ ନାୟକ,ଅରବିନ୍ଦ ମହାନ୍ତି, ଦିଲ୍ଲୀପ ସାହୁ, କିଶୋର ରାଉତ, ମନୋରଞ୍ଜନ ନାୟକ, ସୁରେନ୍ଦ୍ର ମହାନ୍ତି, ଗୌତମ ଶତପଥି, ପ୍ରମୋଦ ସ୍ୱାଇଁ, ଅଶୋକ ବେହେରା, ସମ୍ବିତ ମହାନ୍ତି, ପ୍ରଦୀପ୍ତ ସାହୁ, ମହେନ୍ଦ୍ର ବେହେରା, ସଞ୍ଜୟ ବେହେରା, ଜ୍ଞାନରଞ୍ଜନ ରାଉତ, ଗୌତମ ଲାଲଙ୍କ ସମେତ ବହୁ ଦଳୀୟ କର୍ମୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରେ ବିଧାୟକ ଶ୍ରୀ ପ୍ରଧାନ ବାଜପୁର ପଞ୍ଚାୟତ ଗସ୍ତ କରି ବନ୍ଦ ହୋଇ ଯାଇଥିବା ଶଶିଲୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ଚକମଧୁପୁର ଏବଂ ପହିଗୋପାଳପୁର ପ୍ରାଥମିକ ବିଦ୍ୟାଳୟର ପୁର୍ନବାର ଖୋଲି ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ଶିକ୍ଷାଦାନ ଆରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବିଇଓ ମୋନାଲିସା ସରକାର, ଏବିଇଓ ସବିତା କୁମାରୀ ସ୍ୱାଇଁ, ସିଆର୍‌ସିସି ଦୁର୍ଗାଚରଣ ହେମ୍ବ୍ରମ ଓ ଶିକ୍ଷକ ବ୍ରଜବନ୍ଧୁ ନାୟକଙ୍କ ସମେତ ଉଭୟ ଗ୍ରାମର ଅଭିଭାବକ ଓ ଅଭିଭାବିକା ମାନେ ଉପସ୍ଥିତ ଥିଲେ।

**ନିତି ଭାରତୀ** | ଯନ୍ତ୍ରଣା ମନୁଷ୍ୟମାନଙ୍କୁ ସ୍ରଷ୍ଟାଙ୍କ ଅଭିମୁଖୀ କରାଇ ଥାଏ। - ରମଣ ମହର୍ଷି

# ଗାନ୍ଧୀ ଚିନ୍ତନରେ ଓଡ଼ିଶା



**ପ୍ରଫୁଲ୍ଲ କୁମାର ସାହୁ**

ଦାରିଦ୍ର୍ୟ ଦୂରୀକରଣ ଓ ଅନ୍ୟ ଅନେକ ପ୍ରସଙ୍ଗରେ ବିପର୍ଯ୍ୟୟପ୍ରବଣ ଓଡ଼ିଶା ଥିଲା ଗାନ୍ଧୀ ଚିନ୍ତନର ଏକ ପ୍ରୟୋଗଶାଳା। ଓଡ଼ିଶାର ଦାରିଦ୍ର୍ୟ ତାଙ୍କୁ ଖୁବ୍ ବିଚଳିତ କରିଥିଲା ଏବଂ ଏହି କାରଣରୁ ତାଙ୍କର ଓଡ଼ିଶା ଓ ଓଡ଼ିଆଙ୍କ ସହିତ ଗଢ଼ି ଉଠିଥିଲା ଏକ ଆବେଗିକ ସଂପର୍କ। ଗାନ୍ଧିଜୀ ନିଜେ ଲେଖିଛନ୍ତି- 'ସାରା ଭାରତରେ ମୋର ସବୁଠାରୁ ପ୍ରିୟ ସ୍ଥାନ ହେଉଛି ଓଡ଼ିଶା। ଓଡ଼ିଶାର କିଛି ସେବା କରି ପାରିଲେ ଭାରତର ସେବା କରି ପାରିଛି ବୋଲି ଭାବିବି। ତେଣୁ ଓଡ଼ିଶା ମୋ ପାଇଁ ଏକ ତୀର୍ଥଭୂମି।' ପୁରୀ ଜିଲ୍ଲାରେ ଦୁର୍ଭିକ୍ଷ ପଡ଼ିଥିବା ବେଳେ (୧୯୧୯) ଗାନ୍ଧିଜୀ ଓଡ଼ିଶାର ଦାରିଦ୍ର୍ୟ ବିଷୟରେ ଜାଣି ଠକ୍କର ବାପାଙ୍କ ସଂଯୋଜନାରେ ଆରମ୍ଭ କଲେ ବ୍ୟାପକ ରିଲିଫ କାର୍ଯ୍ୟକ୍ରମ। ଜାତୀୟ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜନୈତିକ ପରିଚୟ ଦେବା ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଗଠନ କଲେ ପ୍ରଦେଶ କଂଗ୍ରେସ କମିଟି।

ସ୍ୱାଧୀନତା ଆନ୍ଦୋଳନ କାଳରେ ଗାନ୍ଧିଜୀ ଆଠଟି ପର୍ଯ୍ୟାୟରେ ଆସି ଅନ୍ୟୁନ ୬୯ ଦିନ ଓଡ଼ିଶାରେ କଟାଇଛନ୍ତି ଏବଂ ଏଥିରୁ ପାଖାପାଖି ମାସେ ବିତିଛି ପଦଯାତ୍ରାରେ। ଓଡ଼ିଶା ଆସିବା ପୂର୍ବରୁ ତାଙ୍କର ଧାରଣା ଥିଲା, ବିହାରର ଚମ୍ପାରଣ ଜିଲ୍ଲା ହେଉଛି ଦେଶର ସବୁଠାରୁ ଦରିଦ୍ରତମ ଅଞ୍ଚଳ। ମାତ୍ର ଓଡ଼ିଶା ଯେ ଦାରିଦ୍ର୍ୟରେ ଚମ୍ପାରଣକୁ ବଳିଯିବ, ତାହା ଅନୁଭବ କଲେ ଓଡ଼ିଶା ଆସିବା ପରେ। ପ୍ରଥମ ଓଡ଼ିଶା ଗସ୍ତ (୧୯୨୧ ମାର୍ଚ୍ଚ ୨୩ରୁ ୨୯)ରୁ ଫେରି ସେ 'ନବଜୀବନ' ପତ୍ରିକାରେ ଲେଖିଲେ- 'ଦୁର୍ଭିକ୍ଷ ପ୍ରପୀଡ଼ିତ ଓଡ଼ିଶାର ଶତଶତ ମାଂସହୀନ, ଅସ୍ଥି କଙ୍କାଳସାର ନରନାରୀ ଓ ପୁଅଝିଅଙ୍କୁ ଦେଖି ମୋର ଛାତି ଥରିଗଲା। ଏଠାରେ ଯେଉଁଭଳି ଅବସ୍ଥା, ଲୋକେ ଯଦି ସ୍ୱରାଜ୍ୟ ପରେ ଏହିଭଳି ଦୁର୍ଭିକ୍ଷରେ ସଢ଼ୁଥିବେ ଓ ଅନାହାରରେ ମରୁଥିବେ, ତେବେ ସ୍ୱରାଜ୍ୟ ହେଉ କି ନ ହେଉ, ସେଥିରେ ଫରକ କ'ଣ ? ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ପରେ ସମଗ୍ର ପ୍ରଦେଶର କୋଣ ଅନୁକୋଣରେ ଖେଳିଗଲା ଏକ ନବ ଉନ୍ମାଦନା। ମହାଭାରତୀୟ ଜାତୀୟତାର ସ୍ରୋତ ପ୍ରବାହିତ ହେବା ସହିତ ଓଡ଼ିଶାକୁ ଆଚ୍ଛନ୍ନ କରିଦେଲା ଗାନ୍ଧୀବାଦର ଛାଇ। ଲୋକେ ତାଙ୍କୁ ଅବତାର ଭାବି ପୂଜା କଲେ ଏବଂ ଚାହୁଁ ଚାହୁଁ ଚାରିଆଡ଼େ ସୃଷ୍ଟି ହେଲା ଗାନ୍ଧୀଠାକୁର, ଗାନ୍ଧୀସିଦ୍ଧ, ଗାନ୍ଧୀ ହୁକୁମ, ଗାନ୍ଧୀମେଳା, ଗାନ୍ଧୀଶିଷ୍ୟ, ଗାନ୍ଧୀଟୋପି, ଗାନ୍ଧୀପୋଥି, ଗାନ୍ଧୀ ସମାଚାର, ଗାନ୍ଧୀ ଘାଟ ଓ ଗାନ୍ଧୀ ପତାକା ଆଦି କେତେ କ'ଣ। ସତ୍ୟାଗ୍ରହୀମାନଙ୍କୁ କୁହାଗଲା ଗାନ୍ଧୀମଣିଷ। ଗାନ୍ଧୀସଭା ହେଉଛି ପ୍ରଚାର ହେବା ମାତ୍ରେ ଲୋକେ ରୁଣ୍ଡ ହେଲେ ହଜାର ହଜାର ସଂଖ୍ୟାରେ।

ଗାନ୍ଧିଜୀ ଓଡ଼ିଶାର ଦାରିଦ୍ର୍ୟ ପାଇଁ ନିଶା ଓ ଆଳସ୍ୟକୁ ଦାୟୀ କରିଛନ୍ତି ଏବଂ ଚାହିଁଛନ୍ତି ଓଡ଼ିଶାକୁ ଖଦି ଓ ଖାଦ୍ୟର ଭଣ୍ଡାର ଭାବରେ ଦେଖିବା ପାଇଁ। ବିଶେଷକରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ତାଙ୍କର ସମର୍ଥନ ଓ ପରାମର୍ଶକୁ କେବେ ଭୁଲି ପାରିବନି ଓଡ଼ିଶା। ୧୯୨୦ ମସିହାରେ 'ଓଡ଼ିଆ ପିପଲସ୍ ଆସୋସିଏସନ'ର ତତ୍କାଳୀନ ସଭାପତି ଉତ୍କଳପ୍ରାଣ ବ୍ରଜସୁନ୍ଦର ଦାସ ତାଙ୍କ ପାଖକୁ ପଠେଇ ଥିବା ଏକ ଚିଠି ପଢ଼ି ସେ ଖଣ୍ଡ ବିଖଣ୍ଡିତ ଉତ୍କଳ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ତାକୁ ଭିତ୍ତି କରି ୧୯୨୦ ଫେବୃଆରୀ ୧୮ରେ 'ୟଙ୍ଗ୍ ଇଣ୍ଡିଆରେ' ଏକ ଲେଖା ପ୍ରକାଶ କରିଥିଲେ, ଯାହାର ଶିରୋନାମା ଥିଲା



'ଉତ୍କଳର ବିଳାପ' (କ୍ରାଏ ଫ୍ରମ୍ ଉତ୍କଳ)। ଏଥିରେ ଉତ୍କଳର ପୁନର୍ଗଠନ ଦାବିକୁ ସମର୍ଥନ ଜଣେଇ ସେ ଲେଖିଥିଲେ- ଯଦି ଗୋଟିଏ ଗୌରବୋଜ୍ଜ୍ୱଳ ଜାତି କୌଣସି ଉଚିତ କାରଣ ନ ଥାଇ ଚାରି ଭାଗରେ ବିଖଣ୍ଡିତ ହୋଇ ରହିବ, ତେବେ ତାହା କଦାପି ତା'ର ସ୍ୱାଭାବିକ ପ୍ରଗତି ହାସଲ କରି ପାରିବନି। ଲୋକେ ଓଡ଼ିଆ ଆନ୍ଦୋଳନକୁ ସହାନୁଭୂତିପୂର୍ଣ୍ଣ ଭାବରେ ବୁଝିବେ ଓ ଦେଖିବେ ବୋଲି ମୋର ବିଶ୍ୱାସ। ଭାରତର ସ୍ୱାଧୀନତା, ଜାତୀୟ ବିକାଶ ଓ ସ୍ୱରାଜ୍ୟ ଥିଲା ଗାନ୍ଧିଜୀଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଆଞ୍ଚଳିକ ସମସ୍ୟାଗୁଡ଼ିକୁ ସେ ଜାତୀୟ ପ୍ରେକ୍ଷାପଟରେ ଦେଖୁଥିଲେ ମଧ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି ପ୍ରତି ଦୃଢ଼ ସମର୍ଥନ ଜଣେଇ ସେ କହିଥିଲେ- ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ଅବହେଳିତ ହୋଇ ରହିଲେ କେବେ ବି ତ୍ୱରାନ୍ୱିତ ହୋଇ ପାରିବନି ଜାତୀୟ ବିକାଶ। ତେଣୁ ସୀମା ନିର୍ଦ୍ଧାରଣ ପରି ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ ହେବା ଉଚିତ। ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ (୧୯୨୧ ମାର୍ଚ୍ଚ ୨୩ ତାରିଖ) ଅବସରରେ ତାଙ୍କୁ ବ୍ରହ୍ମପୁରରେ 'ଦି ଓଡ଼ିଶା ମୁଭ୍‌ମେଣ୍ଟ୍' ନାମକ ଏକ ପୁସ୍ତକ ଉପହାର ଦେଇଥିଲେ (ମାର୍ଚ୍ଚ ୨୯ ତାରିଖ) ବ୍ରହ୍ମପୁର ସଭାର ଆୟୋଜକ ତଥା ବିଶିଷ୍ଟ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ। ବହିର ଲେଖକ ଥିଲେ ନିଜେ ନିରଞ୍ଜନ ପଟ୍ଟନାୟକ ଓ ତାଙ୍କର ବନ୍ଧୁ ଚକ୍ରପାଣି ପ୍ରଧାନ। ଓଡ଼ିଶା କିପରି ଖଣ୍ଡ ବିଖଣ୍ଡିତ ହୋଇ ମାନ୍ଦ୍ରାସ, ବିହାର ଓ ବଙ୍ଗଳାରେ ମିଶି ରହିଛି ଏବଂ ଏହାକୁ ନେଇ କେମିତି ସମଗ୍ର ଓଡ଼ିଶାରେ ଅସନ୍ତୋଷର ନିଆଁ ଜଳୁଛି, ବହିଟି ପଢ଼ି ସେକଥା ବୁଝି ଯାଇଥିଲେ ଗାନ୍ଧିଜୀ। ଏତଦ୍ ଭିନ୍ନ ତାଙ୍କୁ ସାକ୍ଷାତ କରି ଓଡ଼ିଆଙ୍କ ସମସ୍ୟା ଓ ଅଣଓଡ଼ିଆଙ୍କ ସହ ସଂଘର୍ଷ ସମ୍ପର୍କରେ ଅଧିକ ଅବଗତ କରାଇ ଥିଲେ ହରିହର ପଣ୍ଡା ଓ ଶଶିଭୂଷଣ ରଥ ପ୍ରମୁଖ ଦକ୍ଷିଣ ଓଡ଼ିଶାର ନେତାମାନେ। ବିଶଦ ଭାବରେ ବୁଝିଲା ପରେ ବ୍ରହ୍ମପୁର ବାରାକସ୍ ପଡ଼ିଆରେ ବିରାଟ ଜନସଭାକୁ ସମ୍ବୋଧିତ କରି ଗାନ୍ଧିଜୀ କହିଥିଲେ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ମଧ୍ୟରେ ଥିବା ସୀମା ବିବାଦ ଯଥାଶୀଘ୍ର ଭାରତୀୟ ପନ୍ଥାରେ ସମାଧାନ ହେବା ଉଚିତ। ବ୍ରହ୍ମପୁରରୁ ତାଙ୍କର ଆଠଦିନିଆ ଓଡ଼ିଶା ଗସ୍ତ ଶେଷ କରି ଫେରିଗଲା ପରେ ସେ ଏପ୍ରିଲ ୧୩ ତାରିଖରେ 'ୟଙ୍ଗ୍ ଇଣ୍ଡିଆ'ରେ ଏକ ପ୍ରବନ୍ଧ ଲେଖିଥିଲେ, ଯାହାର ସାରାଂଶ ହେଉଛି- 'ଓଡ଼ିଶା ମୁଭ୍‌ମେଣ୍ଟ'ର ରଚୟିତା ଯେଉଁ ଦାବି ଉଠେଇଛନ୍ତି, ତାହା ଯଥାର୍ଥ। ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରାଯାଇଛି ଏବଂ ତା'ର ବିଭିନ୍ନ ଅଂଶକୁ ମିଶେଇ ଦିଆଯାଇଛି ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ର ଆଦି ରାଜ୍ୟରେ। ଓଡ଼ିଆଭାଷୀ ଅଞ୍ଚଳ ଗୋଟିଏ ପ୍ରଦେଶ ହୋଇ ରହିବା ଉଚିତ। ଏଥିରେ ବିହାର, ବଙ୍ଗଳା ଓ ମଧ୍ୟପ୍ରଦେଶର କିଛି ଆପତ୍ତି ନଥିଲେ ମଧ୍ୟ ବିବାଦ କରୁଛି ଆନ୍ଧ୍ରପ୍ରଦେଶ। ବିବାଦର ସମାଧାନ ପାଇଁ ଏକ ସରଳ ନିୟମ ଅବଲମ୍ବନ କରିବା ଉଚିତ। ସେ ନିୟମ ହେଉଛି- ସବଳ ମାନିନେବ ଦୁର୍ବଳର ଦାବି। ସୀମା ନିର୍ଦ୍ଧାରଣ ବେଳେ କୌଣସି କ୍ଷେତ୍ରରେ ସନ୍ଦେହ ଉପୁଜିଲେ ଦୁର୍ବଳ ସପକ୍ଷରେ ରାୟ ପ୍ରକାଶ ପାଇବ, ଯାହା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ। ଏଥିରୁ ସ୍ପଷ୍ଟ ହୁଏ ଯେ ଗାନ୍ଧିଜୀ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଦୃଢ଼ ସମର୍ଥକ। ବିଡ଼ମ୍ବନାର ବିଷୟ, ଗାନ୍ଧିଜୀଙ୍କ ସମର୍ଥନ ସତ୍ତ୍ୱେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ମିଳିଲାନି କୌଣସି ପ୍ରକାରର ସହଯୋଗ। କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନରେ ବ୍ୟାଘାତ ହେବ ଭାବି ଜାତୀୟ ସ୍ତରର ନେତାମାନେ ଆଞ୍ଚଳିକ ବିବାଦରୁ ଦୂରେଇ ରହିବାକୁ ଚାହୁଁଥିଲେ ଏବଂ ସେହି କାରଣରୁ କଂଗ୍ରେସର ବିଭିନ୍ନ ଅଧିବେଶନରେ ବାରମ୍ବାର ଉପେକ୍ଷିତ ହୋଇଥିଲା ଉତ୍କଳ ସମ୍ମିଳନୀର ଦାବି। ତା'ର ପ୍ରତିବାଦ କରି କଂଗ୍ରେସ ଛାଡ଼ିବାକୁ ବାଧ୍ୟ ହୋଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ୧୯୨୮ ମସିହାରେ କଲିକତାରେ ଅନୁଷ୍ଠିତ ହୋଇଥିବା ଜାତୀୟ କଂଗ୍ରେସ ଅଧିବେଶନରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପ୍ରସ୍ତାବ ଆଗତ କରିବାକୁ ଚାହିଁଥିଲେ ଓଡ଼ିଶାର କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ। ମାତ୍ର ଏଥିପାଇଁ ଅନୁମତି ଦେଇ ନଥିଲେ ସଭାପତି ମୋତିଲାଲ ନେହରୁ। ସଭାପତିଙ୍କ ନିଷ୍ପତ୍ତିର ପ୍ରତିବାଦ କରି ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଓଡ଼ିଶାର ପ୍ରତିନିଧିମାନେ। ଏହା ଗାନ୍ଧିଜୀଙ୍କୁ ଖୁବ୍ ମର୍ମାହତ କରିଥିଲା ଏବଂ ସେ ଓଡ଼ିଶାର ପ୍ରତିନିଧିମାନଙ୍କୁ ଡକାଇ ଆଲୋଚନା କରିଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ। ସେଦିନ ଗାନ୍ଧିଜୀଙ୍କ ଆଶ୍ୱାସନାରୁ ବଳ ଗୋଟେଇ ପୁଣି ଥରେ ସରଳା ଦେବୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗାନ୍ଧିଜୀଙ୍କୁ ଭେଟି ଦାବି ଦୋହରାଇ ଥିଲା ୧୯୩୧ କରାଚୀ କଂଗ୍ରେସ ଅଧିବେଶନରେ। ଏଥର ସେ ନିଜକୁ ଓଡ଼ିଶାର ପ୍ରତିନିଧି ଭାବି ଉତ୍କଳ ସମ୍ମିଳନୀର ଦାବିକୁ ଗୋଲଟେବୁଲ ବୈଠକରେ ଉଠେଇବେ ବୋଲି ଶୁଣେଇ ଥିଲେ ନିର୍ଭର ପ୍ରତିଶ୍ରୁତି। ଏଥିରୁ ବୁଝିହୁଏ ଓଡ଼ିଶା ପ୍ରତି ଗାନ୍ଧିଜୀଙ୍କ ଦରଦ। ଉତ୍କଳ ସମ୍ମିଳନୀର ଦୀର୍ଘ ୩୩ ବର୍ଷର ଲମ୍ବା ଲଢ଼େଇ ପରେ ୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା, ଯେଉଁ ସଫଳତା ପଛରେ ରହିଛି ଗାନ୍ଧିଜୀଙ୍କ ସଦିଚ୍ଛା ଓ ପୂର୍ଣ୍ଣ ସହଯୋଗ।

**ଅବସରପ୍ରାପ୍ତ ଅଧକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ବହି ପଢ଼ନ୍ତୁ, ନହେଲେ ଶୁଣନ୍ତୁ

**ଶବ୍ଦ ଚିତ୍ର ଅକ୍ଷର**



**ଡ. ମୃଣାଲ ଚାଟାର୍ଜୀ**

ବହି କାହିଁକି ପଢ଼ିବା ?: ବହି ପୃଥିବୀର ନୂଆ ନୂଆ ଦିଗକୁ ଆମ ଆଗରେ ଉନ୍ମୁକ୍ତ କରିଦିଏ, ଆମକୁ ଚିନ୍ତା କରିବାକୁ ଶିଖାଏ, ଅନ୍ୟର ଜୀବନକୁ ବୁଝିବାକୁ ଶିଖାଏ। ଜ୍ଞାନ ଅର୍ଜନ କରିବାକୁ ଶିଖାଏ। ତେବେ ବହି ପଢ଼ିବା କେବଳ ଜ୍ଞାନ ଅର୍ଜନର ମାଧ୍ୟମ ନୁହେଁ, ଏହା ମଣିଷର ମସ୍ତିଷ୍କକୁ ସକ୍ରିୟ ଓ ସୃଜନଶୀଳ ରଖିବାର ଏକ ବୈଜ୍ଞାନିକ ଉପାୟ। ସ୍ନାୟୁବିଜ୍ଞାନୀମାନଙ୍କ ମତରେ, ନିୟମିତ ପାଠାଭ୍ୟାସ ମସ୍ତିଷ୍କର ବିଭିନ୍ନ ସ୍ନାୟୁ-ସଂଯୋଗକୁ (ନ୍ୟୁରାଲ କନେକ୍ସନସ୍) ଶକ୍ତିଶାଳୀ କରେ। ଏହା ସ୍ମୃତିଶକ୍ତି, ଏକାଗ୍ରତା, ବିଶ୍ଳେଷଣ କ୍ଷମତା ଏବଂ ଯୁକ୍ତିବୋଧକୁ ବୃଦ୍ଧି କରେ। ଗବେଷଣାରୁ ଏହା ମଧ୍ୟ ଜଣାପଡ଼ିଛି ଯେ ନିୟମିତ ପଠନ ଅଭ୍ୟାସ ବୃଦ୍ଧାବସ୍ଥାରେ ସ୍ମୃତିହ୍ରାସ (ଡିମେନ୍‌ସିଆ)ର ପ୍ରବଣତାକୁ କିଛି ପରିମାଣରେ କମାଇ ପାରେ।

ବହି ଆମର କଳ୍ପନା ଶକ୍ତିକୁ ପ୍ରସାରିତ କରେ। ଟେଲିଭିଜନ କିମ୍ବା ଭିଡିଓରେ ସବୁକିଛି ଆଖି ଆଗରେ ଦେଖାଯାଏ, କିନ୍ତୁ ବହି ପଢ଼ିବା ବେଳେ ପାଠକ ନିଜ ମନରେ ଚରିତ୍ର, ପରିବେଶ ଓ ଘଟଣାକୁ ନିଜେ ଗଢ଼ି ତୋଳେ। ଏହି ପ୍ରକ୍ରିୟା ସୃଜନଶୀଳ ଚିନ୍ତାଧାରାକୁ ବିକଶିତ କରେ। ମନୋବିଜ୍ଞାନ କହେ, ସାହିତ୍ୟ ପଢୁଥିବା ବ୍ୟକ୍ତି ଅନ୍ୟର ଭାବନା ଓ ଅନୁଭୂତିକୁ ଅଧିକ ସହଜରେ ବୁଝିପାରେ। ଏଥିରୁ ସହାନୁଭୂତି, ସାମାଜିକ ବୁଝାମଣା ଓ ମାନବିକତା ବୃଦ୍ଧି ପାଏ। ଏହା ସହିତ ବହି ଶବ୍ଦ ଭଣ୍ଡାର ବଢ଼ାଏ, ଭାଷା ଦକ୍ଷତାକୁ ଉନ୍ନତ କରେ ଏବଂ ସ୍ପଷ୍ଟ ଭାବେ ଚିନ୍ତା ଓ ମତ ପ୍ରକାଶ କରିବାର କ୍ଷମତା ଗଢ଼ି ତୋଳେ। ସବୁଠାରୁ ବଡ଼କଥା ହେଉଛି, ବହି ମଣିଷକୁ ସୂଚନା ନୁହେଁ, ପ୍ରଜ୍ଞା ଦିଏ। ଏହା ତଥ୍ୟକୁ ବିଶ୍ଳେଷଣ କରିବା, ପ୍ରଶ୍ନ କରିବା ଏବଂ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବାକୁ ଶିଖାଏ। ସେଥିପାଇଁ ବହି ପଢ଼ିବା କେବଳ ଏକ ଅଭ୍ୟାସ ନୁହେଁ; ଏହା ଉନ୍ନତ ଚିନ୍ତନ, ସୁସ୍ଥ ମାନସିକ ବିକାଶ ଏବଂ ଉତ୍ତମ ନାଗରିକ ଗଠନର ଏକ ବୈଜ୍ଞାନିକ ଓ ଯୁକ୍ତିସଙ୍ଗତ ଆଧାର।

ବହି ପଢ଼ିବାକୁ ସମୟ ନାହିଁ: ଏବେ ଆମ ଜୀବନର ବାସ୍ତବତା ଭିନ୍ନ ପ୍ରକାର। ବ୍ୟସ୍ତ ଜୀବନ। କର୍ମ ବ୍ୟସ୍ତତା ଯୋଗୁଁ ବହି ପଢ଼ିବାକୁ ଲୋକ ସମୟ ପାଉ ନାହାନ୍ତି। ଏହା ହୁଏତ ସବୁ କ୍ଷେତ୍ରରେ ସତ ନୁହେଁ। ଅନେକେ ସାମାଜିକ ଗଣମାଧ୍ୟମର ମାୟାରେ ପଡ଼ି ସେଥିରେ ଅଧିକ ସମୟ ବିତାଉଛନ୍ତି। ତେବେ ଯେଉଁମାନେ ସତରେ ଇଚ୍ଛା ସତ୍ତ୍ୱେ ବହି ପଢ଼ି ପାରୁ ନାହାନ୍ତି, ସେମାନଙ୍କୁ ପୁଣିଥରେ ବହି ପାଖକୁ ଫେରାଇ ଆଣିବା ପାଇଁ ଶ୍ରାବ୍ୟପୁସ୍ତକ (ଅଡିଓବୁକ୍) ଏକ ମାଧ୍ୟମ ହୋଇପାରେ।

ଶୁଣିବା ଆଉ ପଢ଼ିବା କ'ଣ ଏକା କଥା ?: ଅନେକେ କହନ୍ତି, ଅଡିଓବୁକ୍ ଶୁଣିବା ଓ ବହି ପଢ଼ିବା ଏକା କଥା ନୁହେଁ। ସେମାନଙ୍କ ମତରେ, ବହି ପଢ଼ିବା ବେଳେ ଯେପରି ଏକାଗ୍ରତାର ଆବଶ୍ୟକତା ଥାଏ, ମନକୁ ସମ୍ପୂର୍ଣ୍ଣ ନିମଗ୍ନ କରିବାକୁ ପଡ଼େ ଏବଂ ଯେପରି ଅନୁଭୂତି ସୃଷ୍ଟି ହୁଏ- ଅଡିଓବୁକ୍ ଶୁଣି ସେହି ଅନୁଭବ ମିଳେନାହିଁ। ବହି ପଢ଼ିବା ସମୟରେ ପାଠକ ନିଜ ଢଙ୍ଗରେ ଶବ୍ଦର ଲୟ ସୃଷ୍ଟି କରନ୍ତି, ଚରିତ୍ରମାନଙ୍କର କଣ୍ଠସ୍ୱରକୁ କଳ୍ପନା କରନ୍ତି ଏବଂ ଦୃଶ୍ୟଗୁଡ଼ିକୁ ନିଜ ମନରେ ଅଙ୍କନ କରନ୍ତି। ସେଥିପାଇଁ ଅନେକଙ୍କର ଧାରଣା, କାନରେ ଶୁଣି କାହାଣୀ, କବିତା କିମ୍ବା ପ୍ରବନ୍ଧର ସ୍ୱାଦ ନେଲେ ସେହି ଅନୁଭୂତି କିଛିଟା ମ୍ଳାନ ହୋଇଯାଏ। କେତେକଙ୍କ କ୍ଷେତ୍ରରେ ଏହା ହେଉଥାଇ ପାରେ। ତେବେ ୨୦୧୬ ମସିହାର ଏକ ଗବେଷଣାରୁ ଜଣାପଡ଼ିଛି ଯେ, କୌଣସି ବିଷୟକୁ ବହି ପଢ଼ି ବୁଝିବା ଏବଂ ଅଡିଓବୁକ୍ ଶୁଣି ବୁଝିବା ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ। ଶୁଣିବା ଦ୍ୱାରା ଆମର ବିଷୟକୁ ଆତ୍ମସ୍ଥ କରିବାର କ୍ଷମତା କମିଯାଏ ନାହିଁ; ବରଂ ଅନେକ ସମୟରେ ତାହାକୁ ନୂଆ ଭାବରେ ଅନୁଭବ କରିବାର ସୁଯୋଗ ସୃଷ୍ଟି କରେ। ଇଂଲଣ୍ଡର ନ୍ୟାସନାଲ୍ ଲିଟେରେସି ଟ୍ରଷ୍ଟର ନିର୍ଦ୍ଦେଶକ ଜୋନାଥନ୍ ଡଗଲାସ୍ ମନେ କରନ୍ତି, ଯେତେବେଳେ ମଣିଷର ପଢ଼ିବାର କ୍ଷମତା କିମ୍ବା ଆଗ୍ରହ କମିଯାଏ, ସେତେବେଳେ ବହି ଶୁଣିବା ତାଙ୍କର କଳ୍ପନା ଶକ୍ତିକୁ ପୁଣିଥରେ ଜାଗ୍ରତ କରିପାରେ। ଯେଉଁମାନେ ବହିଠାରୁ ବହୁତ ଦୂରକୁ ଚାଲି ଯାଇଛନ୍ତି, ସେମାନେ ଅଡିଓବୁକ୍ ମାଧ୍ୟମରେ ପୁଣିଥରେ ଏହି ଜଗତକୁ ଫେରିଆସି ପାରନ୍ତି।

ମୂଳ କଥା- କାହାଣୀ: ଆମର ମସ୍ତିଷ୍କ କାହାଣୀ ଶୁଣିବାକୁ ଭଲପାଏ। ହଜାର ହଜାର ବର୍ଷ ଧରି ଆମେ କାହାଣୀ ଶୁଣି ହିଁ ବଡ଼ ହୋଇଛୁ- ଘର ଅଗଣାରେ, ପାରିବାରିକ ଆସରରେ କିମ୍ବା ରାତିରେ ଶୋଇଲା ବେଳେ। ସେତେବେଳେ ବହି ନଥିଲା, କିନ୍ତୁ କାହାଣୀ ଥିଲା। କାହାଣୀ, ଲୋକକଥା, ପୁରାଣ- ସବୁକିଛି ଲୋକେ ଶୁଣୁଥିଲେ। ଅଡିଓବୁକ୍ ସେହି ପୁରୁଣା ପରମ୍ପରାକୁ ଆଧୁନିକ ପ୍ରଯୁକ୍ତି ମାଧ୍ୟମରେ ପୁଣିଥରେ ଫେରାଇ ଆଣିଛି। ଫଳରେ ବହି ଆଉ କେବଳ କାଗଜର ପୃଷ୍ଠାରେ ସୀମିତ ନୁହେଁ; ତାହା ମଣିଷର ଶ୍ରବଣ, ମସ୍ତିଷ୍କ ଏବଂ କଳ୍ପନାରେ ନୂଆ ଭାବରେ ବସା ବାନ୍ଧୁଛି।

ସମୟ ପରିଚାଳନା: ଏହାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସମୟ ପରିଚାଳନା। ଆଜିର ବ୍ୟସ୍ତ ଜୀବନରେ ଅନେକଙ୍କର ବହି ପଢ଼ିବା ପାଇଁ ସମୟ ନାହିଁ। ଅଫିସ୍, କାମର ଚାପ- ସବୁ ମିଶି ଦିନ ଶେଷରେ ବହି ଧରି ବସିବାର ଇଚ୍ଛା ରହେ ନାହିଁ। ଅଡିଓବୁକ୍ ଏହି ସମସ୍ୟାର ଏକ ସହଜ ସମାଧାନ ଦେଉଛି। ଗାଡ଼ି ଚଳାଇବା ସମୟରେ, ଟ୍ରାଫିକରେ ଅଟକି ବସିଥିବା



ବେଳେ, ଚାଲୁଥିବା କିମ୍ବା ବ୍ୟାୟାମ କରୁଥିବା ବେଳେ ମଧ୍ୟ ଅଡିଓବୁକ୍ ଆମକୁ ପଢ଼ିବାର ସୁଯୋଗ ଦେଇଥାଏ। ଏହା ଏକ ସ୍ୱାଭାବିକ ଓ ସୁନ୍ଦର ପ୍ରକ୍ରିୟା, ଯାହା ମାଧ୍ୟମରେ ଧୀରେ ଧୀରେ ଏକ ସୂକ୍ଷ୍ମ ପରିବର୍ତ୍ତନ ଘଟେ।

ଶୁଣିବା ଫଳରେ କ'ଣ ହୁଏ ?: ପ୍ରଥମେ ଆମେ ଶୁଣିବା ଆରମ୍ଭ କରୁ, ତା'ପରେ ଧୀରେ ଧୀରେ କାହାଣୀ ପ୍ରତି ଆମର ଆଗ୍ରହ ବଢ଼ିଯାଏ। ଚରିତ୍ରମାନେ ଆମର ପରିଚିତ ହୋଇଯାନ୍ତି, କାହାଣୀ/ ବିଷୟ ଭିତରକୁ ପ୍ରବେଶ କରିବାର ଇଚ୍ଛା ଜନ୍ମ ନିଏ। ଶେଷରେ, ସେହି ଆଗ୍ରହ ଆମକୁ ପୁଣି ଥରେ ବହିର ପୃଷ୍ଠାକୁ ଫେରାଇ ଆଣେ। ଅଡିଓବୁକ୍ ପଢ଼ିବାର ବିକଳ୍ପ ନୁହେଁ; ବରଂ ପଠନ ଜଗତକୁ ଫେରିବାର ଏକ ନୂଆ ଦ୍ୱାର।

ଶ୍ରାବ୍ୟପୁସ୍ତକର ଚାହିଦା ସାରା ବିଶ୍ୱରେ ବୃଦ୍ଧି ପାଉଛି: ବର୍ତ୍ତମାନ ସମୟରେ ଅଡିଓ ବହିର ଚାହିଦା ସାରା ବିଶ୍ୱରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଲୋକମାନେ କାମ କରିବା, ଯାତ୍ରା କରିବା କିମ୍ବା ବିଶ୍ରାମ ନେବା ସମୟରେ ମଧ୍ୟ ହେଡ୍‌ଫୋନ୍ କିମ୍ବା ସ୍ପିକର୍ ମାଧ୍ୟମରେ ସହଜରେ ବହି ଶୁଣି ପାରୁଛନ୍ତି। କମ୍ପ୍ୟୁଟର ବା ମୋବାଇଲ୍ ସ୍କ୍ରିନ୍ କିମ୍ବା ଛାପା ବହିକୁ ଦୀର୍ଘ ସମୟ ଧରି ପଢ଼ିବା ଦ୍ୱାରା ଆଖି ଥକିଯାଏ। ତେଣୁ ଅନେକେ ବହି ପଢ଼ିବା ବଦଳରେ ଶୁଣିବାକୁ ପସନ୍ଦ କରୁଛନ୍ତି। କୃତ୍ରିମ ମେଧା (ଏଆଇ) ମାଧ୍ୟମରେ ଲେଖାକୁ ଅଡିଓରେ ରୂପାନ୍ତର କରିବା ବହୁତ ସହଜ ହୋଇ ଯାଇଛି। ଓଡ଼ିଆ ସମେତ ବିଭିନ୍ନ ଆଞ୍ଚଳିକ ଭାଷାର ସାହିତ୍ୟକୁ ଏହି ପ୍ରଯୁକ୍ତି ଦ୍ୱାରା ଅଡିଓରେ ଉପଲବ୍ଧ କରାଯାଉଛି।

ସାରା ବିଶ୍ୱରେ ଶ୍ରାବ୍ୟପୁସ୍ତକର ଚାହିଦା ଏବଂ ବଜାର- ଉଭୟ ବଢୁଛି। ୨୦୨୫ ମସିହାରେ ବିଶ୍ୱରେ ଶ୍ରାବ୍ୟପୁସ୍ତକ ବଜାର ପ୍ରାୟ ୧୧୦୦ ଶହ କୋଟି ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟରେ ପହଞ୍ଚି ଥିଲା। ଆଗାମୀ ବର୍ଷଗୁଡ଼ିକରେ ଏହା ବାର୍ଷିକ ହାରାହାରି ୨୬%ରୁ ୩୫% ସିଏଜିଆର୍‌ରେ ବୃଦ୍ଧି ପାଇବାର ଅନେକ ଅନୁମାନ କରାଯାଉଛି।

ଭାରତୀୟ ବଜାର: ଭାରତର ଅଡିଓବୁକ୍ ବଜାର ୨୦୨୫ରେ ୧୫୨.୧ ନିୟୁତ ଡଲାର ଥିଲା। ଏହା ଆଗାମୀ ବର୍ଷମାନଙ୍କରେ ପ୍ରାୟ ୩୩%ରୁ ଅଧିକ ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର୍) ସହିତ ୨୦୩୩ ସୁଦ୍ଧା ୧୬୦ କୋଟି ଡଲାର ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଆକଳନ କରାଯାଇଛି। ସମଗ୍ର ବିଶ୍ୱରେ ଏବଂ ଭାରତରେ କାହାଣୀ (ଫିକ୍ସନ୍)- ଗଳ୍ପ, ଉପନ୍ୟାସ ବିଭାଗ ସର୍ବାଧିକ ରାଜସ୍ୱ ସୃଷ୍ଟି କରୁଥିବା ବେଳେ 'ଅଣ-କାଳ୍ପନିକ' (ନନ୍-ଫିକ୍ସନ୍) ଏବଂ ଜୀବନୀ (ବାୟୋଗ୍ରାଫି) ଭଳି ବିଭାଗ ଦ୍ରୁତ ଗତିରେ ବଢୁଛି।

ଉପସଂହାର: ପଢ଼ିବାର ଅର୍ଥ, କେବଳ ଆଖିରେ ଅକ୍ଷର ଦେଖି ସେଗୁଡ଼ିକୁ ମନ ଓ ମସ୍ତିଷ୍କକୁ ପଠାଇବା ନୁହେଁ; ପଢ଼ିବାର ପ୍ରକୃତ ଅର୍ଥ ହେଉଛି ବିଷୟଟିକୁ ଗଭୀର ଭାବରେ ଅନୁଧାବନ କରିବା। ବହି ଶୁଣିଲେ ସେହି ଅର୍ଥ ହଜିଯାଏ ନାହିଁ। ଯେ ପର୍ଯ୍ୟନ୍ତ ଆମେ କାହାଣୀ ଶୁଣିବାକୁ ଚାହିଁବୁ, ସେ ପର୍ଯ୍ୟନ୍ତ ଆମର ଶତ ବ୍ୟସ୍ତତା ମଧ୍ୟରେ ପଢ଼ିବାର ନୂଆ ନୂଆ ମାଧ୍ୟମ ଆବିଷ୍କାର କରି ଚାଲିବୁ। ଯେଉଁମାନେ ଭାବନ୍ତି ଯେ ଜୀବନରେ ଆଉ କେବେ ବହି ପଢ଼ିବା ପାଇଁ ସମୟ ପାଇବେ ନାହିଁ, ସେମାନେ ଅଡିଓବୁକ୍ ଶୁଣି ପୁଣିଥରେ ପଢ଼ିବାର ଜଗତକୁ ଫେରିଆସି ପାରନ୍ତି।

**ନିର୍ମାଲ୍ୟ, ଭିଆଇପି- ୨୧, ଲିଟିଲ ଓଡ଼ିଶା**
**ଛତାବର, ଭୁବନେଶ୍ୱର**
**ମୋ: ୯୪୩୭୦୨୬୧୯୪**

**ସମ୍ପାଦକଙ୍କୁ ପତ୍ର**

## ପଞ୍ଚାୟତସ୍ତରୀୟ ଜୈବ ବିବିଧତା ସୂଚନା କେନ୍ଦ୍ର ଖୋଲାଯାଉ

ଆମ ରାଜ୍ୟ ଓଡ଼ିଶା ଜୈବ ବିବିଧତା ପାଇଁ ବିଶ୍ୱ ବିଦିତ। ଦୁଃଖର ବିଷୟ, ଉଭୟ ପ୍ରକୃତିଗତ ଏବଂ ମାନବକୃତ କାରଣରୁ ବର୍ତ୍ତମାନ ଅନେକ ବୃକ୍ଷ ଲତା, ଗୁଳ୍ମ, ପଶୁ ପକ୍ଷୀ ବିଲୁପ୍ତ ପଥର ପଥିକ। ଅନ୍ୟ ପକ୍ଷରେ, ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ନିଜ ନିଜ ଅଞ୍ଚଳରେ ଥିବା ବିଭିନ୍ନ କିସମର ଅଦ୍ୱିତୀୟ ଜୈବ ବିବିଧତା ଏବଂ ତା'ର ଉପାଦେୟତା ସମ୍ପର୍କରେ ଅଜ୍ଞ, ଯାହା ଫଳରେ ନିଜର ଦୈନନ୍ଦିନ ଜୀବନ, ଐତିହ୍ୟ, ପରମ୍ପରା, ଇତିହାସ, ସଂସ୍କୃତି ସହିତ ଜୈବ ବିବିଧତାର ଥିବା ନିବିଡ଼ ସମ୍ପର୍କକୁ ବୁଝିବାରେ ଆମେମାନେ ଅକ୍ଷମ। ସମୟର ପରିବର୍ତ୍ତନ ସାଙ୍ଗରେ ଜୈବ ବିବିଧତାରେ ଆସୁଥିବା ଅବକ୍ଷୟ ସମ୍ପର୍କରେ ଲୋକମାନେ ସଚେତନ ହୋଇ ପାରିଲେ ସେମାନେ ହୁଏତ ଏହାର ସଂରକ୍ଷଣ ପାଇଁ ଉଦ୍ୟମ କରି ପାରନ୍ତେ। ଏଥିପାଇଁ ଆମ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷ୍ୟଭିତ୍ତିକ ଜୈବ ବିବିଧତା ସୂଚନା କେନ୍ଦ୍ର ଖୋଲା ଯିବାର ଆବଶ୍ୟକତା ରହିଛି।

**ଡକ୍ଟର ସୀତାକାନ୍ତ ତ୍ରିପାଠୀ**
**ଅର୍ଣ୍ଣପାଳ, ଭଦ୍ରକ**

NITIDIN
ନିତିଦିନ
ଶନିବାର, ୩ ଅକ୍ଟୋବର ୨୦୨୬

# ସାହସୀ ସ୍ମିତ୍ ଓ ସୁରକ୍ଷିତ ବିଶ୍ୱ

ଫ୍ଲାଇଦୁବାଇ ଜେଟ୍‌ର ଇସ୍ରାଏଲ ଅଭିମୁଖେ ଯାତ୍ରା; କକ୍‌ପିଟ୍‌ରେ ପାଇଲଟ୍‌ଙ୍କ ଉପରେ ସହ-ପାଇଲଟ୍‌ଙ୍କର ଛୁରାମାଡ଼ ଓ ବିମାନକୁ ଅପହରଣ କରିବାର ଉଦ୍ୟମ, ଯେତେବେଳେ କି ବିମାନଟି ଭୂପୃଷ୍ଠରୁ ପ୍ରାୟ ଚାଳିଶ ହଜାର କିଲୋମିଟର ଉପରେ ଉଡୁଛି ଏବଂ ଭାରତୀୟ ପାଇଲଟ୍ ସ୍ମିତ୍ ମଚ୍ଛରଙ୍କ ବିସ୍ମୟକର ସାହସିକତା ପ୍ରଦର୍ଶନ, ଯାହା ତେଲ୍ ଆଭିଭ୍‌ର ୯/୧୧ ଦିନକୁ ଟଳାଇ ଦେବାରେ ସହାୟକ ହୋଇଛି। ଏସବୁ ଶୁଣିଲେ ଯେ କୌଣସି ଲୋକଙ୍କର ଲୋମ ଟାଙ୍କୁରି ଉଠିବ। କିନ୍ତୁ ଏହା ହେଉଛି ବାସ୍ତବତା ଓ ଏହି ବିମାନର ସହ-ପାଇଲଟ୍‌ଙ୍କ ଦ୍ୱାରା ଏକ ଆତଙ୍କୀ ଆକ୍ରମଣର ଚିତ୍ର। ବିମାନର କକ୍‌ପିଟ୍‌ରୁ ଯେଉଁ ଦୃଶ୍ୟ ପଦାକୁ ଆସିଛି, ତାହା ୧୭୪ ଜଣ ଯାତ୍ରୀ ଥିବା ଏକ ବିମାନକୁ ଅପହରଣ କରିବାର ଏଭଳି ଏକ ଭୟାବହ ଘଟଣା, ଯାହାକୁ କୌଣସି ଗୁଣରେ ଏକ ହରର୍ ଫିଲ୍ମର ଦୃଶ୍ୟଠାରୁ କମ୍ ନୁହେଁ ବୋଲି କୁହାଯାଇ ପାରିବ। ଆଉ ଏହି ଘଟଣାକୁ ପଣ୍ଡ କରିବାରେ ସଫଳ ହୋଇଥିବା ଭାରତୀୟ ପାଇଲଟ୍ ସ୍ମିତ୍‌ଙ୍କୁ ତାଙ୍କର ଏଭଳି ସାହସିକ କାର୍ଯ୍ୟ ପାଇଁ ଯେତେ ପ୍ରଶଂସା କଲେ ବି କମ୍ ହେବ। ସଙ୍ଗେ ସଙ୍ଗେ ଜଣେ ଇସ୍ରାଏଲୀ ଯାତ୍ରୀ, ୟାନିଭ୍ ହାୟୁନ୍, ଯିଏକି ନିଜର ସହଯାତ୍ରୀମାନଙ୍କ ସୁରକ୍ଷା ପାଇଁ କଥିତ ଆତଙ୍କବାଦୀ ସହ-ପାଇଲଟ୍‌ଙ୍କୁ କକ୍‌ପିଟ୍‌ରୁ ଅଦମ୍ୟ ସାହସର ସହିତ ଲଢ଼େଇ କରି ଘୋଷାଡ଼ି ଆଣି ବିମାନ ପଛରେ ବାନ୍ଧି ଦେଇଥିଲେ, ଯେଉଁଥିପାଇଁ ବିମାନଟିକୁ ମଝି ଆକାଶରେ ନିୟନ୍ତ୍ରଣ କରି ତଳକୁ ଖସାଇବା ସମ୍ଭବପର ହୋଇଥିଲା, ତାଙ୍କର ମଧ୍ୟ ଯେତେ ପ୍ରଶଂସା କରାଯିବ, ତାହା କମ୍ ହେବ। କିନ୍ତୁ କ୍ୟାପ୍‌ଟେନ୍ ସ୍ମିତ୍‌ଙ୍କ ଉପସ୍ଥିତ ବୁଦ୍ଧି ହିଁ ମରଣାନ୍ତକ ଭାବରେ ଛୁରାର ଆଘାତ ସତ୍ତ୍ୱେ କକ୍‌ପିଟ୍‌ର ଦୁଆର ଖୋଲିବାକୁ ଅଟକାଇ ପାରି ନଥିଲା, ଯାହା ହୁଏତ ପାଗଳ ଭଳି ଜଣେ ଜିହାଦୀ-ଶୈଳୀର ଆକ୍ରମଣକାରୀକୁ କାବୁ କରିବାରେ ଢେର୍ ସହାୟତା କରିଥିଲା। କ୍ୟାପ୍‌ଟେନ୍ ସ୍ମିତ୍‌ଙ୍କୁ ସିପିଆର୍ ଦେଇଥିବା ଦନ୍ତ ଚିକିତ୍ସକ ଜଣକ ବର୍ଣ୍ଣନା କରିଥିଲେ କିପରି ଏକ ତୀକ୍ଷ୍ଣ ଅସ୍ତ୍ରର ଆଘାତ ଦ୍ୱାରା କ୍ଷତବିକ୍ଷତ ହୋଇ ଯାଇଥିଲେ। ତାଙ୍କର ଓମାନୀ ସହ-ପାଇଲଟ୍ ଦୃଢ଼ମନା ହୋଇ ଅବିଶ୍ରାନ୍ତ ଭାବରେ ଆକ୍ରମଣ କରି ଚାଲିଥିଲେ, ଯେଉଁଥିପାଇଁ ହଠାତ୍ ବିମାନଟି ସିଧାସଳଖ ତୀଖ ଭାବରେ ମାତ୍ର ୩୭ ସେକେଣ୍ଡ ମଧ୍ୟରେ ୧୫ ହଜାର ଫୁଟକୁ ଖସି ଆସିଥିଲା, ଯାହା ଯାତ୍ରୀମାନଙ୍କୁ ସେମାନଙ୍କ ସମ୍ମୁଖରେ ସେମାନଙ୍କର ମୃତ୍ୟୁଦୂତଙ୍କୁ ଦେଖିବା ଭଳି ଅବସ୍ଥାକୁ ନେଇ ଆସିଥିଲା; ସତେ ଯେପରି ଆଉ କିଛି ସମୟ ମଧ୍ୟରେ ସେମାନେ ସମସ୍ତଙ୍କ ଜୀବନ ଚାଲିଯିବ!

ସମ୍ପୃକ୍ତ ବିମାନଟିରେ ଥିବା ଅନ୍ୟ ଦୁଇ କର୍ତ୍ତବ୍ୟରତ ପାଇଲଟ୍ ଏହି ଘଟଣା ପରେ ବିମାନକୁ ନିୟନ୍ତ୍ରଣକୁ ନେବା ତଥା ଯାତ୍ରୀମାନେ ସେମାନଙ୍କ ସମ୍ମୁଖରେ ମୃତ୍ୟୁର କରାଳ ଚିତ୍ର ଦେଖିବାରୁ ବର୍ତ୍ତିଯିବା ପରେ, ଯାହାକି କୌଣସି ବିମାନ ଯାତ୍ରୀ କେବେ ବି ସମ୍ମୁଖୀନ ହୋଇ ନଥିବେ ଏବଂ କ୍ୟାପ୍‌ଟେନ୍ ସ୍ମିତ୍ ସାଉଦି ଆରବର ଏକ ହସ୍‌ପିଟାଲରେ ଆରୋଗ୍ୟ ଲାଭ କରୁଥିବା ସମୟରେ ଇସ୍ରାଏଲ, ଯାହାର ସେହି ବିମାନରେ ୧୬୯ ଜଣ ଯାତ୍ରୀ ଯାତ୍ରା କରୁଥିଲେ, ତାହା ଅବଶ୍ୟ ଆଶ୍ୱସ୍ତିର ଦୀର୍ଘଶ୍ୱାସଟିଏ ପକାଇଛି, କାରଣ ଏକ ଭାଗ୍ୟଶାଳୀ ଶେଷ ମୋଡ଼ରେ ସାମୂହିକ ସାହସିକତା ଜଣେ ବ୍ୟକ୍ତିବିଶେଷର ଭୀରୁତାପୂର୍ଣ୍ଣ ଆତଙ୍କୀ ପ୍ଲଟ୍ ଉପରେ ବିଜୟ ଲାଭ କରିଛି। ବିଗତ କେତେ ବର୍ଷ ମଧ୍ୟରେ ହଲିଉଡ୍‌ର ଚଳଚ୍ଚିତ୍ର ପଟ୍ଟକଥା ଲେଖକମାନେ ଯେଉଁସବୁ ବିମାନ ଅପହରଣର କାହାଣୀମାନ ଲେଖିଛନ୍ତି, ଏହି ଘଟଣା ହୁଏତ ସେସବୁ ଉପରେ ପାଣି ପକାଇ ଦେବା ଭଳି ହୋଇଛି ଏବଂ ସଙ୍ଗେ ସଙ୍ଗେ ଘଟଣାଟି ଏକଥା ମଧ୍ୟ ସ୍ମରଣ କରାଇ ଦେଇଛି- ଏକ ଯୁଦ୍ଧାକ୍ରାନ୍ତ ବିଶ୍ୱରେ ଝଗଡ଼ା ଏବଂ ଭୁଲ୍ ବୁଝାମଣାର ପରିଣତି କିପରି ଭୟାବହ ହୋଇପାରେ, ଯାହା କେବଳ ଯୁଦ୍ଧରେ ସମ୍ପୃକ୍ତ ଲୋକମାନଙ୍କ ଜୀବନକୁ ବିପନ୍ନ କରେନାହିଁ, ବରଂ ଆଦୌ କୌଣସି ଦୋଷ କରି ନଥିବା ନିରୀହ ଲୋକମାନଙ୍କୁ ମଧ୍ୟ ଆକ୍ରାନ୍ତ କରିଥାଏ। ପୁନଶ୍ଚ, ସେହି ବୋଇଂ ୭୩୭ ମ୍ୟାକ୍ସ ୮ ବିମାନଟି ଏକ ସିଧାସଳଖ ତୀଖ ଅବତରଣର ଜି ଶକ୍ତିକୁ ସମ୍ଭାଳି ଯିବାକୁ ମଧ୍ୟ ଏକ ଚମତ୍କାରୀ ଘଟଣା ଭାବରେ ଦେଖା ଯାଉଛି।

ସାରା ବିଶ୍ୱରେ ବର୍ତ୍ତମାନ ସୁରକ୍ଷା ଓ ନିରାପତ୍ତାର ଦୃଶ୍ୟ ଏଭଳି ଯେ ପ୍ରତିଶୋଧ ପରାୟଣତାରେ ଜର୍ଜରିତ ପରିବେଶରେ ଯେ କୌଣସି ପ୍ରକାରର ଅପ୍ରତ୍ୟାଶିତ ଘଟଣା ଘଟିବା ଆଶା କରାଯାଇପାରେ। ଆଉ ଇସ୍ରାଏଲ, ଯାହାର ଇତିହାସ ଖୁବ୍ ଜଟିଳ ଏବଂ ବିଶ୍ୱର ସର୍ବାଧିକ ଧାର୍ମିକ ଅଶାନ୍ତ ଅଞ୍ଚଳରେ ଏହାର ଅବସ୍ଥିତି, ତାହା ଉପରୋକ୍ତ ଘଟଣା ଭଳି ଘଟଣାମାନ ଯେ ଘଟିବ, ସେକଥା ଭଲ ଭାବରେ ଜାଣେ। ଏହି ଘଟଣା ପାଇଁ ଇସ୍ରାଏଲ ହୁଏତ ଦୁବାଇ ଏୟାରଲାଇନ୍‌କୁ ଦୋଷ ଦେଇପାରେ ଯେ ଏହା କାହିଁକି ଜଣେ ଓମାନୀ ପାଇଲଟ୍‌କୁ ନିଯୁକ୍ତି ଦେଇଛି, ଯେଉଁ ଦେଶ ସହିତ ଏହାର କୌଣସି ପ୍ରକାରର କୂଟନୀତିକ ସମ୍ପର୍କ ନାହିଁ। କିନ୍ତୁ ଏହା କେବଳ ନିଜର କେଶରାଶିକୁ କ୍ରୋଧରେ ଟାଣି ଛିଣ୍ଡାଇବା ଭଳି କାମ କରିବା ସଦୃଶ ହେବ, କାରଣ ଆତଙ୍କବାଦୀଟିଏ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶର ହେବ ବୋଲି କିଛି ନିଶ୍ଚିତତା ନାହିଁ। ଯେଉଁ ଦେଶମାନେ ଯୁଦ୍ଧରେ ବ୍ୟାପୃତ ଅଛନ୍ତି, ସେମାନଙ୍କୁ ଏହି ଘଟଣା ଅବଶ୍ୟ ଚେତାଇ ଦେଇଛି ଯେ ନିଜ ଦେଶର ଲୋକମାନଙ୍କ ଜୀବନକୁ ସୁରକ୍ଷିତ ରଖିବାକୁ ହେଲେ ସେମାନଙ୍କୁ ଅହର୍ନିଶ ଜାଗ୍ରତ ରହି ଆତଙ୍କୀ ଘଟଣା ଉପରେ ଦୃଷ୍ଟି ରଖିବାକୁ ପଡ଼ିବ। ବିମାନଟି ଆକାଶ ମାର୍ଗରେ ଜୋର୍ଡାନ୍ ଉପରେ ଗତି କରୁଥିବା ବେଳେ ଜଣେ ପାଇଲଟ୍ ଆଉ ଜଣେ ପାଇଲଟ୍‌ଙ୍କୁ ଆକ୍ରମଣ କରିବା ଘଟଣା ତା'ର ଉଦ୍ଦେଶ୍ୟ, ଷଡ଼ଯନ୍ତ୍ର ତତ୍ତ୍ୱ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରୁଛି, ଯାହା ପ୍ରସ୍ତୁତ ହୋଇ ସାରିଛି। ଏହା ହେଉଛି ଏକ ଅଶାନ୍ତ ବିଶ୍ୱର ରୂପରେଖ, ଯେଉଁଥିରେ ମାନସିକ ଉତ୍ତେଜନା ଏକ ସାଧାରଣ ଘଟଣା, ଏମିତିକି ଦେଶ ଦେଶଙ୍କ ଭିତରେ କୌଣସି ବଡ଼ ଧରଣର ଯୁଦ୍ଧ ନ ହେଲେ ସୁଦ୍ଧା। ଯେ ପର୍ଯ୍ୟନ୍ତ କିଛି ଚମତ୍କାରୀ ଘଟଣା ନ ଘଟିଛି, ସେ ପର୍ଯ୍ୟନ୍ତ ସବୁ ଦେଶ ଯୁଦ୍ଧ ବନ୍ଦ କରି ଶାନ୍ତିରେ ବାସ କରିବା ଭଳି ମାନସିକତାକୁ ଫେରିବା ଅସମ୍ଭବପ୍ରାୟ ମନେହୁଏ। ଆଉ ସେ ପର୍ଯ୍ୟନ୍ତ ପ୍ରତିଶୋଧମୂଳକ ଆକ୍ରମଣ ଏକ ବିଧି ଭାବରେ ରହିବା ସ୍ୱାଭାବିକ। ଆମେ ସମସ୍ତେ ଜାଣିଛେ ଯେ ଆମେ କୌଣସି ଗୋଟିଏ ହେଲେ ବି ସଂକଟକୁ ଟାଳି ପାରିବା ନାହିଁ- ତାହା ୨୦୨୫ରେ ଯେଉଁ ୬୫ଟି ଦ୍ୱନ୍ଦ୍ୱ ବା ଯୁଦ୍ଧ ପୃଥିବୀରେ ସଂଘଟିତ ହୋଇଥିଲା ବୋଲି କୁହାଯାଉଛି, ତାହା ହେଉ ବା ଯେଉଁଥିରୁ କିଛି ଦୃଶ୍ୟପଟ ୨୦୨୬କୁ ମଧ୍ୟ ସଂଚରିତ ହୋଇଛି, ତାହା ହେଉ ନା କାହିଁକି।

# ପର୍ଶୁରାମଙ୍କ ପାଞ୍ଚଟି ବର

ଜମଦଗ୍ନିଙ୍କ ଔରସରୁ ରେଣୁକାଙ୍କର ପାଞ୍ଚଟି ପୁତ୍ର ଜନ୍ମିଥିଲେ। ସେମାନେ ହେଲେ- ବସୁ, ବିଶ୍ୱାବସୁ, ବୃହଦ୍‌ଭାନୁ, ବୃହଦ୍‌କଣ୍ୱ ଓ ରାମ। ସବା ସାନପୁଅ ରାମ (ପର୍ଶୁରାମ) ବିଷ୍ଣୁଙ୍କର ଅବତାର ଭାବରେ ପ୍ରସିଦ୍ଧି ଲାଭ କଲେ। ରାମ ଶିବଙ୍କଠାରୁ ଧନୁର୍ବିଦ୍ୟା ଶିକ୍ଷା କରିଥିଲେ। ତାଙ୍କଠାରୁ ପରଶୁଟିଏ ବି ପାଇଥିଲେ। ଏଇ ପରଶୁକୁ ସେ ମୁଖ୍ୟ ଆୟୁଧ ରୂପେ ଧରିଥିଲେ। ସେଥିପାଇଁ ତାଙ୍କ ନାଁ ପରଶୁରାମ ବା ପର୍ଶୁରାମ। ପର୍ଶୁରାମ ଗନ୍ଧମାର୍ଦ୍ଦନ ପର୍ବତରେ କଠୋର ତପସ୍ୟା କରି ମହାଦେବଙ୍କୁ ସନ୍ତୁଷ୍ଟ କରିଥିଲେ ଓ ତେଜମୟ ପରଶୁ ଲାଭ କରିଥିଲେ ବୋଲି ଆଉ କେହି କେହି ମତ ଦିଅନ୍ତି। ଅନ୍ୟ ଏକ ମତ ହେଉଛି, ଶିବଙ୍କ ଆଜ୍ଞାରେ ସେ ଅସୁର କୁଳ ଧ୍ୱଂସ କରି ଶିବଙ୍କୁ ସନ୍ତୁଷ୍ଟ କଲେ ଓ ଶିବ ତାଙ୍କୁ ପରଶୁ ଦାନ କରିଥିଲେ। ସେ ଯାହାହେଉ, ଜଗତର ଉପକାର ପାଇଁ ପର୍ଶୁରାମ ଅବତାର ନେଇଥିଲେ। କଠୋରତାର ସହିତ ସତ୍ୟକୁ ସମ୍ମୁଖୀନ ହେବା ଥିଲା ପର୍ଶୁରାମ ଅବତାରର ଏକ ବିଶେଷତ୍ୱ। ସତ୍ୟରକ୍ଷା ଦିଗରେ ପିତା, ମାତାଙ୍କୁ ବି ପଛରେ ପକେଇବାକୁ ହୁଏ। ଜୀବନରେ ସତ୍ୟକୁ ଗୁରୁତ୍ୱ ଦେଇଥିବା ମଣିଷ ସାମୟିକ କଷ୍ଟ ପାଇପାରେ, ମାତ୍ର ପରାଜିତ ହୁଏନା। ଏହା ହିଁ ପର୍ଶୁରାମଙ୍କ ଜୀବନର ଦୃଷ୍ଟାନ୍ତ।

ପ୍ରତ୍ୟେକ ଦୃଶ୍ୟର ସ୍ୱତନ୍ତ୍ର ପ୍ରଭାବ ଥାଏ। ଇନ୍ଦ୍ରିୟମାନଙ୍କୁ ମାଧ୍ୟମ କରି ମନ ଅନେକ ପ୍ରକାର ଚିନ୍ତା ନିଜ ଭିତରେ ସାଇତି ରଖିଥାଏ। ଆବଶ୍ୟକ ହେଲେ ସେମାନଙ୍କୁ କ୍ରିୟାଶୀଳ କରାଏ। ସେମିତି ମାର୍ତ୍ତିକାବର୍ତ୍ତ ଦେଶର ରାଜା ଥିଲେ ଗନ୍ଧର୍ବ ଚିତ୍ରରଥ। ସେ ଥରେ ସସ୍ତ୍ରୀକ ଜଳକ୍ରୀଡ଼ା କରୁଥିଲେ। ଏହା ରେଣୁକାଙ୍କ ଦୃଷ୍ଟିରେ ପଡ଼ିଲା। ଫଳରେ ରେଣୁକାଙ୍କ ମନରେ କାମଭାବ ଜାତ ହେଲା। ମନରେ କୌଣସି ପ୍ରତିକ୍ରିୟା ହେଲେ ଶରୀର ଉପରେ ତା'ର ପ୍ରଭାବ ପଡ଼େ। ରେଣୁକା ଅନ୍ୟମନସ୍କ ରହିଲେ। ଜମଦଗ୍ନି ଧ୍ୟାନ ବଳରେ ରେଣୁକାଙ୍କ ମନୋଭାବ ଜାଣି ପାରିଲେ। କ୍ରୋଧାନ୍ୱିତ ହେଲେ। କାରଣ ପୁରୁଷ ହେଉ ବା ନାରୀ ଅନ୍ୟ କାହାକୁ ମନରେ ସ୍ଥାନ ଦେଲେ ସେମାନଙ୍କୁ ବ୍ୟଭିଚାରୀ ବା ବ୍ୟଭିଚାରିଣୀ କୁହାଯାଏ। ପତ୍ନୀଙ୍କଠାରେ ବ୍ୟଭିଚାରିଣୀତ୍ୱ ଆରୋପ କରି ଜମଦଗ୍ନି ପୁତ୍ରମାନଙ୍କୁ ଆଦେଶ ଦେଲେ ମାଆ ରେଣୁକାଙ୍କୁ ହତ୍ୟା କରିବାକୁ। ଯୋଉ ମାଆର କୋଳରେ ଛୋଟରୁ ବଡ଼ ହୋଇଛନ୍ତି, ସେମାନଙ୍କୁ ଭକ୍ତି କରିବା ସନ୍ତାନଙ୍କ କର୍ତ୍ତବ୍ୟ। ହତ୍ୟା କରିବାଠାରୁ ବର୍ବରତା ଓ ପାପ ସଂସାରରେ ଆଉ କ'ଣ ଥାଇପାରେ ? ଏହା ବିଚାର କରି ଜମଦଗ୍ନିଙ୍କ ପ୍ରଥମ ଚାରିଜଣ ପୁତ୍ର ରାଜି ହେଲେନି। ପିତାଙ୍କ ଆଦେଶକୁ ଅବମାନନା କରି ହେବନି। ତେଣୁ ଚାରି ପୁଅ ନିରବରେ ମୁଣ୍ଡକୁ ତଳକୁ ପୋତି ଠିଆହେଲେ। ପାଳି ପଡ଼ିଲା କନିଷ୍ଠ ପୁତ୍ର ପର୍ଶୁରାମଙ୍କର। ସେ ଅକୁଣ୍ଠିତ ଚିତ୍ତରେ ପିତୃଆଜ୍ଞା ପାଳନ କଲେ। ଜମଦଗ୍ନିଙ୍କର ତପସ୍ୟାର ଶକ୍ତି ଥିଲା। ଆଜ୍ଞା ପାଳନ କରି ନଥିବା ଚାରି ପୁଅଙ୍କୁ ଅଭିଶାପ ଦେଇ କହିଲେ- 'ପିତୃ ଆଜ୍ଞା ପାଳନ କରିନାହଁ। ତୁମେ ଜଡ଼ବୁଦ୍ଧି ହୋଇଯାଅ।' କିନ୍ତୁ ଖୁସିରେ ପର୍ଶୁରାମଙ୍କୁ ବର ମାଗିବାକୁ କହିଲେ। ପ୍ରଥମ ବରରେ ପର୍ଶୁରାମ ମାଆଙ୍କ ଜୀବନ ଭିକ୍ଷା ଓ ପୂର୍ବ ପରି ପୁତ୍ରମାନଙ୍କ ସହିତ ବାସ କରିବାକୁ ମାଗିଲେ। ଦ୍ୱିତୀୟରେ, ମାଆ ନିଜର ହତ୍ୟା ଘଟଣା ଭୁଲିଯିବେ। ତୃତୀୟରେ, ସେ (ପର୍ଶୁରାମ) ଯୁଦ୍ଧରେ ଅଜେୟ ହେବେ। ଚତୁର୍ଥରେ, ମାତୃହତ୍ୟା ପାପ ଯେପରି ତାଙ୍କୁ ଲାଗିବ ନାହିଁ। ପଞ୍ଚମରେ ସେ ଯେପରି ଦୀର୍ଘ କାଳ ବଞ୍ଚି ରହିବେ ଏବଂ ତାଙ୍କର ଭାଇମାନେ ଯେପରି ସ୍ୱାଭାବିକ ଅବସ୍ଥା ଫେରି ପାଇବେ। ଜମଦଗ୍ନି ତଥାସ୍ତୁ କହିଥିଲେ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଗାନ୍ଧୀ ଜୟନ୍ତୀ ସେବା ପକ୍ଷ



**ଟାଙ୍ଗୀ,୨।୧୦/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ଏବଂ ଟେଟ୍ରାହେଡ୍ରନ୍ ଏଜୁକେସନାଲ୍ ଟ୍ରଷ୍ଟ ସହଯୋଗରେ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସଂଘ ସଭାପତି ବାପୁପ୍ରିୟ ରଘୁପତି ରାମଙ୍କ ସଭାପତିତ୍ୱ ଏବଂ ଅଶୋକ କୁମାର ପୃଷ୍ଟିଙ୍କ ପରିଚାଳନା ଓ ବିଜୟ କୁମାର ସାହୁଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ଥାନୀୟ ସରପଞ୍ଚ ସୁମନପ୍ରଭା ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୁରେନ୍ଦ୍ର ସାମଲ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୁବଶକ୍ତି ମଧ୍ୟରେ ଗାନ୍ଧୀ ବିଚାରର ଆବଶ୍ୟକତା ଅଛି ବୋଲି ମତ ରଖିଥିଲେ। ଏହି ଅବସରରେ ପାଠାଗାର ପରିସର ଓ ଶିଶୁ ଉଦ୍ୟାନ ପରିସର ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଜୟ କୁମାର ପୃଷ୍ଟି, ଆକାଶ ପାତ୍ର, ହୃଷୀକେଶ ସାମଲଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଓ ଟେଟ୍ରାହେଡ୍ରନ୍‌ର କର୍ମଚାରୀ ଓ ମହିଳାମାନେ ସହଯୋଗ କରିଥିଲେ। ଏହି ଅବସରରେ ଟେଟ୍ରାହେଡ୍ରନର ତିନୋଟି କ୍ୟାମ୍ପସ ଓଲ୍ଡ, ନିୟୁ ଓ ଟିକରା କ୍ୟାମ୍ପସରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସଫେଇ କରିଥିବା ଜଣାପଡ଼ିଛି।

## ବିଜେପି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ବାଦ ବିବାଦ ଭୁଲି ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ



**କୋଣାର୍କ,୨।୧୦/ଏନ୍‌ଏନ୍‌ଏସ୍:** କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀରେ ବିଜେପିର ପୁରୀ ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ବିଜେପି ସଭାପତି ଡାକ୍ତର ଦେବେନ୍ଦ୍ର ନାଥ ତରାଇଙ୍କ ଅଧ୍ୟକ୍ଷତା ଓ ପୁରୀ ଜିଲ୍ଲା ବିଜେପି ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ନିମାପଡ଼ା ବିଧାୟକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ଜଗତସିଂହପୁର ସାଂସଦ ଡକ୍ଟର ବିଭୂ ପ୍ରସାଦ ତରାଇ, ପୁରୀ ସାଂସଦ ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ କର୍ମୀ ଓ ବରିଷ୍ଠ କର୍ମକର୍ତ୍ତାମାନେ ଏକ ମନ ଏକ ପ୍ରାଣ ହୋଇ ବାଦ ବିବାଦ ଭୁଲି ମିଳିତଭାବେ କାର୍ଯ୍ୟ କରିବାକୁ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚିପାରିବା ସହ ଜନସମ୍ପର୍କ ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ୧୧ଟି ବ୍ଲକ୍ ସମେତ କୋଣାର୍କ ଏନ୍‌ଏସି, ପିପିଲି ଏନ୍‌ଏସି ଓ ପୁରୀ ପୌରପରିଷଦରୁ ୧୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ କର୍ମକର୍ତ୍ତା, ମଣ୍ଡଳ ସଭାପତି ଓ ପୁରୁଖା କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

# 'ଉଭୟଙ୍କ ଆଦର୍ଶ ଓ ବିଚାରଧାରା ସର୍ବଦା ମାନବ ଜାତିକୁ ଅନୁପ୍ରାଣିତ କରିବ'















**ପୁରୀ,୨।୧୦/ଏନ୍‌ଏନ୍‌ଏସ୍:** ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ, ଆଦର୍ଶ ଚିର ଅମର। ସେମାନଙ୍କ ବିଚାରଧାରା ସମଗ୍ର ପୃଥିବୀକୁ ସବୁ ସମୟରେ ମାର୍ଗଦର୍ଶନ ଦେଇ ଚାଲିଥିବ ବୋଲି ଜିଲ୍ଲାସ୍ତରୀୟ ଗାନ୍ଧିଜୀଙ୍କ ୧୫୭ତମ ଓ ଶାସ୍ତ୍ରୀଜୀଙ୍କ ୧୨୨ତମ ଜୟନ୍ତୀରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଯୋଗଦେଇ ଆଜିର ଦିନରେ ଜନ୍ମ ହୋଇଥିବା ଦୁଇ ମହାପୁରୁଷଙ୍କ ଜୀବନୀ ଆମକୁ ସତ୍ୟ, ନ୍ୟାୟ ଓ ଅହିଂସା ପଥରେ ଯିବାର ପ୍ରେରଣା ଦେଉଛି। ବର୍ଣ୍ଣ ବୈଷମ୍ୟତା ଦୂର ସହ ବିଭିନ୍ନ ପ୍ରକାର ଆନ୍ଦୋଳନ ମାଧ୍ୟମରେ ଏକ ଦୃଢ଼ ଓ ପ୍ରଗତିଶୀଳ ସମାଜ ଗଠନରେ ସେମାନଙ୍କ ଅବଦାନ ଅବିସ୍ମରଣୀୟ। ସମଗ୍ର ବିଶ୍ୱ ଗାନ୍ଧୀଜୀଙ୍କ ଅହିଂସା ମନ୍ତ୍ରକୁ ଗ୍ରହଣ କରିପାରିଲେ ଏହା ବିଶ୍ୱ ଶାନ୍ତିରେ ସହାୟକ ହୋଇପାରିବ ବୋଲି ଶ୍ରୀ ବେହେରା କହିଥିଲେ। ଉପଜିଲ୍ଲାପାଳ ରାଜକିଶୋର ଜେନା ଓ ସର୍ବୋଦୟ ମେଳା ସମିତିର ସଭାପତି ଉମା ବଲ୍ଲଭ ମହାପାତ୍ର ଯୋଗଦେଇ ଉଭୟ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନକୁ ଅନୁଧ୍ୟାନ କଲେ ସରଳ ଜୀବନ ହିଁ ସଫଳ ଜୀବନ ବୋଲି ସମସ୍ତେ ଜାଣିପାରନ୍ତି। ସତ୍ୟ, ଅହିଂସା, ପ୍ରତିବଦ୍ଧତା ଓ ସ୍ୱାଭିମାନର ପ୍ରତୀକ ଏହି ମହାମାନବ ଆମ ରାଷ୍ଟ୍ରର ଗର୍ବ ଓ ଗୌରବ। ବିଶ୍ୱ ଥିବା ଯାଏଁ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶ ଓ ବିଚାରଧାରା ସମଗ୍ର ମାନବ ଜାତିକୁ ଅନୁପ୍ରାଣିତ କରି ଚାଲିଥିବ ବୋଲି ସେମାନେ କହିଥିଲେ। ସମାଜସେବୀ ତଥା ଗାନ୍ଧୀବାଦି ଗୌରାଙ୍ଗ ଚରଣ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଉପରେ ବିସ୍ତୃତ ଆଲୋଚନା କରିବା ସହ ଆମ ପ୍ରତ୍ୟେକଙ୍କ ମଧ୍ୟରେ ଉଭୟ ମହାପୁରୁଷଙ୍କ ବିଚାରଧାରା ରହିଛି ବୋଲି କହିଥିଲେ। ପରେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ସର୍ବୋଦୟ ମେଳା ସମିତିର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସର୍ବଧର୍ମ ପ୍ରାର୍ଥନା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସକାଳ ୪ଟା ୩୦ରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହର ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯାଇଥିଲା। ସକାଳ ୭ଟା ୩୦ରେ ଗାନ୍ଧୀଘାଟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା।

**ନୟାଗଡ଼:** ନୟାଗଡ଼ ଜିଲ୍ଲା ସଦର ମହକୁମାସ୍ଥିତ ପଠାଣି ସାମନ୍ତ ସଂସ୍କୃତି ଭବନରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଓ ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଦିବସ ସମାରୋହ ଜିଲ୍ଲା ପ୍ରଶାସନ ଓ ପୌରପରିଷଦର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସାଧାରଣ ସଭା, ସର୍ବଧର୍ମ ଓ ସର୍ବଧର୍ମ ପ୍ରାର୍ଥନା ସହ ଅବସରପ୍ରାପ୍ତ ପ୍ରାଧ୍ୟାପକ କୈଳାସ ଚନ୍ଦ୍ର ବାଣ୍ଟଙ୍କ ଦ୍ୱାରା ଗୀତାପାଠ, ସିନ୍ଦୁରିଆର ସେଖ୍ ଅବଦୁଲ୍ ରହିମ୍‌ଙ୍କ ଦ୍ୱାରା କୋରାନ୍ ପାଠ ଓ ନୟାଗଡ଼ ଚର୍ଚ୍ଚର ଫାଦର କପିଳାସ ନାୟକଙ୍କ ଦ୍ୱାରା ବାଇବେଲ୍ ପାଠ କରାଯାଇ ଏକତା ଓ ଧର୍ମନିରପେକ୍ଷତାର ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥିଭାବେ ନୟାଗଡ଼ ବିଧାୟକ ଡ଼ଃ ଅରୁଣ କୁମାର ସାହୁ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ଓ ପୌରପରିଷଦର ସମସ୍ତ ପାରିଷଦବୃନ୍ଦ ଯୋଗ ଦେଇଥିଲେ। ପରେ ସମସ୍ତ ଅତିଥିମାନେ ସଫେଇ ମିତ୍ରଙ୍କୁ ସମ୍ବର୍ଦ୍ଧନା ସହ ଫାଷ୍ଟଏଡ୍ କିଟ୍ ବାଣ୍ଟିଥିଲେ। ଏହାସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟା ଯାଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ସେନାପତି ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସକାଳୁ ରାମଧୁନ୍ ଗାନ ହେବାସହ ତ୍ରିନାଥ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ବ୍ଲଡ୍ ସେଭ୍ ଲାଇଫ୍ ଓ ଜ୍ଞାନଦୀପ ବିଦ୍ୟାମନ୍ଦିର ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ନୟାଗଡ଼ ବ୍ଲଡ୍ ବ୍ୟାଙ୍କ୍ ସହଯୋଗ କରିଥିଲେ। ଏଥିରେ ଅତିଥିଭାବେ ଇଟାମାଟି କଲେଜର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଓ ଗତିଶ୍ୱର ଡିଗ୍ରୀ କଲେଜର ଅଧ୍ୟାପକ ଡ. ସୁଶାନ୍ତ କୁମାର ମାଝୀ ଯୋଗ ଦେଇଥିଲେ।

**କାକଟପୁର:** ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ କାକଟପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଳିତ ହୋଇଯାଇଛି। କାକଟପୁରର ବିଭିନ୍ନ ସ୍କୁଲ୍, କଲେଜ ଓ ଶିକ୍ଷାନୁଷ୍ଠାନରେ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସକାଳୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ବିଶାଳ ପ୍ରଭାତ ଫେରୀ ବାହାର କରାଯାଇ 'ବନ୍ଦେ ମାତରମ୍', 'ରଘୁପତି ରାଘବ ରାଜା ରାମ' ଓ ଅହିଂସାର ବାର୍ତ୍ତା ବହୁଥିବା ସ୍ଲୋଗାନ୍ ଦିଆଯାଇଥିଲା। ଶିକ୍ଷାନୁଷ୍ଠାନଗୁଡ଼ିକରେ ଆୟୋଜିତ ସଭାରେ ଅତିଥି ଏବଂ ଶିକ୍ଷକମାନେ ଗାନ୍ଧୀଜୀଙ୍କ ସତ୍ୟ, ଅହିଂସା ଓ ସ୍ୱଚ୍ଛତା ଅଭିଯାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ମିଶି ବିଦ୍ୟାଳୟ ପରିସର ଏବଂ ଆଖପାଖ ଅଞ୍ଚଳରେ ଏକ ସ୍ୱଚ୍ଛତା ଅଭିଯାନ ପରିଚାଳନା କରିଥିଲେ। ଏହାସହ କୁଇଜ୍, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

**ନିଶ୍ଚିନ୍ତକୋଇଲି:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ବଡ଼କ୍ଷୀର ପଞ୍ଚାୟତର ପଣସପଡ଼ିଆରେ ଥିବା ଗାନ୍ଧୀପୀଠରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅକ୍ଷୟ କୁମାର ମିଶ୍ର, ସମୀର ସାହୁ, ବୃନ୍ଦାବନ ରାଉତ, ଜିତେନ୍ଦ୍ର ଲେଙ୍କା, ସୁକାନ୍ତ ସାହୁ, ରଞ୍ଜନ ପ୍ରଧାନ, ସରୋଜ ସାହୁ, ସୁଧାଂଶୁ ଶେଖର ରାଉତ, ଅଶୋକ ସିଂ, ଶରତ ମହାନ୍ତି, ବିଜୟ ସେନାପତି, ବସନ୍ତ ଦାସ, ଦେବେନ୍ଦ୍ର ପରିଡ଼ା ଓ ଆଲୋକ ପ୍ରସାଦ ସ୍ୱାଇଁ ପ୍ରମୁଖ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ ଅର୍ପଣ କରିବା ସହ ଗାନ୍ଧୀଙ୍କ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର କରାଯାଇଥିଲା। ସେହିପରି ଜିଗ୍ନୀପୁର ଗ୍ରାମପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମସଭା ନାଏବ ସରପଞ୍ଚ ଖୁଦରତ ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଉପରେ ଗୁରୁତ୍ୱ ଦିଆଯିବା ସହିତ ଗ୍ରାମପଞ୍ଚାୟତକୁ ସ୍ୱଚ୍ଛତା ଓ ସଠିକ୍ ଢଙ୍ଗରେ ବିଦ୍ୟାଳୟର ପରିବେଶ ପରିଷ୍କାରକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ସଭାରେ ରେଭେନ୍ୟୁ ଇନ୍ସପେକ୍ଟର୍ ଚୈତନ୍ୟ କୁମାର ମାହାଳୀ, ସିଆର୍‌ସି ପିତାମ୍ବର ବେହେରା, ପିଇଓ ସର୍ବେଶ୍ୱର ସିଂ, ଶିକ୍ଷକ ରବିନାରାୟଣ ସାହୁ, ପ୍ରଭାକର ସ୍ୱାଇଁ ଓ ମୀନା ସେଠୀ, ରବିଚନ୍ଦ୍ର ବେହେରା, ମଳୟ ଘଡ଼େଇ, ଏମ୍‌ବିକେ ମୋନାଲିସା ରାଉତ, ବରିଷ୍ଠ ୱାର୍ଡସଭ୍ୟ ଗୋକୁଳାନନ୍ଦ ନାୟକ, ବିଶ୍ୱଜିତ୍ ସ୍ୱାଇଁ ଓ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅକ୍ଷୟ କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

**ବୟାଳିଶମୌଜା:** କଟକ ସଦର ୪୨ ମୌଜା ଦଧିବାମନପୁର ଗ୍ରାମସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ସାହୁ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କ ବିଷୟରେ ପିଲାଙ୍କର ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ରବିନ୍ଦ୍ର କୁମାର ଦେବତା, ସହ ସମ୍ପାଦିକା ସୁମିତା ଦେବତା, ପ୍ରଧାନଆଚାର୍ଯ୍ୟ ବିଶ୍ୱରଞ୍ଜନ ତ୍ରିପାଠୀ, ବରିଷ୍ଠ ଗୁରୁଜୀ ଅଭିମନ୍ୟୁ ସ୍ୱାଇଁ, ଦେବବ୍ରତ ନାୟକ, ସତ୍ୟଶିବ ବାରିକ ଗୁରୁଜୀ, ବେବି ରଣା ଓ ଲକ୍ଷ୍ମୀପ୍ରିୟା ଗୁରୁମା ଉକ୍ତ ଦିବସର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା।

**ଚାରିଛକ:** ସରସ୍ୱତୀ ଶିଶୁମନ୍ଦିରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଜୀବନ ଜ୍ୟୋତି ଶତପଥୀ ୱାର୍ଡ ସଭାପତି, ରାକେଶ ସେନାପତି ସାଧାରଣ ସମ୍ପାଦକ, ସାଇ ପ୍ରୀତମ ପଟ୍ଟନାୟକ ଯୁବ ସଭାପତି ଓ ଜ୍ୟୋତି ରଞ୍ଜନ ସାହୁ ସାଧାରଣ ସମ୍ପାଦକ ପ୍ରମୁଖଙ୍କ ସହ ନିମାପଡ଼ା ବିଜେପି ନଗରମଣ୍ଡଳ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

# ଗଣିଆ ସାମ୍ବାଦିକ ସଂଘ ପକ୍ଷରୁ ଆର୍ତ୍ତତ୍ରାଣ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଗଣିଆ,୨।୧୦/ଏନ୍‌ଏନ୍‌ଏସ୍:** ଗଣିଆ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱର୍ଗତ ବ୍ୟଙ୍ଗକବି ରାସି ଶେଖର ଆର୍ତ୍ତତ୍ରାଣ ମିଶ୍ରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଶ୍ୱରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ପ୍ରତାପ କୁମାର ରାଉତ, ସମ୍ପାଦକ କମଳଲୋଚନ ଦକେଇ, ସହସମ୍ପାଦକ ସୁରେଶ କୁମାର ସାହୁ, କୋଷାଧ୍ୟକ୍ଷ ସମୀର କୁମାର ବେହେରା, ଉପଦେଷ୍ଟା କୈଳାଶ ଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ସଭ୍ୟ ବିଜୟ କୁମାର ତରେଇ ଓ ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟିକ, ସୃଜନଶୀଳତା ସେ ତାଙ୍କର ସହଜ, ସରଳ ଏବଂ ଶାଣିତ ବ୍ୟାଙ୍ଗାତ୍ମକ କବିତା ଓ ରଚନା ମାଧ୍ୟମରେ ସମାଜର ବିଭିନ୍ନ କୁସଂସ୍କାର, ଅସଙ୍ଗତି ଓ ସାମ୍ପ୍ରତିକ ଘଟଣାବଳୀକୁ ବ୍ୟଙ୍ଗ ରୂପରେ ଉପସ୍ଥାପନ କରୁଥିଲେ।

# ମଦ ଜବତ, ଜଣେ ଗିରଫ

**ନୟାହାଟ,୨।୧୦/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ସାହୁ ରାତ୍ରିକାଳୀନ ପାଟ୍ରୋଲିଂ କରିବା ସମୟରେ ୪ ଲିଟର୍ ଦେଶୀମଦ ଜବତ କରିବା ସହିତ ଜଣକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସୋରଡା ପଞ୍ଚାୟତର ପାଇକ ସାଇ ଗ୍ରାମର ବିବୁଲାଲ ନାୟକ। ଏନେଇ ଏକ ମାମଲା ରୁଜୁ ହୋଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଆଠଗଡ଼,୨।୧୦/ଏନ୍‌ଏନ୍‌ଏସ୍:** ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ଆଠଗଡ଼ ବ୍ଲକ୍ ୧ନଂ ଜିଲ୍ଲାପରିଷଦ ଜୋନ୍ ବଡ଼ ଭୁଇଁ ଜାଗିଆପଡ଼ା ଗ୍ରାମରୁ ବିଜେଡିର ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଆଠଗଡ଼ ବ୍ଲକ୍ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଯୁବନେତା ତଥା ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଶୁଭାରମ୍ଭ କରାଯାଇଛି। ଏହି ପଦଯାତ୍ରା ଜାଗିଆପଡ଼ା ଗ୍ରାମରୁ ବାହାରି ଉଭୁଇଁଦେଶ, ବଡ଼ ଭୁଇଁ ଦଳ, ତୁଳସୀପୁର, ଷଣ୍ଢମରା ଗ୍ରାମ ପରିଭ୍ରମଣ କରି ମାରୁଗୋଠ ଛକ ଦେଇ ଖୁଣ୍ଟକଟା ପଞ୍ଚାୟତର ନୂଆବନ୍ଧଗ୍ରାମ, ରେଗେଡ଼ାପଡ଼ା ପଡ଼ା ଗ୍ରାମରେ ସମାପ୍ତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ଓ ରାଜ୍ୟରେ ଚାଲିଥିବା ଡବଲ୍ ଇଞ୍ଜିନ୍ ସରକାର ରାଜ୍ୟର ସ୍ୱାର୍ଥ ତଥା ଜନବିରୋଧୀ ସରକାର ବୋଲି କହିଥିଲେ। ଏଣୁ ଏ ସରକାର ବିରୋଧରେ ଜନସାଧାରଣ ଏକାଠି ହେବା ପାଇଁ ଆହ୍ୱାନ କରିଥିଲେ। ଏହିସହ ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସମସ୍ତ ବିଜେଡି କର୍ମୀ ଦାୟିତ୍ୱ ନେବା ଦରକାର ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ମିତାଲି ରାଉତ, ଆଠଗଡ଼ ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ପ୍ରଣତି ନାୟକ, ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ା ସ୍ଥାନୀୟ ସମିତିସଭ୍ୟ ବାପି ପଣ୍ଡା, ଏନ୍‌ଏସି ସଭାପତି ଶିଶିର ପ୍ରସାଦ ମାନସିଂହଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସହସ୍ରାଧିକ ସମର୍ଥକ ଯୋଗ ଦେଇଥିଲେ।

# ୬ରୁ ହବିଷ୍ୟାଳି ବ୍ରତ ପାଇଁ ଅନ୍‌ଲାଇନ୍ ପଞ୍ଜିକରଣ



**ପୁରୀ,୨।୧୦/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ହବିଷ୍ୟାଳି ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୨୬ରୁ ଆରମ୍ଭ ହୋଇ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ କେବଳ ଅନଲାଇନ୍ ମାଧ୍ୟମରେ ଆବେଦନ ପତ୍ର ଗ୍ରହଣ କରାଯିବ। ଏହି ଆବେଦନ ପାଇଁ ପଞ୍ଜିକରଣ ଚଳିତ ମାସ ୬ ତାରିଖ ଦିବା ୧୦ଟାରୁ ଅନଲାଇନ୍ ମାଧ୍ୟମରେ ଆରମ୍ଭ ହେବ। ଏହି ପଞ୍ଜିକରଣ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ହବିଷ୍ୟାଳୀ ବ୍ରତ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଅକ୍ଟୋବର ୨୬ରୁ ହବିଷ୍ୟାଳୀ ବ୍ରତ ଆରମ୍ଭ ହେଉଥିବାରୁ ସମସ୍ତ ପ୍ରସ୍ତୁତିକୁ ଚୂଡ଼ାନ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ମୋଚି ସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ହବିଷ୍ୟାଳୀ ମାଆଙ୍କୁ ରଖାଯିବ। ସେମାନଙ୍କ ରହଣୀ ସହ ସକାଳୁ ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ଓ ଭଜନ କୀର୍ତ୍ତନ ଆଦିର ବ୍ୟବସ୍ଥା କରାଯାଇଛି। ଆବେଦନକାରୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହୋଇଥିବେ। ୭୦ ବର୍ଷ ବୟସ ପର୍ଯ୍ୟନ୍ତ ବିଧବା ଓ ୫୦ରୁ ୭୦ ବର୍ଷ ବୟସର ବିବାହିତ ମହିଳା କେବଳ ଆବେଦନ କରିପାରିବେ। ନୂତନ ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଅନଲାଇନ୍‌ରେ ପଞ୍ଜିକରଣ କରି ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହବିଷ୍ୟାଳୀ ମାଆମାନଙ୍କୁ ସେମାନଙ୍କ ରହଣୀ ସ୍ଥାନ ଓ କେତେ ତାରିଖରେ ପହଞ୍ଚିବେ ସେମାନଙ୍କୁ ସେମାନେ ପଞ୍ଜିକୃତ କରିଥିବା ମୋବାଇଲ୍ ନମ୍ବର ମାଧ୍ୟମରେ ସୂଚନା ଦିଆଯିବ। ଏହି ସୂଚନା ଥିବା ରସିଦ୍‌ର କପି ସହ ସଂପୃକ୍ତ ଯୋଗ୍ୟ ହବିଷ୍ୟାଳୀ ମାଆ ଧାର୍ଯ୍ୟ ହବିଷ୍ୟାଳୀ କେନ୍ଦ୍ରରେ ପହଞ୍ଚିଲେ ରହଣୀ ବ୍ୟବସ୍ଥା କରାଯିବ। ବିନା ପଞ୍ଜିକରଣରେ ଅପ୍ରତ୍ୟାଶିତ ଭାବେ ହବିଷ୍ୟାଳୀ ଶିବିରକୁ ଆସୁଥିବା ବ୍ୟକ୍ତିଙ୍କ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ। ଏଥିରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସୁସ୍ଥ ଥିଲେ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର୍ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦୈନନ୍ଦିନ ଜୀବନରେ ଉଭୟଙ୍କ ମୂଲ୍ୟବୋଧ ପ୍ରୟୋଗ କରିବାକୁ ପରାମର୍ଶ







**ବଲାଙ୍ଗୀର,୨।୧୦/ଏନ୍‌ଏନ୍‌ଏସ୍:** ବଲାଙ୍ଗୀର ସଦରମହକୁମାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗାନ୍ଧୀ ଭବନ ସମ୍ମୁଖସ୍ଥ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରପରିଷଦର ଅଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଦରମହକୁମାସ୍ଥିତ ଗାନ୍ଧୀନଗରପଡ଼ାରେ ଅବସ୍ଥାପିତ ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଏକ ସଭାର ଆୟୋଜନ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନିତ ଅତିଥିଭାବେ ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ ଓ ପୌରନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଉପସ୍ଥିତ ଥିଲେ। ସର୍ବଧର୍ମ ପ୍ରାର୍ଥନାରେ ସତ୍ୟବନ୍ତ ବେଦବାକ, ଇସ୍ଲାମ ସାହେବ ମହମ୍ମଦ ମୁସାହିତ ରାଜା, ନିମୁଏଲ ନାଗ ଓ ଯଶବୀର ସିଂ ପ୍ରମୁଖ ସର୍ବଧର୍ମ ପାଠ କରିଥିଲେ। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ କେବଳ ଉତ୍ସବରେ ସୀମିତ ନରଖି, ଦୈନନ୍ଦିନ ଜୀବନରେ ତାଙ୍କ ମୂଲ୍ୟବୋଧକୁ ପ୍ରୟୋଗ କରି ସୁସମାଜ ଗଠନ କରିବାକୁ ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିସ୍ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ବାପୁଜୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଉଚ୍ଚ ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଲକ୍ଷ୍ମୀ ସାକିଆ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଜୟରାମ ମିଶ୍ର, ଡାଃ. ପ୍ରେମଚାନ୍ଦ ମହାନ୍ତି, ସନ୍ଦୀପ କୁମାର କୁଅଁର, କ୍ରୀଡ଼ାବାସ ଅଧୀକ୍ଷକ ପରାଶର ବାଗ, କିସ୍‌ର ପ୍ରଧାନଶିକ୍ଷକ ଆକାଶ କୁମାର ମିଶ୍ର, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପୌରନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

**ଝାରସୁଗୁଡ଼ା:** ଜାତିରଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସ୍ଥାନୀୟ ମଙ୍ଗଳବଜାର ମୁଙ୍ଗାପଡ଼ାବାସୀଙ୍କ ପକ୍ଷରୁ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗାନ୍ଧିଜୀ ରାତ୍ରିଯାପନ କରିଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିହାରୀ ରାମ ତନ୍ତିଙ୍କ ବାସସ୍ଥାନଠାରୁ ପ୍ରଭାତ ଫେରି କରାଯାଇ ପୂର୍ବତନ ପାର୍ଷଦ ତଥା ପୂର୍ବତନ ଓକିଲ ସଂଘ ସଭାପତି

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ସିଆରାମ ଦାସଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସର୍ବଶ୍ରୀ ଓମ୍ ପ୍ରକାଶ ଠକ୍କର, ମନୋରଞ୍ଜନ ମହାପାତ୍ର, ଶୁକଦେବ ବାଗ, ବିପୁଲ ଉପାଧ୍ୟାୟ, ଶଙ୍କର ଦାସ, ମନିଷ ସଂଘାଇ, ଜ୍ୟୋସ୍ନା ବରଗୁଡ଼ି, ଅଶୋକ ଖରସେଲ, ପ୍ୟାରେଲାଲ୍ ଶ୍ରୀବାସ୍ତବ, ପ୍ରଶାନ୍ତ ତ୍ରିପାଠୀ, ଗଣପତ ଚୌହାନ, ସନ୍ତୋଷ ଦାସ, ପ୍ରଭାତ ଶ୍ରୀବାସ, ଉତ୍ତରା ତନ୍ତୀ, ସମୀର ଗୁହ, ଜିତେଶ ଶ୍ରୀବାସ, ନନ୍ଦଲାଲ ମହାନନ୍ଦ, ଚନ୍ଦ୍ରମଣି ସାହୁ, ମହେନ୍ଦ୍ର ଉର୍ମାଳ ଓ ରାଜେଶ ତନ୍ତୀ ପ୍ରମୁଖଙ୍କ ସହ ଅନେକ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ଝାରସୁଗୁଡ଼ାର ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଭବାନୀପାଟଣା ଗାନ୍ଧୀ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ମୁଖ୍ୟବକ୍ତା ଭାବେ ଡ଼ ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ସହ ନିର୍ଦ୍ଦେଶକ ସଞ୍ଚୟ ଏବଂ ଆର୍ଥିକ ସେବା ବିବେକାନନ୍ଦ ମହାନନ୍ଦ, ଉପନିର୍ଦ୍ଦେଶକ, ଯୋଜନା ଓ ସମନ୍ୱୟ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରୂପ ସିଂ ରାଉତ ଯୋଗଦେଇ ଗାନ୍ଧୀ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଷ୍ଟାଡିୟମସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି ଓ ଗାନ୍ଧୀ ପାର୍କ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏନେଇ ସ୍ଥାନୀୟ ଗାନ୍ଧୀ ପାର୍କରେ ସର୍ବଧର୍ମ ସଭା ଆୟୋଜନ କରାଯାଇଥିଲା। ଏହି ସର୍ବଧର୍ମ ସଭାରେ ହିନ୍ଦୁ, ମୁସଲିମ୍ ଓ ଶିଖ୍ ଧର୍ମର ପ୍ରତିନିଧି ନିଜ ନିଜ ପବିତ୍ର ଗ୍ରନ୍ଥରୁ ସର୍ବଧର୍ମ ସମନ୍ୱୟ, ଭାତୃଭାବ, ଅହିଂସା ଓ ଶାନ୍ତି ଉପରେ ଉଦ୍ଧୃତ ବାଣୀ ପରିବେଷଣ କରିଥିଲେ। ଏଥିରେ ହିନ୍ଦୁ ଧର୍ମରୁ ହେମନ୍ତ ମୁଣ୍ଡ, ଇସଲାମ୍ ଧର୍ମର ଆଝାର ମହମ୍ମଦ ଓ ସୟିଦ ଉସ୍ମାନ, ଖ୍ରୀଷ୍ଟ ଧର୍ମର ପ୍ରଭାକର ବିର, ଶିଖ୍ ଧର୍ମର ହର୍ଜିନ୍ଦର ସିଂ ପ୍ରତିନିଧି ଭାବେ ଯୋଗଦେଇ ପବିତ୍ର ଗ୍ରନ୍ଥରୁ ବାଣୀପାଠ କରିଥିଲେ। ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶସେବା କରିବା ପାଇଁ ଅତିଥିମାନେ ଉପସ୍ଥିତ ଜନତା ଓ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମ ସଫଳ ରୂପାୟନ ପାଇଁ ପୌରପରିଷଦ ଏବଂ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଜନତା ଭାଗ ନେଇଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



**ପାଟଣାଗଡ଼,୨।୧୦/ଏନ୍‌ଏନ୍‌ଏସ୍:** ପାଟଣାଗଡ଼ ବୁଢ଼ାରଜା କମିଟି ଓ କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ରହ୍ମପୁରାସ୍ଥିତ ଭାନୁସାଗର ପୋଖରୀକୁ ସଫେଇ କରି ଉଭୟ କମିଟିର ସଦସ୍ୟ ସ୍ୱଚ୍ଛତାର ବାର୍ତ୍ତା ଦେଇଛନ୍ତି। ପାଟଣାଗଡ଼-କଣ୍ଟାବାଞ୍ଜି ରାଜ୍ୟରାଜପଥ କଡ଼ରେ ଥିବା ଭାନୁସାଗର ପୋଖରୀକୁ ପାଟଣାଗଡ଼ ଏନ୍‌ଏସିର ୬ ଓ ୮ ନମ୍ବର ୱାର୍ଡବାସୀଙ୍କ ସହ ରାସ୍ତାରେ ଯିବାଆସିବା କରୁଥିବା ଜନସାଧାରଣ ବ୍ୟବହାର କରିଥାନ୍ତି। ପୋଖରୀ ହୁଡ଼ାରେ ଘାସବୁଦା ହେବାସହ ପାଣି ଭିତରେ ଅନାବନା ଘାସ ଓ ଗଛ ହୋଇଥିବାରୁ ପଡ଼ାବାସୀ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିଲା। ତେଣୁ ବାଧହୋଇ ପଡ଼ାବାସୀ ଗାନ୍ଧୀ ଜୟନ୍ତୀ ତିଥିରେ ଗାନ୍ଧିଜୀଙ୍କ ବାର୍ତ୍ତା 'ସ୍ୱଚ୍ଛତା ହିଁ ସେବା'ରେ ଅନୁପ୍ରାଣିତ ହୋଇ ପୋଖରୀ ଓ ନିକଟରେ ଥିବା ହୁଡ଼ାକୁ ସଫେଇ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିମଳ ବାଗ, ରମେଶ ଜୈନ, ଡିଙ୍ଗର କୁମ୍ଭାର, ଶାନ୍ତନୁ ବୁଢ଼ିଆ ଓ ସୁରେନ୍ଦ୍ର ସା ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

# କାର୍ ଭିତରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼,ରାଉରକେଲା,୨।୧୦/ଏନ୍‌ଏନ୍‌ଏସ୍:** ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍ ୱେର ଭଜପୁର ନିକଟ ସର୍ଭିସ୍ ରୋଡ୍‌ରେ ଛିଡ଼ା ହୋଇଥିବା ଏକ କାର୍ ଭିତରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ରଙ୍ଗାଡ଼ିପା ଅଞ୍ଚଳର ଅଭିଜିତ ନାଏକ। ବୁଧବାର ରାତିରେ ଅଭିଜିତ ଜଣେ ସାଙ୍ଗଙ୍କ ସହ ବାଇକ୍‌ରେ ଘରୁ ବାହାରିଥିଲେ। ତେବେ ଗୁରୁବାର ଏକ କାର୍ ଭିତରୁ ତାଙ୍କ ମୃତଦେହ ମିଳିବା ପରେ ଘଟଣାକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଅଭିଜିତଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସନ୍ଧ୍ୟାରେ ସ୍ଥାନୀୟ ଲୋକେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାକୁ ଗୁରୁତର ସହ ନେଇ ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ







**ଟିଟିଲାଗଡ଼,୨।୧୦/ଏନ୍‌ଏନ୍‌ଏସ୍:** ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଟିଟିଲାଗଡ଼ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଏଥିରେ ଦଳୀୟ ନେତା ଓ କର୍ମୀମାନେ ଟିଟିଲାଗଡ଼ ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହୋଇ ପଦଯାତ୍ରାରେ ବାହାରିଥିଲେ। ଏହି ପଦଯାତ୍ରା ବିଜୁ ପଟ୍ଟନାୟକ ଛକ ନିକଟରେ ପହଞ୍ଚିବା ପରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରିଥିଲେ। ପରେ ହନୁମାନ ବ୍ୟାୟାମଶାଳା ନିକଟରେ ପହଞ୍ଚି ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ପ୍ରତିବର୍ଷ ଗାନ୍ଧୀ ଜୟନ୍ତୀଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆୟୋଜନ କରାଯାଏ। ଏହିକ୍ରମେ ଚଳିତ ବର୍ଷ ମଧ୍ୟ ଦଳ ପକ୍ଷରୁ ଏକ ମାସ ବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି।

ଆସନ୍ତା ୧୨ ତାରିଖରେ ଟିଟିଲାଗଡ଼ରେ ବିଜେଡି ପକ୍ଷରୁ ଏକ ପଦଯାତ୍ରା ଆୟୋଜନ କରାଯିବ। ଏହି ପଦଯାତ୍ରାରେ ସରକାରଙ୍କ ବିଫଳତା ଏବଂ ଟିଟିଲାଗଡ଼ ବିଧାୟକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ କହିଛନ୍ତି। ଏଥିରେ ଟିଟିଲାଗଡ଼ ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ପୁଷ୍ପମଞ୍ଜରୀ ଜାଲ୍, ରଞ୍ଜିତ ପୁଷ୍ଟି, ମୋହନଲାଲ ଜୈନ, କାଳି ଚରଣ ପୁନିଆ, ପୁଶୁ ଜୈନ, ଲାଲୁ ମିଶ୍ର, ଅରୁଣ ମିଶ୍ର, ଦିଲ୍ଲୀପ ବାଗ୍, ଶୈଳକାନ୍ତି ପଣ୍ଡା, ଗୀତା ବିଶି, ଅଞ୍ଜନା ବର୍ମା, ଉମା ଦେବୀ ଅଗ୍ରୱାଲ, ଦୀପକ ମିଶ୍ର, ଲାଲା ବର୍ମା, ଗୋବର୍ଦ୍ଧନ ନାଗ୍, ଜ୍ଞାନରଞ୍ଜନ ସରାଫ୍, ବାପି ଗୁମାନ ସିଂ, ଅଭିଳାଷ ସୋନି, ଅରୁଣ ମିଶ୍ର, ସୁଧୀର ଦାସ, ରାଜେଶ ପ୍ରଧାନ, ରୁଟୁ ବାଗ, ବାବୁ ପଟ୍ଟନାୟକ, କୃଷ୍ଣ ହାତୀ, ଦେବାଶିଷ ସରୁଆ, ପ୍ରେମ ଜୈନ, ରିଙ୍କୁ ସେଠ୍, ମାନସ ସାହୁ, ଗୋପାଳ ବେହେରା ଓ କୁଳମଣି ବେହେରା ସାମିଲ୍ ଥିଲେ।

**ମାଲକାନଗିରି:** ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ମାଲକାନଗିରି ପୌରପରିଷଦ ଓ ଚାଲାଣଗୁଡ଼ା ପଞ୍ଚାୟତର ଟିଟିବେରୀ ଗ୍ରାମରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାଲକାନଗିରି ପୌରପରିଷଦର ଦୈନିକ ବଜାରରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପଦଯାତ୍ରା ଆରମ୍ଭ ହୋଇଥିଲା। ପରେ ମାଲକାନଗିରି ବ୍ଲକ୍‌ର ଚାଲାଣଗୁଡ଼ା ପଞ୍ଚାୟତର ଟିଟିବେରୀ ଗ୍ରାମରେ ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଉପସ୍ଥିତିରେ ଏହାସହ ଏକ ସାଧାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଟିଟିବେରୀ ଗ୍ରାମର ପ୍ରତ୍ୟେକ ଘରେ ଘରେ ଜନସମ୍ପର୍କ ପଦଯାତ୍ରା କରି ଡବଲ୍ ଇଞ୍ଜିନ୍ ସରକାରଙ୍କ ବିଫଳତା ଓ ବିଜେଡି ଶାସନ ସମୟର ସଫଳତାକୁ ନେଇ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମାନସ ମାଡ଼କାମୀ ଯୋଗଦେଇ ବିଜେପି ଦଳ ନିର୍ବାଚନ ସମୟରେ ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହା ଗତ ଅଢ଼େଇ ବର୍ଷ ମଧ୍ୟରେ ପୂରଣ କରିପାରିଲା ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ବିଜୁ ମହିଳା ନେତ୍ରୀ ସମାରି ତାଙ୍ଗୁଲ, ମାଲକାନଗିରି ପୌରପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ, ପୌରପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ବିଜେଡି ଜିଲ୍ଲା ବରିଷ୍ଠ ନେତା ତଥା ଆଇନଜୀବୀ ଗୋପାଳ କୃଷ୍ଣ ପଣ୍ଡା , ବିଜେଡି ଜିଲ୍ଲା ଉପ ସଭାପତି ପ୍ରଫୁଲ ପଣ୍ଡା , ସଂଖ୍ୟା ଲଘୁ ସେଲ୍ ଜିଲ୍ଲା ସଭାପତି ରାଜେନ୍ଦ୍ର ଖସେଲା, ଜିଲ୍ଲା ବିଜୁ ଛାତ୍ର ସଭାପତି ସୁବ୍ରତ କୁମାର ଦାସ, ଜିଲ୍ଲା ମହିଳା ନେତ୍ରୀ ପ୍ରଶାନ୍ତିଲତା ବିଶୋଇ, ମାଲକାନଗିରି ବ୍ଲକ୍ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ପଡ଼ିଆ ବ୍ଲକ୍ ଅଧ୍ୟକ୍ଷା ଦେବେ ମାଡ଼ି, ଜିଲ୍ଲାପରିଷଦ ସଭ୍ୟ ମୁକା ମାଡ଼କାମୀ, ବିଜେଡି ସମ୍ପାଦକ ବିକାଶ ମଣ୍ଡଳ, ସମ୍ପାଦକ କେ.ରାହୁଲ, ସମ୍ପାଦକ କଣ୍ଟେସ୍ ପୋଟଲା, ବରିଷ୍ଠ ନେତା କାମେଶ୍ୱର ରାଓ, ଯୁବନେତା ଗାନ୍ଧୀ ପଣ୍ଡା, କିଶୋର ସିକଦାର ଓ ଚାଲାଣଗୁଡ଼ା ସରପଞ୍ଚ ଅରକ୍ଷିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ପାଟଣାଗଡ଼:** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଗାନ୍ଧୀ ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ପାଟଣାଗଡ଼ରେ ମଧ୍ୟ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ସରୋଜ ମେହେରଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ଘରକୁ ଘର ଯାଇ ସରକାରଙ୍କ ବିଫଳତା ବିଷୟରେ ଅବଗତ କରାଇଥିଲେ। ଏଥିରେ ବରିଷ୍ଠ ସଦସ୍ୟ ଇନ୍ଦୁ ଭୂଷଣ ଠାକୁର, ପାଟଣାଗଡ଼ ଏନ୍‌ଏସି ଅଧ୍ୟକ୍ଷ ମାନସୀ ବିଶ୍ୱାଳ,ପାଟଣାଗଡ଼ ବ୍ଲକ୍ ଅଧ୍ୟକ୍ଷ ନୀଳକାନ୍ତ ବାଗ, ବରିଷ୍ଠ ନେତା ଜୟନ୍ତ କୁମାର, ନଗର ସଭାପତି ପ୍ରଦୀପ ମେହେରଙ୍କ ସହ ଶତାଧିକ ବିଜେଡି କର୍ମୀ ଓ ମହିଳାମାନେ ଯୋଗ ଦେଇଥିଲେ।

# ଶାନ୍ତି ଶୋଭାଯାତ୍ରା ଓ ସ୍ୱଚ୍ଛତା ରାଲି

**ରାଉରକେଲା,୨।୧୦/ଏନ୍‌ଏନ୍‌ଏସ୍:** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ରାଉରକେଲା ମହାନଗର ପକ୍ଷରୁ ରାଉରକେଲାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଶାନ୍ତି ଶୋଭାଯାତ୍ରା ସହ ସ୍ୱଚ୍ଛତା ରାଲି ଆୟୋଜନ କରାଯାଇଥିଲା। ଏଥିରେ ମ୍ୟୁନିସିପାଲ କଲେଜ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ୱଚ୍ଛ ସାଥୀମାନେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରୁ ଏହି ଶୋଭାଯାତ୍ରା ବାହାରି ପାନପୋଷ ଛକରେ ପହଞ୍ଚିଥିଲା। ପାନପୋଷ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥିଭାବେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପାୟୁକ୍ତ ଅନୀତା ନାଏକ, ଉପାୟୁକ୍ତ ତରୁଣ କାନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଘୁପତି ରାଘବ ରାଜା ରାମ ଏବଂ ବୈଷ୍ଣବ ଜନ ତୋ ତେନେ କହିଏ ଭଜନ ଗାନ କରାଯାଇଥିଲା। ଏହି ଅବସରରେ ରାଉରକେଲା ମହାନଗର ନିଗମ ପକ୍ଷରୁ ଆୟୋଜିତ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ଅଭିନବ କଳାକୃତି ପ୍ରଦର୍ଶନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ରାଉରକେଲା ସରକାରୀ ଶିଳ୍ପ ପ୍ରତିଷ୍ଠାନ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜଗଦାସ୍ଥିତ ଆମ୍ବେଦକର ଘରୋଇ ଶିଳ୍ପ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହାପୂର୍ବରୁ ସକାଳ ୫ଟାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପରବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ମହାନଗର ନିଗମ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/2026, ତା.29.09.2026

ଟେଣ୍ଡର ସଂ. 40266056A

ସାମଗ୍ରୀଗୁଡ଼ିକର ବିବରଣୀ : RDSO ବିନିର୍ଦ୍ଦେଶ ସଂ. RDSO/SPN/256/2025 ସଂସ୍କରଣ : 2.0 କିମ୍ବା ସଦ୍ୟତମ ଅନୁଯାୟୀ ଅର୍ଥ ଲିକେଜ୍ ଡିଟେକ୍ଟର (8 ଚ୍ୟାନେଲ) ଲେଭେଲ-2ର ଯୋଗାଣ ଏବଂ ସଂସ୍ଥାପନ, RDSO ଦ୍ୱାରା ନିର୍ଦ୍ଧାରଣ। CTR/IPS ଇତ୍ୟାଦିରେ ପାୱାର ସପ୍ଲାଇ ଠାରୁ ELD ପର୍ଯ୍ୟନ୍ତ ୱାୟରିଙ୍ଗ ଫାର୍ମ ଦ୍ୱାରା କରାଯିବ। ଆବଶ୍ୟକ ସମସ୍ତ ସାମଗ୍ରୀର ଯୋଗାଣ ଫାର୍ମ ଦ୍ୱାରା କରାଯିବ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.10.2026ରିଖ 1500 ଘଟିକାରେ।

ଇ-ଟେଣ୍ଡର ହସ୍ତାକ୍ଷରଯୋଗ୍ୟ ଦ୍ୱାରା ଏବଂ ଏକ୍ସ ପୂର୍ବରୁ ୱେବ୍‌ସାଇଟ୍‌ରେ ପଞ୍ଜୀକୃତ ହୋଇଥିବା ଟେଣ୍ଡରଦାତାଙ୍କ ପ୍ରାଧିକୃତ କର୍ମଚାରୀଙ୍କ ଦ୍ୱାରା DSC ସହିତ ଦାଖଲ କରାଯିବା ଆବଶ୍ୟକ।

କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ବାତିଲ କରିବାର ଅଧିକାର ରେଳବାଇ ପକ୍ଷରେ ସଂରକ୍ଷିତ ଅଟେ।

ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ସମ୍ବଲପୁର

PR-477/R/26-27

**ପ୍ରମାଣପତ୍ର**

ଅଦ୍ୟ ତା.୧୫.୦୧.୨୦୨୬ ରିଖରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ଭୁବନେଶ୍ୱରଙ୍କ ଇଜଲାସରେ ମୁଁ ପ୍ରସନ୍ନ କୁମାର ଖୁଣ୍ଟିଆ, ସା/ପୋ- ସରକନ୍ଦରା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୭୫୧୦୧୯ ଏହା ଘୋଷଣା କରୁଛି କି, ମୋ ପୁତ୍ରର ନାମ ପ୍ରିୟାସ ଖୁଣ୍ଟିଆରୁ ପ୍ରୟାସ ଖୁଣ୍ଟିଆକୁ ପରିବର୍ତ୍ତନ କଲି। ଏଣୁ ବର୍ତ୍ତମାନଠାରୁ ସମସ୍ତ ଉଦ୍ଦେଶ୍ୟ ନିମନ୍ତେ ସେ **ପ୍ରୟାସ ଖୁଣ୍ଟିଆ** ରୂପେ ପରିଚିତ ହେବ।

**AFFIDAVIT**

By virtue of an affidavit sworn before the Executive Magistrate, Kujanga Jagatsinghpur, dated 05.12.2025, I Gobind Das, AT-Khatikolada, P.O. Garhbisunpur, P.S. Erasama, District Jagatsinghpur, Odisha – 754110, hereby declare that I have changed may daughter's name from **Akankhaya Das** to **Akankshya Das** Henceforth, I shall be known as **Akankshya Das** for all purposes.

**Gobind Das**

## ଜିଲ୍ଲାପାଳ-ଏସ୍‌ପିଙ୍କ ବାସଭବନ ସମ୍ମୁଖରୁ ଗେଟ୍ ଚୋରି

# ହାଇସିକ୍ୟୁରିଟି ଅଞ୍ଚଳରେ ଚୋରି ବଢ଼ାଉଛି ଚିନ୍ତା

**ରାୟଗଡ଼ା,୨।୧୦/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାର ସବୁଠୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଗଣିତ ଗାନ୍ଧୀନଗର ଅଞ୍ଚଳରୁ ଷ୍ଟିଲ୍ ଗେଟ୍ ଚୋରି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲ୍ଲାପାଳ, ଏସ୍‌ପି ଓ ଡିଏଫ୍‌ଓଙ୍କ ଭଳି ବରିଷ୍ଠ ଅଧିକାରୀଙ୍କ ବାସଭବନ ଥିବା ଅଞ୍ଚଳରେ ଏଭଳି ଚୋରି ଘଟଣା ଘଟିବା ପରେ ସହରର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ସୂଚନାନୁସାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ଥିବା ଖୋଲା ବ୍ୟାୟାମସ୍ଥଳରେ ନଗର ଉନ୍ନୟନ ସଂସ୍ଥା ଓ ପୌରପରିଷଦ ପକ୍ଷରୁ ଷ୍ଟିଲ୍ ରେଲିଂ ଏବଂ ଗେଟ୍ ଲଗାଯାଇଥିଲା। ତେବେ ଦୁର୍ବୃତ୍ତମାନେ ସେଠାରୁ ଦୁଇଟି ଷ୍ଟିଲ୍ ଗେଟ୍ ଖୋଲି ନେଇଥିବା ଜଣାପଡ଼ିଛି। ଏହାସହ ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ଥିବା ଏକ ଛୋଟ କମ୍ୟୁନିଟି ହଲ୍‌ର ଗେଟ୍ ମଧ୍ୟ ଭାଙ୍ଗି ନେଇଯାଇଥିବା ଅଭିଯୋଗ ହୋଇଛି।



ତେବେ ସବୁଠୁ ସମ୍ବେଦନଶୀଳ ଅଞ୍ଚଳରେ ଏଭଳି ଚୋରି ଘଟିଲା କିପରି ସେନେଇ ପ୍ରଶ୍ନ ଉଠିଛି।

ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଓ ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲଙ୍କ ବାସଭବନ ଏହି ଅଞ୍ଚଳରେ ରହିଥିବାରୁ ଗାନ୍ଧୀନଗରକୁ ସହରର ଏକ ସମ୍ବେଦନଶୀଳ ଅଞ୍ଚଳ ଭାବେ ଦେଖାଯାଏ। ଏପରି ସ୍ଥାନରେ ଗେଟ୍ ଚୋରି ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି। ଅଞ୍ଚଳରେ ପୁଲିସ୍ ସୁରକ୍ଷା ରହିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି ବ୍ୟବସ୍ଥା ଥିବା ସତ୍ତ୍ୱେ ଚୋରମାନେ ଏଭଳି ଘଟଣା ଘଟାଇବାରେ ସଫଳ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ କାଉନସିଲର୍ ସନ୍ତୋଷ କୁମାର ଦଳେଇ ସୁରକ୍ଷା ବ୍ୟବସ୍ଥା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ଚୋରମାନେ ଏଭଳି ଘଟଣା ଘଟାଇବାକୁ ସାହସ କରୁଥିବା ସେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାୟଗଡ଼ା ସହରରେ ଚୋରି ଓ ଅନ୍ୟାନ୍ୟ ଅପରାଧ ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଅସୁରକ୍ଷିତ ଭାବନା ବଢୁଛି। ଜିଲ୍ଲାର ପ୍ରମୁଖ ଅଧିକାରୀଙ୍କ ବାସଭବନ ନିକଟରେ ମଧ୍ୟ ଚୋରି ହୋଇଥିବାରୁ ସାଧାରଣ ଅଞ୍ଚଳର ସୁରକ୍ଷାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ତଦନ୍ତ କରି ଚୋରି ହୋଇଥିବା ଗେଟ୍‌ଗୁଡ଼ିକୁ ଉଦ୍ଧାର କରିବା ସହ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଆଇନଗତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏହି ଘଟଣା କେବଳ କିଛି ଷ୍ଟିଲ୍ ଗେଟ୍ ଚୋରିର ଘଟଣା ନୁହେଁ, ବରଂ ଏକ ସମ୍ବେଦନଶୀଳ ଅଞ୍ଚଳର ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ଏକ ବଡ଼ ପ୍ରଶ୍ନ ଛିଡ଼ା କରିଛି।

**GOVERNMENT OF ODISHA** 34001/922/2627

**OFFICE OF THE SUPERINTENDING ENGINEER**

**BHANJANAGAR (R&B) DIVISION, BHANJANAGAR**

(Phone/Fax : (0682) 241133 / E-mail : eembbngr@yahoo.in)

**Ltr. No. 7824 // Dtd. 24.09.2026**

**INVITATION FOR BIDS (IFB)**

**E-Procurement Bid Identification No. S.E-BNJ-R&B-15 / 2026-27**

| | | |
|---|---|---|
| 1. | Name of work | S/R to Bhanjanagar - Tilisingi-Tarasingi - Dasapalla Road (SH-37) such as repair of bad patches and potholes with BM SDBC from 26/000 to 38/800km. |
| 2. | No. of works | 01 No. Road work |
| 3. | No. of Covers | Double Cover |
| 4. | Estimated cost | Rs.67.37 lakhs |
| 5. | Period of completion | Three calendar months |
| 6. | Date of time of availability of bid document in the portal | From 12.30 P.M of dated 05.10.2026 to 5.00 PM of dated 15.10.2026 |
| 7. | Last date/time for receipt of bids in the portal | Up to 5.00 PM of dated 15.10.2026 |
| 8. | Date of opening of bid documents | At 11.00 AM of 16.10.2026 |
| 9. | Class of Contractor | "B" Class Contractor |
| 10. | Name and address of officer inviting bid | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-procurement portal www.tendersodisha.gov.in. The addendum / corrigendum if any will be hosted in the website only.

**Sd/- Superintending Engineer**
**Bhanjanagar (R&B) Division**

OIPR-34001/34015/1/26-27/0013

ନୀତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ଭାରତୀୟ ମହିଳା ...

ସ୍ଥାନକୁ ଉଠିଛି । ଭାରତ ଓ ଚୀନ୍ ମଧ୍ୟରେ ଅନୁଷ୍ଠିତ ମହିଳା ହକି ଫାଇନାଲ୍ ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର୍ ଭାରତ ନାମରେ ରହିଥିଲା । ସଲିମା ଟେଟେ ଓ ସାକ୍ଷୀଙ୍କ ଆକର୍ଷଣୀୟ ମୁଭ୍ ପରେ ଲାଲରେମସିୟାମୀଙ୍କ ଜୋର୍‌ଦାର ରିଭର୍ସ-ହିଟ୍ ଫିନିଶ୍‌ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ଦ୍ୱିତୀୟ କ୍ୱାର୍ଟର୍‌ରେ ଚୀନ୍ ଆଟାକିଂ ଖେଳ ପ୍ରଦର୍ଶନ କରି ଦୁଇଟି ପେନାଲ୍ଟି କର୍ଣ୍ଣର୍ ଏବଂ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍ ମଧ୍ୟ ପାଇଥିଲା । ତେବେ ଭାରତୀୟ ଗୋଲ୍‌କିପର୍ ସବିତା ପୁନିଆ ଉନ୍ନତ ସେଭ୍ କରିଥିଲେ । ତୃତୀୟ କ୍ୱାର୍ଟର୍‌ରେ ମଧ୍ୟ ଚୀନ୍ ବହୁ ମୁଭ୍‌ସ କରିଥିଲେ ମଧ୍ୟ ଭାରତୀୟ ଗୋଲ୍‌କିପର୍ ଓ ଡିଫେଣ୍ଡର୍‌ମାନେ ପ୍ରତ୍ୟେକ ଆଟାକ୍‌କୁ ବିଫଳ କରିଥିଲେ । ତୃତୀୟ କ୍ୱାର୍ଟର୍‌ରେ ଚୀନ୍‌କୁ ମୋଟ ତିନି ପେନାଲ୍ଟି କର୍ଣ୍ଣର୍ ମିଳିଥିଲା । ଗୋଟିଏ ଅବସରରେ ରେଫରି ଚୀନ୍‌କୁ ପେନାଲ୍ଟି ଷ୍ଟ୍ରୋକ୍ ମଧ୍ୟ ଦେଇଥିଲେ । କିନ୍ତୁ ଭାରତୀୟ ଟିମ୍ ରିଭ୍ୟୁ ନେବାରୁ ଏହା କେବଳ ପେନାଲ୍ଟି କର୍ଣ୍ଣର୍‌ରେ ପରିବର୍ତ୍ତିତ ହୋଇଥିଲା । ଚତୁର୍ଥ କ୍ୱାର୍ଟର୍‌ରେ ଚୀନ୍ ନିଜ ଗୋଲ୍‌କିପର୍‌ଙ୍କୁ ହଟାଇ ଜଣେ ଅତିରିକ୍ତ ଖେଳାଳିଙ୍କ ସହ ଆକ୍ରମଣକୁ ଜୋର୍‌ଦାର କରିଥିଲେ ମଧ୍ୟ ଭାରତୀୟ ଡିଫେଣ୍ଡର୍ ପ୍ରତ୍ୟେକ ଆକ୍ରମଣକୁ ଧ୍ୱସ୍ତ କରିଦେଇଥିଲେ । ଏହି କ୍ୱାର୍ଟର୍‌ରେ ଚୀନ୍‌କୁ କୌଣସି ପେନାଲ୍ଟି କର୍ଣ୍ଣର୍ ମିଳିନଥିଲା ଏବଂ ଚୂଡ଼ାନ୍ତ ହ୍ୱିସିଲ୍ ବାଜିବା ମାତ୍ରେ ଭାରତୀୟ ଟିମ୍ ଏବଂ ପ୍ରଶଂସକ ଉତ୍ସବ ପାଳନ କରିଥିଲେ । ଏସିଆନ୍ ଗେମ୍ସରେ ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ମହିଳା ହକି ଟିମ୍‌କୁ ବଧେଇ ଜଣାଇଛନ୍ତି । ପିଏମ୍‌ଓ ପକ୍ଷରୁ 'ଏକ୍ସ' ପୋଷ୍ଟରେ ସେ ଲେଖିଛନ୍ତି, ଭାରତୀୟ ହକି ପାଇଁ ଏହା ଏକ ବହୁତ ସ୍ୱତନ୍ତ୍ର ମୁହୂର୍ତ୍ତ । ମହିଳା ହକି ଟିମ୍‌ର ସଫଳତାରେ ସାରା ଦେଶ ଖୁସି । ଏସିଆନ୍ ଗେମ୍ସରେ ଦୀର୍ଘ ୪୪ ବର୍ଷ ପରେ ସ୍ୱର୍ଣ୍ଣ ପଦକ ଜିତିବା ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନ ଏବଂ ଟିମ୍‌ୱାର୍କର ଫଳ । ସେମାନଙ୍କ ଉତ୍ସାହ ମଧ୍ୟ ପ୍ରେରଣାଦାୟୀ କହିବା ସହିତ ପ୍ରଧାନମନ୍ତ୍ରୀ ଟିମ୍‌କୁ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି । ଏହା ସହିତ ଏହି ସଫଳତା ସାରା ଦେଶରେ ହକିର ଲୋକପ୍ରିୟତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଏସିଆନ୍ ଗେମ୍ସରେ ୧୯୮୨ ନୂଆଦିଲ୍ଲୀ ସଂସ୍କରଣରେ ମହିଳା ହକିର ଆରମ୍ଭ ହୋଇଥିଲା । ଏହି ସଂସ୍କରଣରେ ହିଁ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା । ଏହାପରେ ଏବେ ଭାରତ ଏହି ଇଭେଣ୍ଟ୍‌ରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଛି । ଭାରତୀୟ ମହିଳା ହକି ଟିମ୍ ୧୯୯୮ ଓ ୨୦୧୮ରେ ଫାଇନାଲ୍ ପର୍ଯ୍ୟନ୍ତ ଯାଇଥିଲା, କିନ୍ତୁ ଯଥାକ୍ରମେ ସାଉଥ୍ କୋରିଆ ଓ ଜାପାନ ଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା । ଏହା ବ୍ୟତୀତ ୧୯୮୬, ୨୦୦୬, ୨୦୧୪, ୨୦୨୨ ସଂସ୍କରଣରେ ଭାରତୀୟ ମହିଳା ହକି ଟିମ୍ ବ୍ରୋଞ୍ଜ୍ ପଦକ ଜିତିଥିଲା ।

### ସ୍ମିତ୍‌ଙ୍କ ସହ କଥା ...

ସେ କୌଣସି ମୂଲ୍ୟରେ କାହାକୁ ମରିବାକୁ ଦେବେ ନାହିଁ । ପ୍ରଧାନମନ୍ତ୍ରୀ ମୋଦୀ ସେତେବେଳେ କହିଥିଲେ ଯେ, ସମଗ୍ର ଦେଶ ସ୍ମିତଙ୍କ ଉପରେ ଗର୍ବିତ ଏବଂ ଆଗକୁ ମଧ୍ୟ ରହିବ । ସେ କହିଥିଲେ ଯେ, ଭାରତୀୟମାନେ ଜୀବନ ନିଅନ୍ତି ନାହିଁ ବରଂ ଅନ୍ୟମାନଙ୍କୁ ବଞ୍ଚାନ୍ତି । କଥାବାର୍ତ୍ତା ସମୟରେ ମୋଦୀ କ୍ୟାପଟେନ ସ୍ମିତଙ୍କ ମାଆ ଗୀତାବେନଙ୍କ କଥା ମଧ୍ୟ ଉଲ୍ଲେଖ କରି କହିଥିଲେ ଯେ, ସେ ତାଙ୍କୁ ଭଗବଦ୍ ଗୀତାର ଶିକ୍ଷା ଏବଂ ଭଲ ମୂଲ୍ୟବୋଧ ସହିତ ପାଳନ କରିଛନ୍ତି । ପ୍ରଧାନମନ୍ତ୍ରୀ ଗୁଜରାଟୀ ଭାଷାରେ ଆପଣାର ଭାବନା ନେଇ କଥା ହେବା ସହ କ୍ୟାପଟେନଙ୍କ ଛୋଟ ପିଲା ବବି ଏବଂ ଜିଓ୍ୱାଙ୍କ ବିଷୟରେ ପଚାରି ବୁଝିଥିଲେ । ସେ ପାଇଲଟ୍‌ଙ୍କ ପିତାମାତା ଏବଂ ତାଙ୍କ ପତ୍ନୀ ସୋନାଲବେନଙ୍କୁ ମଧ୍ୟ ଗଭୀର ପ୍ରଶଂସା କରିଥିଲେ । କାରଣ ସାମ୍ପ୍ରତିକ ଆଲୋଚନା ସମୟରେ ସେମାନେ କୌଣସି ଅଭିଯୋଗ ନ କରି ଅସାଧାରଣ ସ୍ଥିରତା ଓ ବିଶ୍ୱାସ ବଜାୟ ରଖିଥିଲେ । ପ୍ରଧାନମନ୍ତ୍ରୀ କ୍ୟାପଟେନ୍‌ଙ୍କୁ ଆଶ୍ୱାସନା ଦେଇ କହିଥିଲେ, ସେ କେବଳ ଗୋଟିଏ ଫୋନ୍ କଲ୍ ଦୂରତାରେ ରହିଛନ୍ତି ଏବଂ ସାକ୍ଷାତ ହେଲେ ଘଟଣାର ସମସ୍ତ ବିସ୍ତୃତ ବିବରଣୀ ଶୁଣିବେ । ସେ ତାଙ୍କର ସମ୍ପୂର୍ଣ୍ଣ ଓ ଶୀଘ୍ର ଆରୋଗ୍ୟ କାମନା କରିବା ସହ ସମଗ୍ର ଦେଶ ଦୃଢ଼ ଭାବରେ ତାଙ୍କ ସହିତ ଛିଡ଼ା ହୋଇଛି ବୋଲି ଜୋର୍ ଦେଇ କହିଥିଲେ । ''ଖୁବ୍ ଶୀଘ୍ର ଆପଣ ସୁସ୍ଥ ହୋଇଯାଆନ୍ତୁ ଯାହାଫଳରେ ଆମେ ସାକ୍ଷାତ କରିପାରିବା; ଭଗବାନ ଆପଣଙ୍କ ମଙ୍ଗଳ କରନ୍ତୁ ଏବଂ ଜୟ ହିନ୍ଦ,' ବୋଲି ମୋଦୀ ଶେଷରେ କହିଥିଲେ ।

### ଶେଷ ଧାଡ଼ିର ଲୋକଙ୍କୁ ...

ବଳିଷ୍ଠ ସହାୟକ ହେଉଛି । ସମାଜର ଅନ୍ତିମ ବ୍ୟକ୍ତି ପାଖରେ ବିକାଶ ପହଞ୍ଚାଇବା ପାଇଁ ଆରମ୍ଭ କରାଯାଇଥିବା 'ଅନ୍ତ୍ୟୋଦୟ ଯୋଜନା' ମାଧ୍ୟମରେ ଗରିବ ଜନସାଧାରଣଙ୍କୁ ସଶକ୍ତ କରାଯାଉଛି ।

ସେହିପରି ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନ, ଉଚ୍ଚ ଚିନ୍ତାଧାରା ଏବଂ ସଚ୍ଚୋଟତା ସମଗ୍ର ସମାଜ ପାଇଁ ଏକ ଶ୍ରେଷ୍ଠ ନିଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶାସ୍ତ୍ରୀଜୀଙ୍କ ନିଃସ୍ୱାର୍ଥପର ଦେଶସେବା ଏବଂ ତାଙ୍କର 'ଜୟ ଜବାନ, ଜୟ କିଷାନ'ର ଓଜସ୍ୱୀ ଆହ୍ୱାନ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଶକ୍ତି ସଞ୍ଚାର କରିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସା ଏବଂ ଶାସ୍ତ୍ରୀଜୀଙ୍କ କର୍ମନିଷ୍ଠା ଓ ଦେଶସେବାକୁ ଆଦର୍ଶ ରୂପେ ଗ୍ରହଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ କରିବା ପାଇଁ ଆମର ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରାମଧୂନ ପରିବେଷଣ କରାଯାଇଥିଲା । ବିଧାନସଭା ପରିସରରେ ଆୟୋଜିତ ପ୍ରାର୍ଥନା ସଭାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ ।

### ଡିସିପିଙ୍କୁ ମହିଳା ...

ବାହାରକୁ ଯାଇଥିବା ବେଳେ ସେ ଘରର ଦ୍ୱାର ବନ୍ଦ କରିବାକୁ ଭୁଲି ଯାଇଥିଲେ । ଏହାର ସୁଯୋଗ ନେଇ ଜଣେ ମୁଖାପିନ୍ଧି ବ୍ୟକ୍ତି ଘର ଭିତରକୁ ହଠାତ୍ ପଶି ଆସିଥିଲେ । ଯୁବତୀ ଜଣଙ୍କ କିଛି ବୁଝିବା ପୂର୍ବରୁ ସେ ତାଙ୍କ ମୁଣ୍ଡରେ ବନ୍ଧୁକ ରଖି ଚୁପ୍ ରହିବାକୁ ଧମକ ଦେବା ସହ ତାଙ୍କ ମୋବାଇଲ ଛଡ଼ାଇ ନେଇ କଚାଡ଼ି ଭାଙ୍ଗି ଦେଇଥିଲେ । ଏହା ସହିତ ଓଢ଼ଣୀରେ ତାଙ୍କ ପାଟିକୁ ବାନ୍ଧି ଦେଇଥିଲେ । ଅନ୍ୟ ଏକ ଓଢ଼ଣୀରେ ସେ ଯୁବତୀଙ୍କ ଗୋଡ଼ହାତକୁ ବାନ୍ଧି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ଫେରାର ହେବା ବେଳେ ଘରର ଦ୍ୱାରକୁ ବାହାର ପଟୁ ବନ୍ଦ କରିଦେଇଥିଲେ । ପୁଲିସ୍ ଅନୁମାନ କରୁଛି ଯେ ଉକ୍ତ ବ୍ୟକ୍ତି ଜଣଙ୍କ ପୂର୍ବରୁ ସେହି ଯୁବତୀଙ୍କ ଉପରେ ନଜର ରଖିଆସୁଥିଲା । ବୁଧବାର ରାତିରେ ସେ ଘରେ ଏକୁଟିଆ ଥିବା ଜାଣି ସେ ସେଠାକୁ ଆସିଥିଲା । ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତ ପାଖରେ ପହଞ୍ଚି ପାରିନାହିଁ ।

### ବାତ୍ୟା ଭୟ ...

ଘୂର୍ଣ୍ଣିବଳୟ ବଙ୍ଗୋପସାଗରରେ ବାତ୍ୟା ରୂପ ନେଇପାରେ । ଯାହାକି ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳକୁ ମୁହାଁଇପାରେ । ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକଙ୍କ ଆକଳନ ମଧ୍ୟ ସାଇକ୍ଲୋନ୍ ଆଡ଼କୁ ଇଙ୍ଗିତ କରୁଛି । ତାଙ୍କ ସୂଚନା ଅନୁସାରେ, ଆସନ୍ତା ୮ରୁ ୧୫ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇପାରେ । କିନ୍ତୁ ଏହାର ତୀବ୍ରତା, ଗତିପଥ ନେଇ ଏପର୍ଯ୍ୟନ୍ତ ଆକଳନ କରାଯାଇନି । ଓଡ଼ିଶା ପ୍ରତି କୌଣସି ବିପଦ ସଂକେତ ମଧ୍ୟ ମିଳିନାହିଁ । ଆସନ୍ତା ସପ୍ତାହରେ ଏନେଇ ଏକ ସ୍ପଷ୍ଟ ଚିତ୍ର ଆସିପାରେ । ତେବେ ସମ୍ଭାବ୍ୟ ଘୂର୍ଣ୍ଣିବଳୟ ଶକ୍ତିଶାଳୀ ହୋଇ ସାଇକ୍ଲୋନ୍ ରୂପ ନେବ ନା ପୁଣି ଥରେ ଓଡ଼ିଶାରେ କେବଳ ପ୍ରବଳ ବର୍ଷା କରାଇବ ତା ଉପରେ ନଜର ରହିଛି । ଏସବୁ ଭିତରେ ଦଶହରା ଧୋଇଯିବାର ମଧ୍ୟ ଆଶଙ୍କା ଦେଖାଦେଇଛି । ଅନ୍ୟପଟେ ଚଳିତ ମୌସୁମୀ ଋତୁରେ ୧୨ଟି ଲଘୁଚାପ ପ୍ରଭାବରେ ଏକାଧିକ ଥର ବନ୍ୟା ସହିତ ଜନଜୀବନ ବେହାଲ ହୋଇପଡ଼ିଛି । ଏଭଳି ସ୍ଥିତିରେ ସମ୍ଭାବ୍ୟ ଲଘୁଚାପକୁ ନେଇ ଭୟ ବଢ଼ିଛି ।

### ୭ ମୃତ, ୧୯ ଆହତ ...

ଆହତ ହୋଇଛନ୍ତି । ପ୍ରକାଶ ଯେ ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାସ୍ଥିତ ଧାମନଗାଁଓ ରେଳବାଇ ଷ୍ଟେସନ୍ ନିକଟରେ ଏକ ଟ୍ରକ୍ ଏବଂ ଟେମ୍ପୋ ପିକ୍‌ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଟେମ୍ପୋ ପିକ୍‌ଅପ୍‌ରେ କିଛି ଶ୍ରଦ୍ଧାଳୁ ଦୁର୍ଗାମୂର୍ତ୍ତି ଧରି ବୁଲଢାଣା ଜିଲ୍ଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶେଗାଁଓରୁ ୱାର୍ଦ୍ଧା ଅଭିମୁଖେ ଯାଉଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହ ଟେମ୍ପୋର ଭୟଙ୍କର ଧକ୍କା ହୋଇଥିଲା । ଦୁର୍ଘଟଣାଟି ଏତେ ଭୟାବହ ଥିଲା ଯେ ୭ ଜଣ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଓ ଆତଙ୍କ ପ୍ରକାଶ ପାଇଥିଲା । ଖବରପାଇ ପୁଲିସ ଏବଂ ରେଳବାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସ୍ଥାନୀୟ ଲୋକ ଓ ଜଣେ କେତେଜଣ ସାମ୍ବାଦିକଙ୍କ ସହଯୋଗରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ପୁଲିସ ଆହତ ୧୯ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଗ୍ରାମୀଣ ହସ୍ପିଟାଲରେ ଭର୍ତ୍ତି କରିଛି । ଦୁର୍ଘଟଣାର ସଠିକ୍ କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ ବରିଷ୍ଠ ପୁଲିସ ଅଧିକାରୀ ନିକେତନ କଦମ ଦେଇଥିବା ସୂଚନା ଅନୁଯାୟୀ, ଆହତଙ୍କ ମଧ୍ୟରୁ ୪ ରୁ ୫ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି, ଯେତେବେଳେ କି ଅନ୍ୟମାନେ ବିପଦମୁକ୍ତ ଅଛନ୍ତି ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

# ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ପାଇଁ ଆହ୍ୱାନ



**ଯାଜପୁର,୨।୧୦/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ସଦର ମହକୁମାସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଆଜି ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଧାରଣ ସଭା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଧର୍ମଯାଜକ ପଣ୍ଡିତ ସଞ୍ଜୟ ମିଶ୍ରଙ୍କ ଦ୍ୱାରା ଗୀତା ପାଠ, ଧର୍ମଯାଜକ ମହମ୍ମଦ ଶାଫିଉଜ ଜମାଙ୍କ ଦ୍ୱାରା କୋରାନ ପାଠ ଏବଂ ଧର୍ମଯାଜକ ଶଶି ମିଞ୍ଜଙ୍କ ଦ୍ୱାରା ବାଇବେଲ ପାଠ କରାଯାଇଥିଲା । ଏହାପରେ ସୁରଧ୍ୱନି ଗ୍ରୁପର କଳାକାରମାନେ ଗାନ୍ଧିଜୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ' ଏବଂ 'ରଘୁପତି ରାଘବ ରାଜା ରାମ' ପରିବେଷଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ବକ୍ତା ଭାବେ ଅରୁଣୋଦୟ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତଥା ଗାନ୍ଧୀ ଦର୍ଶନ ଗବେଷକ ଓ ଲେଖକ ଡ. ଅବଶ ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ନିଜ ଅଭିଭାଷଣରେ ଗାନ୍ଧୀଜୀଙ୍କ ସାବରମତୀ ଆଶ୍ରମର ସ୍ୱଚ୍ଛତା ଓ ଜଳ ସଂରକ୍ଷଣ ମଡେଲର ପ୍ରଶଂସା କରିଥିଲେ । ଯାଜପୁରର ବୈରୀ ରେଳ ଷ୍ଟେସନରେ ଗାନ୍ଧୀ ଗ୍ୟାଲେରୀ ଏବଂ ପୁରୁଷୋତ୍ତମପୁରରେ 'ଗାନ୍ଧୀ ସ୍ମୃତି ପୀଠ' ନିର୍ମାଣ ପାଇଁ ସେ ଦାବି ଉପସ୍ଥାପନ କରିଥିଲେ । ଗାନ୍ଧୀଜୀଙ୍କ ଗ୍ରାମୀଣ ବିକାଶ ଓ ଆତ୍ମନିର୍ଭରଶୀଳତାର ଚିନ୍ତାଧାରାକୁ 'ବିକଶିତ ଭାରତ ୨୦୪୭' ସହ ସମ୍ପର୍କିତ କରିବା ସହ ସେ 'ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ, ଜୟ ଅନୁସନ୍ଧାନ'ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଯାଜପୁର ପାଇଁ ନୂତନ ରେଳ ଲାଇନ ମଞ୍ଜୁରୀ ହୋଇଥିବାରୁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଯୁବପିଢ଼ିଙ୍କୁ ଭାରତୀୟ ସଂସ୍କୃତି ସହ ଆଧୁନିକ ଜ୍ଞାନକୌଶଳ, ଯଥା ଏଆଇ ଓ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଆଦିକୁ ଆପଣାଇବାକୁ ଆହ୍ୱାନ ଦେଇଥିଲେ । ଏହି ଜୟନ୍ତୀ ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



■ **କେନ୍ଦ୍ରାପଡ଼ା:** ଜିଲ୍ଲା ପ୍ରଶାସନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଆଜି ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି । କେନ୍ଦ୍ରାପଡ଼ା ମାନ୍ୟବର ବିଧାୟକ ଗଣେଶ୍ୱର ବେହେରା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୀବନ, ଆଦର୍ଶ ଓ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାବିଦ, ସାହିତ୍ୟିକ ଓ ଗବେଷକ ଡାକ୍ତର ବାସୁଦେବ ଦାସ ଏବଂ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡ଼ା ବକ୍ତା ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶ ଏବଂ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଗୀତା ପାଠ କରିଥିଲେ ମାଧବ ଚରଣ ନନ୍ଦ, କୋରାନ ପାଠ କରିଥିଲେ ଜନାବ ମହମ୍ମଦ ଏନାୟାତୁଲ୍ଲା ଏବଂ ବାଇବେଲ ପାଠ କରିଥିଲେ ଧ୍ରୁବ ଚରଣ ନାୟକ । ଏହି ସର୍ବଧର୍ମ ପ୍ରାର୍ଥନା ମାଧ୍ୟମରେ ଶାନ୍ତି, ସଦ୍‌ଭାବ, ଭାଇଚାରା ଓ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଦିଆଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପୂର୍ବରୁ ଆଜି ସକାଳେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ଶିଶୁର ଚିକିତ୍ସା ପାଇଁ ସହାୟତା




**ଆଠମଲ୍ଲିକ,୨।୧୦/ଏନ୍‌ଏନ୍‌ଏସ୍:** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କୁଦଗାଁ ଗ୍ରାମର ବାସିନ୍ଦା ସମ୍ବାରୁ ଖାଙ୍କରଙ୍କ ୧୦ ବର୍ଷୀୟ ପୁତ୍ର ସୁଧାଂଶୁ ଖାଙ୍କର ଉତ୍ତମ ଚିକିତ୍ସା ଓ ଆର୍ଥିକ ସହାୟତା ପାଇଁ ଶିଶୁର ପିତା ଉପଜିଲ୍ଲାପାଳଙ୍କ ସହାୟତା ଲୋଡ଼ିଥିଲେ । ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ତତ୍‌କାଳ ୧୦ ହଜାର ଟଙ୍କା ରେଡକ୍ରସ୍ ପାଣ୍ଠିରୁ ପ୍ରଦାନ କରିଥିଲେ । ଶିଶୁର ଅଧିକ ଚିକିତ୍ସା ଖର୍ଚ୍ଚ ପାଇଁ ଅଧିକ ଆର୍ଥିକ ଆର୍ଥିକ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଅନୁଗୋଳଙ୍କ ନିକଟକୁ ପଠାଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ମଞ୍ଜୁର ପାଇଁ ପଦକ୍ଷେପ ନିଆଯାଉଛି । ସେହିପରି ଶିଶୁକୁ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଥିବା ଜଣାଯାଇଛି ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର 'ୱି ଫର୍ ଚେଞ୍ଜ' ଅଭିଯାନ

**ଯାଜପୁର,୨।୧୦/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ଗାନ୍ଧୀ ଜୟନ୍ତୀ ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଅବସରରେ ସାମୂହିକ ନେତୃତ୍ୱ ତଥା ଦାୟିତ୍ୱବୋଧର ନିଦର୍ଶନ ଦେଖିବାକୁ ମିଳିଛି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍)ର 'ଦିଶା' କାର୍ଯ୍ୟକ୍ରମ ସହ ଜଡ଼ିତ ମହିଳା ଅଂଶୀଦାରମାନେ 'ୱି ଫର୍ ଚେଞ୍ଜ' ପଦକ୍ଷେପ ଅଧୀନରେ କଳିଙ୍ଗନଗର ଓ ଏହାର ଆଖପାଖ ଚାରୋଟି ଗ୍ରାମରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଶାଳିଜଙ୍ଗା, ଭରଦାପୋଷି, ବାରଗାଡ଼ିଆ ଏବଂ ତେଲିବାହାଳି । ଗ୍ରାମରେ ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । 'ଦିଶା' କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ସମୁଦାୟ ୧୫୦ ଜଣ ମହିଳା ଚେଞ୍ଜମେକର୍ ସ୍ୱେଚ୍ଛାକୃତ ଭାବେ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେମାନେ ସର୍ବସାଧାରଣ ସ୍ଥାନଗୁଡ଼ିକର ସଫେଇ କରିବା ସହିତ ସ୍ୱଚ୍ଛତା, ପରିମଳ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ । ଭରଦାପୋଷି ଗ୍ରାମରେ ସୁରକ୍ଷିତ ତଥା ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସର୍ବସାଧାରଣ ନଳକୂପ ଓ ଷ୍ଟାଣ୍ଡପୋଷ୍ଟଗୁଡ଼ିକୁ ମଧ୍ୟ ସଫା କରାଯାଇଥିଲା । ଏହି ଅବସରରେ ଚାନ୍ଦିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ପାଣ୍ଡୁ ସିଂହ ଖୁଣ୍ଟିଆ, ଶାଳିଜଙ୍ଗା ସରପଞ୍ଚ ବିଜୟଲକ୍ଷ୍ମୀ ଦାସ, ଖପୁରିଆପଦା ନାଏବ ସରପଞ୍ଚ ଶୁଭଶ୍ରୀ ସାମଲ, ମାଷ୍ଟର ବୁକ୍ କିପର (ଏମ୍‌ବିକେ) ହିମାଦ୍ରୀ ମହାନ୍ତ ଓ ମମତା ରାଉତଙ୍କ ସମେତ ମିଶନ ଶକ୍ତି ଅଧୀନରେ ଥିବା ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍)ର ପ୍ରତିନିଧିମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ । 'ଦିଶା' କାର୍ଯ୍ୟକ୍ରମ ଜରିଆରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଗୋଷ୍ଠୀ ଉନ୍ନୟନ ତଥା ସ୍ଥାନୀୟ ଶାସନ ବ୍ୟବସ୍ଥାରେ ମହିଳାମାନଙ୍କ ନେତୃତ୍ୱ ଏବଂ ଅଂଶଗ୍ରହଣକୁ ନିରନ୍ତର ଉତ୍ସାହିତ କରିଆସୁଛି । 'ୱି ଫର୍ ଚେଞ୍ଜ' ଭଳି ପଦକ୍ଷେପ ମହିଳାମାନଙ୍କୁ ତୃଣମୂଳସ୍ତରର ସମସ୍ୟା ସମାଧାନରେ ଆଗଭର ହେବା, ସାମୂହିକ ଭାଗୀଦାରିତା ସୃଷ୍ଟି କରିବା ଏବଂ ଏକ ସ୍ୱଚ୍ଛ, ସୁସ୍ଥ ତଥା ସମାବେଶୀ ସମାଜ ଗଠନ ଦିଗରେ ନେତୃତ୍ୱ ନେବାକୁ ପ୍ରେରଣା ଯୋଗାଉଛି ।



### ଜ୍ଞାନେଶଙ୍କ ଇସ୍ତଫା ...

ଅନୁମତି ଦେଇନଥିଲେ ମଧ୍ୟ ଆଜିର ପ୍ରତିବାଦ ସମାବେଶରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲା । ମୁମ୍ବାଇ ପୁଲିସ୍ ଦାଦର ସ୍ଥିତ ଐତିହାସିକ ଶିବାଜୀ ପାର୍କ ଚାରିପାଖରେ କଡ଼ା ସୁରକ୍ଷା ବାହିନୀ ମୁତୟନ କରି ବ୍ୟାରିକେଡ୍ ଲଗାଇଥିଲା । ତଥାପି ହଜାର ହଜାର ସଂଖ୍ୟାରେ ଯୁବକ ଓ ଆନ୍ଦୋଳନକାରୀ ଜାତୀୟ ପତାକା ଏବଂ ପ୍ଲାକାର୍ଡ ଧରି ମଇଦାନରେ ଏକତ୍ରିତ ହୋଇଥିଲେ । ବଲିଉଡର ବରିଷ୍ଠ ଅଭିନେତ୍ରୀ ଶବାନା ଆଜମୀ, ଅଭିନେତା ନସୀରୁଦ୍ଦିନ ଶାହା, ସଙ୍ଗୀତ ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜ, ଗାୟକ ବିଶାଲ ଦଦଲାନୀ ଏବଂ ମହାତ୍ମା ଗାନ୍ଧୀଙ୍କ ପଣନାତି ତୁଷାର ଗାନ୍ଧୀ ଶିବାଜୀ ପାର୍କ ପହଞ୍ଚି ଏହି ପ୍ରତିବାଦକୁ ସମର୍ଥନ ଜଣାଇଥିଲେ । ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ଏବଂ ନେତା ସୌରଭ ଦାସ ଜନସଭାକୁ ସମ୍ବୋଧିତ କରି ସିଇସି ଜ୍ଞାନେଶ କୁମାରଙ୍କ ତୁରନ୍ତ ଇସ୍ତଫା ଦାବି କରିଥିଲେ । ସେପଟେ ଶିବସେନା (ୟୁବିଟି)ର ଆଦିତ୍ୟ ଠାକରେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଦେଇଥିଲେ । ଅନ୍ୟପକ୍ଷେ ନୂଆଦିଲ୍ଲୀରେ ଲାଗୁ ହୋଇଥିବା କଟକଣା (ଧାରା ୧୬୩) ସତ୍ତ୍ୱେ ଜନ୍ତର ମନ୍ତର ଏବଂ ଟଲଷ୍ଟୟ ମାର୍ଗରେ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳଗୁଡ଼ିକର ହଜାର ହଜାର କର୍ମୀ ଏକତ୍ରିତ ହୋଇଥିଲେ । ଦିଲ୍ଲୀ ପୁଲିସ୍ ପୂର୍ବତନ ମୁଖ୍ୟମନ୍ତ୍ରୀ ଅତିଶୀଙ୍କ ସମେତ ୭୦୦ରୁ ଅଧିକ ବିକ୍ଷୋଭକାରୀଙ୍କୁ ଅଟକ ରଖିଥିଲା । ଏହି ପ୍ରତିବାଦରେ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ଏମ୍.ଏ. ବେବି, ବରିଷ୍ଠ ନେତ୍ରୀ ବୃନ୍ଦା କାରାତ, ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ, ସୌରଭ ଭରଦ୍ୱାଜ, ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ଏବଂ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବଙ୍କୁ ପୁଲିସ୍ ଘଟଣାସ୍ଥଳରୁ ବସ୍ ଯୋଗେ ଅଟକ ରଖି ନେଇଯାଇଥିଲା । ବିଭିନ୍ନ ଛାତ୍ର ସଂଗଠନ ତଥା ଯୁବ କଂଗ୍ରେସ କର୍ମୀମାନେ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ଘେରାଉ କରିବାକୁ ଚେଷ୍ଟା କରୁଥିବା ବେଳେ ବ୍ୟାରିକେଡ୍ ଉପରେ ଚଢ଼ି ସ୍ଲୋଗାନବାଜି କରିଥିଲେ । ସମସ୍ତଙ୍କ ହାତରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଲେଖାଥିବା ପ୍ଲାକାର୍ଡ ଦେଖିବାକୁ ମିଳିଥିଲା । ତେବେ ବିକ୍ଷୋଭକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ମେଟ୍ରୋ ଷ୍ଟେସନର ଇଣ୍ଟରଚେଞ୍ଜ୍ ସୁବିଧାକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଥିଲା ଏବଂ ଜନ୍ତର ମନ୍ତର ଆଖପାଖ ଅଞ୍ଚଳରେ ଇଣ୍ଟରନେଟ୍ ସେବା ମଧ୍ୟ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଉଭୟ ସହରରେ ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ଆୟୋଗ ଏକ ନିରପେକ୍ଷ ସାମ୍ବିଧାନିକ ସଂସ୍ଥା ଭାବେ କାର୍ଯ୍ୟ କରିବା ବଦଳରେ ସରକାରୀ ଚାପରେ ଭୋଟର ତାଲିକାରେ ହେରଫେର କରୁଛି, ଯେଉଁଥିପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଏବଂ ନିର୍ବାଚନ ସଂସ୍କାର ଅତ୍ୟନ୍ତ ଜରୁରୀ ।

### ୩ ଦଳ ଏବେ ...

ପାଖରେ ବିରୋଧୀଙ୍କର ସତ କହିବାର ସାହସ ନାହିଁ । ବିଧାନସଭାରେ ଆଲୋଚନା ନକରି ବନ୍ଦ କଲେ, ଆଉ ଏବେ ପଦଯାତ୍ରା କରୁଛନ୍ତି । ଅପରପକ୍ଷେ ସରକାରୀ ଦଳ ବିଜେପି କିନ୍ତୁ ଗ୍ରାଉଣ୍ଡକୁ ବହୁ ଆଗରୁ ଓହ୍ଲାଇ ସାରିଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ସେପ୍ଟେମ୍ବର ୧୭ ରୁ ସେବା ସଂକଳ୍ପ ଅଭିଯାନ ଜରିଆରେ ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମ ଜାରି ରହିଛି । ପଥପ୍ରାନ୍ତ ନାଟକ ସହ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି । ମୋଦୀ ସରକାରର ଉପଲବ୍ଧି ଓ ସଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି କର୍ମୀ ଓ ନେତା । ଏହା ପୂର୍ବରୁ ସନ୍ଥ ରବି ଦାସ କଳସ ଶୋଭାଯାତ୍ରା ମାଧ୍ୟମରେ ସନାତନ ଧର୍ମର ପ୍ରଚାର କାର୍ଯ୍ୟକ୍ରମ କରିଥିଲା ଦଳ । ଯେଉଁଥିରେ ଭୋଟରଙ୍କୁ ସକ୍ରିୟ ଭାବେ ଯୋଡ଼ା ଯାଇଥିଲା । ଅର୍ଥାତ ବିଜେପି ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗାଁକୁ ଅଧିକ ଫୋକସ୍ ଦେଇଆସୁଛି । ଦେଖିବାର କଥା ପଦଯାତ୍ରା ପଲିଟିକ୍ସରେ ଭୋଟର କାହାକୁ ଭରସା କରୁଛନ୍ତି ।

### ୪ରୁ ବଢ଼ିବ ...

ପାଇଁ ୩୦ ଟଙ୍କା ଦେବାକୁ ହେବ । ଏବେ ୫୦୦ ମିଲିଲିଟର ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ ପାଇଁ ୨୯ ଟଙ୍କା ଦେଉଛନ୍ତି ଗ୍ରାହକ । ଗୋଲ୍ଡ ଦୁଗ୍ଧ ଲିଟର ପିଛା ଦର ୬୨ ଟଙ୍କାକୁ ବୃଦ୍ଧି ପାଇଛି । ଆସନ୍ତା ୪ ତାରିଖରୁ ଆଧା ଲିଟର ଗୋଲ୍ଡ ପ୍ୟାକେଟ୍ ପାଇଁ ଗ୍ରାହକଙ୍କୁ ୩୧ ଟଙ୍କା ଦେବାକୁ ହେବ । ଗୋଲ୍ଡ ପ୍ଲସ୍ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ପାଇବ । ଏବେ ଏହା ଲିଟର ପିଛା ୬୪ ଟଙ୍କାରେ ମିଳୁଥିବା ବେଳେ ଆଉ ଦୁଇ ଦିନ ପରେ ୬୬ ଟଙ୍କା ହୋଇଯିବ । ଅର୍ଥାତ୍ ଗୋଲ୍ଡ ପ୍ଲସ୍ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୧ ଟଙ୍କା ବୃଦ୍ଧି ପାଇବ ।

## ସୌରଶକ୍ତି ସଂରକ୍ଷଣ କ୍ଷମତା ବିକାଶ କର୍ମଶାଳା

**ଚାନ୍ଦୋଳ,୨।୧୦/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ୍ ବିଦ୍ୟାପୀଠରେ ଗୁରୁବାର ସୌର ସମାଧାନ ଓ ଶକ୍ତି ସଂରକ୍ଷଣ କ୍ଷମତା ବିକାଶ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶଳାଳରେ ବିଶେଷଜ୍ଞମାନେ ଯୋଗଦେଇ ସୌରଶକ୍ତିର ବ୍ୟବହାର, ଏହାର ସମାଧାନ, ଉପଯୋଗିତା ଓ ଅକ୍ଷୟଶକ୍ତିର ଗୁରୁତ୍ୱ ସହିତ ଶକ୍ତି ସଂରକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅତିଥିମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଭାତ କୁମାର ଲେଙ୍କା, ସମ୍ମାନିତ ଅତିଥିଭାବେ ବିଇଓ ମଦନ ମୋହନ କର, ଏବିଇଓ ଖଗେଶ୍ୱର ନାୟକ, ବିଆର୍‌ସିସି ଦେବଦତ ଶତପଥି, ଛତା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପ୍ରିୟବ୍ରତ ସାହୁ, ବିଦ୍ୟୁତ୍ ଟେକ୍‌ନିସିଆନ୍ ରାଜୀବ କୁମାର ସାହୁ, ଜିଲ୍ଲା ଶିକ୍ଷା ବିଭାଗର ପୂର୍ବତନ ବିଜ୍ଞାନ ନୀରିକ୍ଷକ ପିତବାସ ପଣ୍ଡା ଓ ସିଆରସିସି ଅୟେସକାନ୍ତ ରାଉତ ଯୋଗଦେଇ ଦୈନନ୍ଦିନ ଜୀବନରେ ଶକ୍ତିର ଅପଚୟକୁ ରୋକିବା ସହ ପରିବେଶ ସୁରକ୍ଷା ପାଇଁ ସୌର ଶକ୍ତି ଭଳି ପରିବେଶ ଅନୁକୂଳ ଶକ୍ତିଉତ୍ସକୁ ଆପଣେଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସୌରଶକ୍ତିର ବ୍ୟବହାର ଓ ଏହାର ଉପଯୋଗିତା ଉପରେ ବିଶେଷଜ୍ଞଙ୍କ ଠାରୁ ପଚାରି ବୁଝିଥିଲେ । ତେବେ ଏହି କର୍ମଶାଳାରେ ପ୍ରକଳ୍ପ ବିଶେଷଜ୍ଞ ଲଲାଟେନ୍ଦୁ ମହାରଣା ଏଲଇଡି ବଲ୍‌ବ ପ୍ରସ୍ତୁତ ଓ ମରାମତି ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ବୁଝାଇଥିବା ବେଳେ ବିଶେଷଜ୍ଞ ସ୍ୱପ୍ନସ୍ୱରୂପ ଲେଙ୍କା ଏଲଇଡି ବଲ୍‌ବ୍ ତିଆରି କରିବାର କୌଶଳ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନେ ସୌରଶକ୍ତି ସମ୍ପର୍କୀତ ବିଭିନ୍ନ ଜ୍ଞାନକୌଶଳ ଉପରେ ପଚାରିଥିବା ବିଭିନ୍ନ ପ୍ରଶ୍ନର ବିଶେଷଜ୍ଞମାନେ ଉତର ରଖିଥିଲେ । ଶକ୍ତି କ୍ଲବ ଇନ୍‌ଚାର୍ଜ ସଞ୍ଜୟ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଆଶିଷ କୁମାର ମହାପାତ୍ର, ପ୍ରତାପ କୁମାର ସ୍ୱାଇଁ ଓ ହିମାଂଶୁ ଶେଖର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

## ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଛେଣ୍ଡିପଦା,୨।୧୦/ଏନ୍‌ଏନ୍‌ଏସ୍:** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ଜରପଡ଼ା ଥାନା ଅନ୍ତର୍ଗତ ଡୁକୁଡ଼ା ଗ୍ରାମର ଜଣେ ବ୍ୟକ୍ତି ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ମୃତକ ହେଲେ ପିତାମ୍ବର ସାହୁ (୬୦) । ପ୍ରକାଶ, ସେ ଗୁରୁବାର ସକାଳେ ଏକ ସାଇକେଲ ଯୋଗେ ଦେଉଳ ଖମଣ ଗ୍ରାମ ନିକଟସ୍ଥ ଧାନ ବିଲକୁ କାମ କରିବା ପାଇଁ ଯାଇଥିଲେ । ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁ ସମୟ ଧରି ଖୋଜାଖୋଜି କରିଥିଲେ । ଏହାପରେ ଏକ ଗଭୀର ପୋଖରୀ ହୁଡା ଉପରେ ସାଇକେଲ ଥିବା ଜାଣିବାକୁ ପାଇଲା ପରେ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ । ହେଲେ ବିଳମ୍ବିତ ରାତିରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ଶବ ଉଦ୍ଧାର କରି ପାରିନଥିଲେ । ପୁନର୍ବାର ଶୁକ୍ରବାର ଦିନ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପୋଖରୀ ଭିତରେ ବୁଡ଼ି ରହିଥିବା ମୃତକଙ୍କ ଶବକୁ ଉଦ୍ଧାର କରିଥିଲେ । ପ୍ରାୟ ୨୦ ଘଣ୍ଟା ପରେ ଯାଇ ଶବ ଉଦ୍ଧାର କରାଯାଇଥିଲା । ତେବେ ପୋଖରୀ ଭିତରକୁ ଗାଧୋଇବାକୁ ଯାଇ ସେ ଗଭୀର ପାଣିରେ ବୁଡି ଯାଇଥିଲେ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତକଙ୍କ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ସକାଶେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ଏନେଇ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରୀ ରହିଛି । ସେହିପରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିୟୋଗ ଯୋଗୁଁ ପରିବାର ବର୍ଗ ତଥା ଗ୍ରାମବାସୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି ।

## ଓସିସିଏଲ୍ ପକ୍ଷରୁ ୱାକାଥନ୍

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍) ପକ୍ଷରୁ ଆଜି ଭୁବନେଶ୍ୱରସ୍ଥିତ ଏକାମ୍ର କାନନଠାରେ ୱାକାଥନ୍ ଆୟୋଜିତ ହୋଇଯାଇଛି । ଏହି ପଦଯାତ୍ରା ମାଧ୍ୟମରେ ସୁସ୍ଥତା, ଶାରୀରିକ ସକ୍ଷମତା, ଶୃଙ୍ଖଳା ଏବଂ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରାଯାଇଥିଲା । 'ଫିଟ୍ ଟୁ ଥିଙ୍କ୍, ଫିଟ୍ ଟୁ ପ୍ଲାନ୍, ଫିଟ୍ ଟୁ ବିଲ୍ଡ ଏବଂ ଫିଟ୍ ଫର୍ ଦି ନେସନ୍' ଥିଲା ୱାକାଥନ୍ର ମୁଖ୍ୟ ବାର୍ତ୍ତା । ଏହା ମାଧ୍ୟମରେ ଏକ ସୁସ୍ଥ ଓ ସକ୍ଷମ କର୍ମଚାରୀ ବାହିନୀ ହେଉଛି ଏକ ଦକ୍ଷ ଯୋଜନା ପ୍ରସ୍ତୁତି, କାର୍ଯ୍ୟାନ୍ୱୟନ ଓ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ବାର୍ତ୍ତା ଦିଆଯାଇଥିଲା । ୱାକାଥନ୍କୁ ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍-ତଥା-ସ୍ୱତନ୍ତ୍ର ଶାସନ ସଚିବ ଇଂ ବିଘ୍ନରାଜ ପୁରୋହିତ ଏବଂ ଆଭିଏସନ୍ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ନାୟକ ଉଦ୍ଘାଟନ କରିଥିଲେ । ୱାଲମିର ନିର୍ଦ୍ଦେଶକଙ୍କ ସହ ବିଭାଗର ମୁଖ୍ୟ ଯନ୍ତ୍ରୀମାନେ, ସମେତ ଓସିସିଏଲ୍ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଯୋଗଦେଇଥିଲେ । ଓସିସିଏଲ୍ର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ସହିତ ବିଭିନ୍ନ ଜିଲ୍ଲାରେ ଥିବା ପ୍ରକଳ୍ପ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଏହି ଅବସରରେ ସମାନ୍ତରାଳ ଭାବେ ୱାକାଥନ୍ ଆୟୋଜିତ ହୋଇଥିଲା । ସମ୍ବଲପୁର, ମାଲକାନଗିରି, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ଗଞ୍ଜାମ, କୋରାପୁଟ ଓ କଟକ ସମେତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ ।

# ଜଳବାୟୁ ଅନୁକୂଳ କାର୍ଯ୍ୟକ୍ରମର ନେତୃତ୍ୱ ନିଅନ୍ତୁ ଯୁବପିଢ଼ି: ରାଜ୍ୟପାଳ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଆର୍ଥିକ ବିକାଶ ଓ ପରିବେଶ ସୁରକ୍ଷା ପରସ୍ପର ପରିପୂରକ ହେବା ଆବଶ୍ୟକ । ଏଥିପାଇଁ ସ୍ୱଚ୍ଛ, ସ୍ମାର୍ଟ ଓ ଜଳବାୟୁ-ସହନଶୀଳ ବିକାଶ ମଡେଲ ଆପଣାଇବାକୁ ପଡ଼ିବ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍ରେ 'ଆର୍ଥ ଏଗେନ୍ କନକ୍ଲେଭ୍'ରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଆଉ ଦୂର ଭବିଷ୍ୟତର ଚେତାବନୀ ହୋଇ ରହିନାହିଁ । ଅନିୟମିତ ବର୍ଷା, ବଢୁଥିବା ତାପମାତ୍ରା ଓ ଅନିୟମିତ ପାଣିପାଗ ଘଟଣା ଏବେ କୃଷି, ଜଳସମ୍ପଦ, ସ୍ୱାସ୍ଥ୍ୟ ଓ ଜୀବିକାକୁ ପ୍ରଭାବିତ କରୁଛି । 'ଜେନ୍ ସି-ଜେନେରେସନ୍ କ୍ଲାଇମେଟ୍' ବିଷୟବସ୍ତୁ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ଜଳବାୟୁ ଅନୁକୂଳ କାର୍ଯ୍ୟକ୍ରମର ଦୂତ ହେବା ସହ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବାକୁ ସେ ଆହ୍ୱାନ ଦେଇଥିଲେ ।

ରାଜ୍ୟପାଳ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ ରୋକିବା କେବଳ କୌଣସି ଗୋଟିଏ ଅନୁଷ୍ଠାନ କିମ୍ବା ସମାଜର ଗୋଟିଏ ବର୍ଗର ଦାୟିତ୍ୱ ନୁହେଁ । ଏହା ସମସ୍ତଙ୍କର ମିଳିତ ଦାୟିତ୍ୱ ।

ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତି ୟୁନିଟ୍ ସ୍ଥାପନ, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଅତିକମରେ ଏକ ବର୍ଷ ପାଇଁ ମାଗଣାରେ ଇଲେକ୍ଟ୍ରିକ୍ ଯାନ ଚାର୍ଜିଂ ସୁବିଧା ଦେବା ଏବଂ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ରେସ୍କୋ ମଡେଲକୁ ପ୍ରୋତ୍ସାହିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ । ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟକୁ 'ଗ୍ରୀନ୍ ସାର୍ଟିଫିକେସନ୍' ହାସଲ କରିବାକୁ ଆହ୍ୱାନ ଦେବା ସହ 'ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇବା' ନୀତିରେ ବର୍ଷସାରା ବୃକ୍ଷରୋପଣ କରିବାକୁ ଯୁବପିଢ଼ିଙ୍କୁ ରାଜ୍ୟପାଳ କହିଥିଲେ । ଲୋକ ଭବନର ଆଇଜିବିସି ଗ୍ରୀନ୍ ସାର୍ଟିଫିକେସନ୍, ସବୁଜିମା ବୃଦ୍ଧି, ପଶୁପକ୍ଷୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ଏବଂ ଜଳ ସଂରକ୍ଷଣ ପାଇଁ ଜଳ ଅମଳ ପ୍ରକଳ୍ପ ଭଳି ପଦକ୍ଷେପର ଉଦାହରଣ ଦେଇଥିଲେ । ସୌର ଶକ୍ତି, ବୈଦ୍ୟୁତିକ ଯାନ, ଜଳ ସଂରକ୍ଷଣ ଓ ବର୍ଜ୍ୟବସ୍ତୁ ହ୍ରାସ ଭଳି ପଦକ୍ଷେପ ଦେଶର ଶକ୍ତି ସୁରକ୍ଷାକୁ ମଧ୍ୟ ମଜବୁତ କରିପାରିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନଭାଇରନମେଣ୍ଟର ମହାନିର୍ଦ୍ଦେଶିକା ସୁନୀତା ନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ତନୟା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ପାର୍ବଣ ଋତୁ ପାଇଁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବୃଦ୍ଧି କଲା ଦକ୍ଷିଣ ପୂର୍ବ ରେଳପଥ

**କୋଲକାତା,୨।୧୦/ଏନ୍ଏନ୍ଏସ୍:** ଦୁର୍ଗାପୂଜା, ଦୀପାବଳି ଏବଂ ଛଠ ପୂଜା ପରି ପାର୍ବଣ ଋତୁରେ ଯାତ୍ରୀଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଯାତ୍ରୀମାନଙ୍କ ଗମନାଗମନକୁ ସୁଗମ କରିବା ପାଇଁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସହ ନିୟମିତ ଟ୍ରେନଗୁଡ଼ିକରେ ଅତିରିକ୍ତ ବଗି ଯୋଡ଼ିବାକୁ ନିଷ୍ପତ୍ତି ନିଆଯାଇଛି । ଗତବର୍ଷ ପାର୍ବଣ ଋତୁରେ ୧୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ମୋଟ ୩୫୬ ଥର ଯାତାୟାତ କରିଥିଲା ଏବଂ ପରବର୍ତ୍ତୀ ସମୟରେ ସେଥିମଧ୍ୟରୁ ୮ ଯୋଡ଼ା ସ୍ୱତନ୍ତ୍ର ଟ୍ରେନକୁ ନିୟମିତ ସେବାରେ ପରିଣତ କରାଯାଇଥିଲା । ଏହାଛଡ଼ା ୧୩ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଦକ୍ଷିଣ ପୂର୍ବ ରେଳପଥର ଆରମ୍ଭ କିମ୍ବା ଶେଷ ଷ୍ଟେସନ ଭାବେ ଚଳାଚଳ କରିଥିବା ବେଳେ ୨୮ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଏହି ରେଳପଥ ଦେଇ ଯାତାୟାତ କରିଥିଲା । ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ଗତବର୍ଷ ୭୪ଟି ଅତିରିକ୍ତ ବଗିକୁ ସ୍ଥାୟୀ ଭାବେ ବିଭିନ୍ନ ଟ୍ରେନରେ ଯୋଡ଼ାଯାଇଥିଲା ।

ଏହି ବର୍ଷ ଦୁର୍ଗାପୂଜା, ଦୀପାବଳି ଓ ଛଠ ପୂଜା ପାଇଁ ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ୧୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ ପାଇଁ ଯୋଜନା କରାଯାଇଛି, ଯାହା ମୋଟ ୩୪୪ ଥର ଯାତାୟାତ କରିବ । ଏହାସହ ଆଉ ଏକ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଏହି ରେଳପଥ ଦେଇ ଚଳାଚଳ କରିବ । ସେହିପରି ସେପ୍ଟେମ୍ବର ୨୦୨୬ ସୁଦ୍ଧା ବିଭିନ୍ନ ନିୟମିତ ଟ୍ରେନଗୁଡ଼ିକରେ ସ୍ଥାୟୀ ଭାବେ ୩୦ଟି ଅତିରିକ୍ତ ବଗି ଯୋଡ଼ାଯାଇ ଯାତ୍ରୀ ପରିବହନ କ୍ଷମତାକୁ ଆହୁରି ବୃଦ୍ଧି କରାଯାଇଛି । ପାର୍ବଣ ଋତୁରେ ଚାଲିବାକୁ ଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ମଧ୍ୟରେ ଟ୍ରେନ ନଂ. ୦୮୦୪୫/୦୮୦୪୬ ଶାଲିମାର-ଚର୍ଲାପଲ୍ଲୀ-ଶାଲିମାର, ଟ୍ରେନ ନଂ. ୦୮୫୦୮/୦୮୫୦୭ ବିଶାଖାପାଟଣା-ଶାଲିମାର-ବିଶାଖାପାଟଣା, ଟ୍ରେନ ନଂ. ୦୮୦୪୩/୦୮୦୪୪ ଶାଲିମାର-ଖୋର୍ଦ୍ଧା ରୋଡ଼-ଶାଲିମାର, ଟ୍ରେନ ନଂ. ୦୮୬୧୧/୦୮୬୧୨ ସାନ୍ତରାଗାଛି-ଆଜମେର-ସାନ୍ତରାଗାଛି, ଟ୍ରେନ ନଂ. ୦୮୦୪୭/୦୮୦୪୮ ସାନ୍ତରାଗାଛି-ନାହାରଲାଗୁନ୍-ସାନ୍ତରାଗାଛି, ଟ୍ରେନ ନଂ. ୦୮୪୦୫/୦୮୪୦୬ ପୁରୀ-ସାନ୍ତରାଗାଛି-ପୁରୀ, ଟ୍ରେନ ନଂ. ୦୬୦୮୧/୦୬୦୮୨ ତିରୁବନନ୍ତପୁରମ-ସାନ୍ତରାଗାଛି-ତିରୁବନନ୍ତପୁରମ, ଟ୍ରେନ ନଂ. ୦୭୨୨୧/୦୭୨୨୨ ଚର୍ଲାପଲ୍ଲୀ-ସାନ୍ତରାଗାଛି-ଚର୍ଲାପଲ୍ଲୀ, ଟ୍ରେନ ନଂ. ୦୨୮୪୭/୦୨୮୪୮ ସାନ୍ତରାଗାଛି-ଦୀଘା-ସାନ୍ତରାଗାଛି ଏବଂ ଟ୍ରେନ ନଂ. ୦୩୪୬୫/୦୩୪୬୬ ମାଲଦା ଟାଉନ-ଦୀଘା-ମାଲଦା ଟାଉନ ରହିଛି । ସେହିପରି ଟ୍ରେନ ନଂ. ୦୯୬୨୦/୦୯୬୧୯ ରାଞ୍ଚି-ଆଜମେର-ରାଞ୍ଚି, ଟ୍ରେନ ନଂ. ୦୨୮୭୭/୦୨୮୭୮ ରାଞ୍ଚି-ଆନନ୍ଦ ବିହାର-ରାଞ୍ଚି, ଟ୍ରେନ ନଂ. ୦୮୬୩୧/୦୮୬୩୨ ହାଟିଆ-ବାନୋ-ହାଟିଆ, ଟ୍ରେନ ନଂ. ୦୮୬୬୧/୦୮୬୬୨ ରାଞ୍ଚି-ଅଲିପୁରଦ୍ୱାର-ରାଞ୍ଚି, ଟ୍ରେନ ନଂ. ୦୮୬୩୭/୦୮୬୩୮ ହାଟିଆ-ଏସଏମଭିଟି ବେଙ୍ଗାଲୁରୁ-ହାଟିଆ, ଟ୍ରେନ ନଂ. ୦୮୬୦୯/୦୮୬୧୦ ହାଟିଆ-ଏଲଟିଟି ମୁମ୍ବାଇ-ହାଟିଆ, ଟ୍ରେନ ନଂ. ୦୧୧୦୭/୦୧୧୦୮ ଏଲଟିଟି ମୁମ୍ବାଇ-ସାନ୍ତରାଗାଛି-ଏଲଟିଟି ମୁମ୍ବାଇ, ଟ୍ରେନ ନଂ. ୦୪୨୧୮/୦୪୨୧୭ ଲକ୍ଷ୍ନୌ-ଆଦିତ୍ୟପୁର-ଲକ୍ଷ୍ନୌ ଏବଂ ଟ୍ରେନ ନଂ. ୦୮୬୧୬/୦୮୬୧୫ ରାଞ୍ଚି-ଶାଲିମାର-ରାଞ୍ଚି ମଧ୍ୟ ଚଳାଚଳ କରିବ । ଦକ୍ଷିଣ ପୂର୍ବ ରେଳପଥର ଏହି ସ୍ୱତନ୍ତ୍ର ବ୍ୟବସ୍ଥା ଦ୍ୱାରା ପାର୍ବଣ ସମୟରେ ଯାତ୍ରୀମାନଙ୍କୁ ଅଧିକ ଯାତ୍ରା ସୁବିଧା ମିଳିବା ସହ ନିୟମିତ ଟ୍ରେନଗୁଡ଼ିକ ଉପରୁ ପ୍ରବଳ ଭିଡ଼ କମିବାରେ ସହାୟକ ହେବ ।

## ଭାରତୀୟ ହୃଦ୍ ବିଜ୍ଞାନୀ ସଂଘର ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଭାରତୀୟ ହୃଦ୍ ବିଜ୍ଞାନୀ ସଂଘ ଓଡ଼ିଶା ଅଧ୍ୟାୟର ୩୧ତମ ବାର୍ଷିକ ସମ୍ମେଳନ ବାଲେଶ୍ୱରସ୍ଥିତ ପଦ୍ମାବତୀ ପାର୍କ ସମ୍ମିଳନୀ କକ୍ଷରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ତଥା ହାଇଟେକ୍ ମେଡିକାଲ କଲେଜର ହୃଦରୋଗ ମୁଖ୍ୟ ପ୍ରଫେସର ଅକ୍ଷୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାୟ ତିନି ଶହ ହୃଦରୋଗ ଓ ଭେଷଜ ବିଶେଷଜ୍ଞ ଯୋଗଦାନ କରିଥିଲେ । ସଭାପତିଙ୍କ ସ୍ୱାଗତ ଭାଷଣ ଓ ସମୂହ ପ୍ରଦୀପ ପ୍ରଜ୍ୱଳନ ପରେ ବୈଜ୍ଞାନିକ ଅଧିବେଶନ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡାକ୍ତର ପି ସି ରଥ ଓ ପ୍ରଫେସର ମୃତ୍ୟୁଞ୍ଜୟ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ।

ଏହି ଅବସରରେ ଡାକ୍ତର ସତ୍ୟବ୍ରତ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରି ବ୍ୟାସକବି ଫକୀର ମୋହନ ଯେପରି ସାହିତ୍ୟ ମାଧ୍ୟମରେ ଓଡ଼ିଆ ଜାତିର ସ୍ପନ୍ଦନକୁ ଜାଗ୍ରତ କରିଥିଲେ, ସେହିପରି ହୃଦ ବିଜ୍ଞାନୀମାନେ ଚିକିତ୍ସା ବଳରେ ହୃଦୟର ସ୍ପନ୍ଦନକୁ ଜଗାଇ ରଖିବାକୁ ଆହ୍ୱାନ କରିଥିଲେ । ପ୍ରଫେସର ଏସ ଏନ୍ ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସଂଘର ସମ୍ପାଦକ ଡାକ୍ତର ବିଶ୍ୱରଞ୍ଜନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ସମସ୍ତ ଅତିଥି ବୃନ୍ଦ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ । ସଭାପତି ଅଭିଭାଷଣରେ ଡାକ୍ତର ସାମଲ ପରିବେଶ ପ୍ରଦୂଷଣ କିପରି ଶତକଡ଼ା ୨୫ ଭାଗ ହୃଦରୋଗର କାରଣ ତାହା ବର୍ଣ୍ଣନା କରିଥିଲେ ଏବଂ ଋଗ୍‌ବେଦ ଅନୁସାରେ ଆଚାର, ବିଚାର, ବ୍ୟବହାର ଓ ଆହାର ଠିକ୍ ରହିଲେ ରକ୍ତଚାପ ଓ ହୃଦରୋଗ ହେବନାହିଁ ବୋଲି ପ୍ରକାଶ କରିଥିଲେ । ଡାକ୍ତର ଗୋପୀନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର ଦୀପକ ଦାସ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ମେଳନରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ବୈଜ୍ଞାନିକ ସନ୍ଦର୍ଭ ଉପସ୍ଥାପିତ ହୋଇଥିଲା, ଯାହା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ବୋଲି ରାଜ୍ୟ ବାହାରୁ ଆସିଥିବା ଚିକିତ୍ସାବିତ୍‌ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆସନ୍ତା ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ ।

## କୋଚାଭାଲାସା-କୋରାପୁଟ ଦୋହରୀକରଣ

## ସୁଡ଼ଙ୍ଗ ନମ୍ବର ୪୧-୪୧ଏର ଖନନ କାର୍ଯ୍ୟ ସମ୍ପନ୍ନ



**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ କୋଚାଭାଲାସା-କୋରାପୁଟ ଦୋହରୀକରଣ ପ୍ରକଳ୍ପରେ ବୋରା ଗୁହାଲୁ ଓ କରକାଭାଲାସା ଷ୍ଟେସନ ମଧ୍ୟରେ ଅବସ୍ଥିତ ସୁଡ଼ଙ୍ଗ ନମ୍ବର ୪୧-୪୧ଏ ର ସଫଳ ବ୍ରେକଥ୍ରୁ (ଖନନ କାର୍ଯ୍ୟ) ହୋଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ହୋଇଛି । ୧ ଅକ୍ଟୋବର ୨୦୨୬ରେ ଏହି ବ୍ରେକଥ୍ରୁ ଶତ ପ୍ରତିଶତ ଆଲାଇନମେଣ୍ଟ ସଠିକତା ସହ ସଫଳତାର ସହିତ ସମ୍ପନ୍ନ ହୋଇଛି । ଏହା ଚାଲୁଥିବା ଦୋହରୀକରଣ ପ୍ରକଳ୍ପର ଅଗ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ମୋଟ ୮୨୯ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ସୁଡ଼ଙ୍ଗକୁ ଅଶ୍ୱଖୁରା ଆକୃତିରେ ନିର୍ମାଣ କରାଯାଇଛି ଏବଂ ଏହାର ଆଲାଇନମେଣ୍ଟରେ ୮ ଡିଗ୍ରୀ ପର୍ଯ୍ୟନ୍ତ ବକ୍ରତା ରହିଛି । ବୋରା ଗୁହାଲୁ-କରକାଭାଲାସା ବ୍ଲକ୍ ସେକ୍ସନରେ ଏହି ସୁଡ଼ଙ୍ଗର ବ୍ରେକଥ୍ରୁ ସଫଳତାର ସହିତ ସମ୍ପନ୍ନ ହୋଇଛି । ସୁଡ଼ଙ୍ଗ ନମ୍ବର ୪୧-୪୧ଏର ସଫଳ ବ୍ରେକଥ୍ରୁ ଦୁର୍ଗମ ଭୂଖଣ୍ଡରେ ରେଳ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଇଞ୍ଜିନିୟରିଂ ସଫଳତା । ନିର୍ଦ୍ଧାରିତ ଆଲାଇନମେଣ୍ଟରେ ଶତ ପ୍ରତିଶତ ସଠିକତା ସହ ଏହି ବ୍ରେକଥ୍ରୁ ସମ୍ପନ୍ନ ହେବା କୋଚାଭାଲାସା-କୋରାପୁଟ ଦୋହରୀକରଣ ପ୍ରକଳ୍ପର ଅଗ୍ରଗତିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏହି ସୁଡ଼ଙ୍ଗର ବ୍ରେକଥ୍ରୁ (ଖନନ କାର୍ଯ୍ୟ ) ସମ୍ପନ୍ନ ହେବା ଦୋହରୀକରଣ ପ୍ରକଳ୍ପର କ୍ରମାଗତ ବିକାଶରେ ସହାୟକ ହେବା ସହ କୋଚାଭାଲାସା-କୋରାପୁଟ ରେଳ ସେକ୍ସନରେ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହା ରେଳ ଲାଇନର କ୍ଷମତା ବୃଦ୍ଧି, ପରିଚାଳନାଗତ ଦକ୍ଷତାରେ ଉନ୍ନତି ଏବଂ ଏହି ଅଞ୍ଚଳରେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନର ସୁଗମ ଚଳାଚଳରେ ସହାୟକ ହେବ ।

## ଆନ୍ତର୍ଜାତିକ ବଧିର ଦିବସ ପାଳିତ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଓଡ଼ିଶା ବଧିର ସଂଘ ଦ୍ୱାରା ପରିଚାଳିତ ନର୍ସରୀ ବଧିର ବିଦ୍ୟାଳୟ ପରିସରରେ ୨୩ତମ ଆନ୍ତର୍ଜାତିକ ବଧିର ଦିବସ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଜନୀ କାନ୍ତ ପରିଡ଼ା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରୀ ଚୌଧୁରୀ, ସମ୍ମାନୀୟା ଅତିଥି ଭାବେ ମମତା ପାଟଶାଣୀ ଓ ଅନସୂୟା ପ୍ରଧାନ, ଓଡ଼ିଶା ବଧିର ସଂଘର ପ୍ରତିଷ୍ଠାତା ଶିବ ନାରାୟଣ ବହିଦାର, ଯୁଗ୍ମ ସମ୍ପାଦକ ଯୋଗେଶ ବହିଦାର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ରାୟ, ଅନସୂୟା ରାଉତ, ଆର ମହାପାତ୍ର, ସ୍ୱପ୍ନା ମହାନ୍ତି, ମିନତୀ ତ୍ରିପାଠୀ, ମଧୁସ୍ମିତା ସାମଲ ଏବଂ କ୍ରୀଡ଼ା ଶିକ୍ଷକ ଶରତ ମଲ୍ଲିକ ଉପସ୍ଥିତ ଥିଲେ ।

ଏହି ଅବସରରେ ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ ଯେ ଆଜିର ସମାଜରେ ବଧିର ବା ଶ୍ରବଣ ବାଧିତ ପିଲାମାନଙ୍କର ଶିକ୍ଷା ସହିତ ଦକ୍ଷତା



ବିକାଶ ବା ଶିଳ୍ପ ତାଲିମ ଶିକ୍ଷାର ନିହାତି ଆବଶ୍ୟକତା ରହିଛି । ସରକାର ଏହି ଦିଗରେ ସ୍ୱତନ୍ତ୍ର ଦୃଷ୍ଟିପାତ କଲେ ଏହି ପିଲାମାନଙ୍କର ସଠିକ୍ ଥଇଥାନ ହୋଇପାରନ୍ତା । ଏହାସହ ସଂଘକୁ ଅଧିକ ସୁଦୃଢ଼ କରି ସଠିକ୍ ଭାବରେ ସମସ୍ୟାଗୁଡ଼ିକୁ ଉପସ୍ଥାପନା କରିବା ପାଇଁ ସେ କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ । ଏହି ଦିବସ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭା ଶେଷରେ ପ୍ରମୋଦ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛ ଭାରତ ଦିବସ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଚାଲିଥିବା ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନର ଅଂଶସ୍ୱରୂପ ପୂର୍ବତଟ ରେଳପଥ ପକ୍ଷରୁ ଆଜି ମହାତ୍ମା ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ଦିବସ ପାଳନ କରାଯାଇଛି । ଏହି ଅବସରରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ଅବସରରେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ରେଳ ହାଉସ୍ ଗେଟ୍‌ଠାରୁ ରେଳ କୁଞ୍ଜ କଲୋନୀ ଦେଇ ରେଳ ସଦନ ପର୍ଯ୍ୟନ୍ତ ପ୍ରଭାତ ଫେରୀ ଆୟୋଜିତ ହୋଇଥିଲା । ଏଥିରେ ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହିତ ଯୋଗଦେଇ ସ୍ୱଚ୍ଛତା ଏବଂ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଚାର କରିଥିଲେ । ପ୍ରଭାତ ଫେରୀ ପରେ ରେଳ ସଦନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହା ମାଧ୍ୟମରେ ପରିବେଶ ସୁରକ୍ଷା ଓ ସ୍ଥାୟୀ ପରିବେଶ ପ୍ରତି




ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ସ୍ୱଚ୍ଛତା ଶପଥ ଓ ସ୍ୱଚ୍ଛତା ପରିଚର୍ଚ୍ଚା ମଧ୍ୟ ଆୟୋଜିତ ହୋଇଥିଲା । ଏଥିରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲେ । ପୂର୍ବତଟ ରେଳପଥରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ 'ସ୍ୱଚ୍ଛତା ପକ୍ଷ' ପାଳନ କରାଯାଉଥିବାବେଳେ ଏହା ସହିତ ସମକାଳୀନ ଭାବେ ସ୍ୱଚ୍ଛ ଭାରତ ଦିବସ ମଧ୍ୟ ପାଳିତ ହୋଇଯାଇଛି । ଏହି ଅଭିଯାନରେ ସ୍ୱଚ୍ଛତା, ଜନସହଭାଗିତା, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍ଥାୟୀ ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ରେଳ କର୍ମଚାରୀ ଓ ଅନ୍ୟାନ୍ୟ ଅଂଶୀଦାରମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି ।

# ବିଶ୍ୱ ପର୍ଯ୍ୟଟନ ଦିବସ




**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଓଡ଼ିଶା ଟୁରିଷ୍ଟ ଗାଇଡ୍ ଆସୋସିଏସନ୍, ଭୁବନେଶ୍ୱର ସଭାପତି ସନତ ମିଶ୍ରଙ୍କ ସଭାପତିତ୍ୱରେ ଗତ ଜୟଦେବ ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି । ଜାତୀୟ ସଙ୍ଗୀତ ଗାନ ପରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଏବଂ ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟବକ୍ତା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ବକ୍ତା, ଓଡ଼ିଶା ଟୁରିଷ୍ଟ ଗାଇଡ୍ ଆସୋସିଏସନର ଉପଦେଷ୍ଟା ବୀରେନ୍ଦ୍ର ମିଶ୍ର ଏବଂ ଆସୋସିଏସନର ସଭାପତି ସନତ ମିଶ୍ର ଯୋଗଦେଇ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯିବା ପରେ ସଭାପତି ଶ୍ରୀ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଖୋର୍ଦ୍ଧା ମଦନପୁର ସ୍ଥିତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡାକ୍ତର ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କୁ 'ପର୍ଯ୍ୟଟନ ଗୌରବ ପୁରସ୍କାର' ପ୍ରଦାନ କରିଥିଲେ । ଶେଷରେ ଲକ୍ଷ୍ମଣ ମନ୍ତ୍ରୀ ସମ୍ମାନିତ ଅତିଥିମାନଙ୍କୁ ଧନ୍ୟବାଦ୍ ଦେଇଥିଲେ ।

## ଏଜିଙ୍କ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା ପକ୍ଷ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ ପୂର୍ବାଞ୍ଚଳ ଶାଖା ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ହେବା ସହ ସ୍ୱଚ୍ଛତା ପକ୍ଷର ଉଦଯାପନୀ ସମାରୋହ ଏଜି ନୂଆ କଲୋନୀଠାରେ ଅନୁଷ୍ଠିତ ହୋଇଛି । ପ୍ରଧାନ ମହଲେଖାକାର ସୁବ୍ରୁ. ଆରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଡେପୁଟି ସିଏଜି ପ୍ରମୋଦ କୁମାର ମୁଖ୍ୟ ଅତିଥି, ମହଲେଖାକାର ଅତୁଲ ପ୍ରକାଶ ଏବଂ ବରିଷ୍ଠ ଉପ ମହଲେଖାକାର ଭରତ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ପ୍ରମୋଦ କୁମାର ତାଙ୍କ ଅଭିଭାଷଣରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଉପ ମହଲେଖାକାର ସଞ୍ଜୟ କୁମାର, ବିଭାଂଶୁ ଶେଖର ନାୟକ, ବନଥ ରାକେଶ ନାୟକ,ଶୁଭମ ସ୍ୱାମୀ, ରାଜ କିଶୋର ମହାପାତ୍ର, କଲ୍ୟାଣ ଅଧିକାରୀ ନୃସିଂହ ଚନ୍ଦ୍ର ରାଉତ, ବରିଷ୍ଠ ଲେଖା ଅଧିକାରୀ କାଳି ପ୍ରସାଦ ମିଶ୍ର,ବିଶ୍ୱଜିତ ସାହୁ, ରଜନୀ ପଣ୍ଡା, କଲୋନୀ କମିଟି ସଭ୍ୟ ଅଶୋକ କୁମାର ପଟ୍ଟନାୟକ, ସୁବ୍ରତ ସିଂ,ରବି କୁମାର, ରଞ୍ଜନ କୁମାରଙ୍କ ସହ ଶତାଧିକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ପଦଯାତ୍ରା ମାଧ୍ୟମରେ ଦିଆଗଲା ନଦୀ ସୁରକ୍ଷା ବାର୍ତ୍ତା

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଗାନ୍ଧୀ ଜୟନ୍ତୀ ଅବସରରେ ଦୟା ନଦୀ ପଦଯାତ୍ରା ଆଜି ଲିଙ୍ଗିପୁର୍ ଛକ ଠାରୁ କୁଆଖିଆ, ଦୟା ଓ ଭାର୍ଗବୀ ମିଳନ ସ୍ଥଳ ପର୍ଯ୍ୟନ୍ତ ଆୟୋଜିତ ହୋଇଛି । ମହାନଦୀ ବଞ୍ଚାଅ ଆନ୍ଦୋଳନ, ଦୟା ସୁରକ୍ଷା ଅଭିଯାନ, କଳିଙ୍ଗ ସଂସ୍କୃତି ଓ ଐତିହ ସୁରକ୍ଷା ଆସୋସିଏସନ୍, ଟ୍ରାଭେଲ ଏଜେଣ୍ଟ ଆସୋସିଏସନ୍ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏହି ନଦୀ ପଦଯାତ୍ରା ଲିଙ୍ଗିପୁରଠାରୁ ବାଙ୍କୁଆଳ ପର୍ଯ୍ୟନ୍ତ ଯାତ୍ରା କରିଥିଲା । ମହାନଦୀ ତଥା ଏହାର ଶାଖା ନଦୀ ଦାୟର ସୁରକ୍ଷା ପାଇଁ ଏହି ନଦୀ ପଦଯାତ୍ରା ଆୟୋଜିତ ହୋଇଥିଲା । ଏହି ବାର୍ତ୍ତା ଦେବା ପାଇଁ ଆଜି ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଏହି ନଦୀ ପଦଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ବିଶିଷ୍ଟ ସମାଜସେବୀ ତଥା କୋପୋକର ସଭାପତି ସଂଗ୍ରାମ ପାଇକରାୟ, ଦୟା ସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ଗିରିଜା ଶଙ୍କର ଦାଶଙ୍କ ସମେତ ଟି ଓ ଏ ଆଇର ଅନେକ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଲିଙ୍ଗିପୁର ୟୁଥ ଗ୍ରୁପର ସଦସ୍ୟ ବିଜୟ ସାମନ୍ତରାୟ, ଦୁର୍ଗାମାଧବ ଦାଶଙ୍କ ସକ୍ରିୟ ସହଯୋଗରେ ସମ୍ପନ୍ନ ହୋଇଥିଲା ।

## ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ ଫଳ ପ୍ରକାଶିତ

## ଶ୍ରେଷ୍ଠ ଓ ଟପ୍ପର୍ ହେଲେ ହାଇଟେକ୍ ମେଡିକାଲ୍ କଲେଜ ବିଦ୍ୟାର୍ଥୀ

**ଭୁବନେଶ୍ୱର,୨।୧୦/ଏନ୍ଏନ୍ଏସ୍:** ଓଡ଼ିଶାରେ ପ୍ରଥମକରି ପ୍ରତିଷ୍ଠିତ ହୋଇଥିବା ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ ପରୀକ୍ଷାର ଫଳ ପ୍ରକାଶ ପାଇଥିବା ବେଳେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ଆଠ ଜଣ ବିଦ୍ୟାର୍ଥୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ପ୍ରଥମ ସଫଳ କୃତବିଦ୍ୟ ଚିକିତ୍ସାବିତ୍ ଭାବେ ଓଡ଼ିଶାର ସୁନାମ ଅର୍ଜନ କରିଛନ୍ତି । ନିଶ୍ଚେତକ ବିଜ୍ଞାନୀ ଡକ୍ଟର ରଞ୍ଜିତ କୁମାର ବରାଇ ବିଶ୍ୱବିଦ୍ୟାଳୟର ଟପ୍ପର ହୋଇଥିବାବେଳେ ଡକ୍ଟର ଶିକ୍ତା ମିଶ୍ର ଶ୍ରେଷ୍ଠ ତୃତୀୟ ଭାବେ ଗୌରବ ଅର୍ଜନ କରିଛନ୍ତି । ଏଥିପାଇଁ ବିଶ୍ୱବିଦ୍ୟାଳୟ ତରଫରୁ ଭୂୟସୀ ପ୍ରଶଂସା କରାଯାଇଛି । ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଶ୍ରେଷ୍ଠ ସଫଳତା ଅର୍ଜନ କରିଥିବା ଆଠଜଣ



ଚିକିତ୍ସାବିତ୍‌ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିବାବେଳେ ନିଜ ପରିବାର, ଅଞ୍ଚଳ ଓ ଦେଶ ପାଇଁ ଚିକିତ୍ସା ସେବାର ହାତ ବଢ଼ାଇ ଦେବାକୁ ଆହ୍ୱାନ ଦେଇଛନ୍ତି । ସମ୍ବର୍ଦ୍ଧିତ ସଭାରେ ମେଡିକାଲ ସୁପରିଟେଣ୍ଡେଣ୍ଟ ଡକ୍ଟର ସୀତାରାମ ମହାପାତ୍ର , ଡକ୍ଟର ବାସୁଦେବ ବେହେରା ମୁଖ୍ୟ ପ୍ରଶାସନିକ ଅଧିକାରୀ ମକ୍କିନ ବେହେରା ଓ ଅନ୍ୟ ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିବାବେଳେ ଏହି କୃତିତ୍ୱ ଆମ ମେଡିକାଲ କଲେଜର ଅଧ୍ୟାପକ ଓ ଅଧ୍ୟାପିକାଙ୍କର ମାର୍ଗଦର୍ଶନ ଓ ଆଶୀର୍ବାଦ ବୋଲି କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନେ କହିଛନ୍ତି ।

## ଆମ ଗାଁ ପୋଖରୀ



ରମେଶ ଚନ୍ଦ୍ର ନାୟକ

ଆମ ଗାଆଁର ଟିକି ପୋଖରୀ
ସଭିଙ୍କ ପାଇଁ ପ୍ରିୟ
ନୀଳ ଜଳର ଶାନ୍ତ ଛବିରେ
ସୁନ୍ଦର ଦିଶେ ମୁହଁ ।
ପଦ୍ମ ଫୁଲର ହସ ଭିତରେ
ଭ୍ରମର ଗାଏ ଗୀତ
ମାଛ କଇଁଛ ବେଙ୍ଗ ଆଦିଙ୍କୁ
ଭାବେ ନିଜର ମିତ ।
ପଶୁ ପକ୍ଷୀଙ୍କୁ ଦିଏ ସେ ଜଳ
ସଭିଙ୍କ ତୃଷ୍ଣା ହରେ
ସକଳ ଜୀବ ଜୀବନ ଧାରା
ଚଳାଏ ସଂସାରରେ ।
ସକାଳ ବେଳା ସିନାନ ଦୃଶ୍ୟ
ଦେଖିଲେ ଲାଗେ ପ୍ରୀତ
ହସ ଖୁସିରେ ପିଲାଠୁ ବୁଢ଼ା
ହୁଅନ୍ତି ଉଲ୍ଲସିତ ।
ରୋଷେଇ କାମ ଚାଷ ବାସରେ
ଯୋଗାଏ ଜଳ ସେତ
ଗାଆଁ ଜୀବନ ଅମୂଲ୍ୟ ସାଥୀ
ଦାନ ଅପରିମିତ ।
ସଞ୍ଜ ବେଳର ସୁନା କିରଣ
ଜଳରେ ଝଲମଲ
ନଡ଼ିଆ ଗଛ ଛବିଳ ଛାୟା
ସୌନ୍ଦର୍ଯ୍ୟ କେଡେ ଭଲ ।
ପର୍ବ ପର୍ବାଣୀ କହେ କାହାଣୀ
ଜମେ ମିଳନ ମେଳା
ପୋଖରୀ ପାଶେ ଭାଇଚାରାର
ଫୁଟଇ ଫୁଲ ମାଳା ।
ପୋଖରୀ ଆମ ଜୀବନ ଧନ
ରଖିବା ସ୍ୱଚ୍ଛ ଆଗେ
ତା' ଚାରି ପାଖେ ଗଛ ଲଗାଇ
ଜଗିବା ଯୁଗେ ଯୁଗେ ।

**କେଶରପୁର, ବକ୍ସି ବଜାର, କଟକ**
**ମୋ: ୭୯୭୮୧୫୧୭୧୦**

## କାଶ ଫୁଟି ହସିଲାଣି



ଧ୍ରୁବ ଚରଣ ଘିବେଲା

ଆକାଶରେ ନାହିଁ ଭସା ବାଦଲର
ମନୋରମ ପଟୁଆର
ବରଷ ବି ଆଉ ହେଉ ନାହିଁ ଏତେ
ବରଷୁନି ଝର ଝର ।
ବରଷା ଶେଷରେ ବାଟରେ ଘାଟରେ
କାଶ ଫୁଟି ଚାହିଁଲାଣି
ଉହୁଁଙ୍କି କି ଦେଖି ବିଲ ଗହୀରରୁ
ଏଠି ଅଛି କହିଲାଣି ।
କାଶଫୁଲ ଓଠେ କିରିକିରି ହସ
ଲାଖି କରି ରହିଲାଣି
ପବନ ସାଥିରେ ପବନ କତିରେ
ରହି ସୁଖ ଲଭିଲାଣି ।
ପବନ ଦୋଳିରେ ପୁଣି ବସିଗଲେ
ଖୁସି ତାର ବଢ଼ିଯାଏ
ପବନରେ ଝୁଲି ପବନରେ ଖେଳି
ମନ ତାର ଭରିଥାଏ ।
ଶରତ ସୌନ୍ଦର୍ଯ୍ୟ ବାଢ଼ିଦେବା ପାଇଁ
କାଶ ହସି ରହିଲାଣି
ଶରତ ଆସିବା ଆଗରୁ ଫୁଟିକି
ଆଖି ଠାରି ଡାକିଲାଣି ।
ମରତର ଶୋଭା ଶରତର ଆଭା
ବାଢ଼ି ଦେଇଥାଏ କାଶ
ମରତରେ ଆଜି କାଶ ହସି ହସି
କଲାଣି ଆତ୍ମପ୍ରକାଶ ।

**ବଉଦରାଜ -୭୬୨୦୧୪, ଜି. ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

# ଗଧର ଦୁଃଖ



ଡକ୍ଟର କୃତ୍ତିବାସ ନାୟକ



ଗୋଟିଏ ଗାଆଁରେ ଗଧଟିଏ ଥାଏ । ସେ ସବୁଦିନ ଜଣେ ବେପାରୀର ଜିନିଷ ପତ୍ର ବୁହାବୋହି କରେ । ଟିକିଏ ସମୟ ମିଳିଲେ, ପଡ଼ିଆରେ ଘାସ ଚରେ । ସେ ସେଇଠି ଦେଖେ, କେତେଜଣ ଲୋକ ଗାଈମାନଙ୍କୁ ପିଠା-ମିଠା ଖାଇବାକୁ ଦେଇ ଜୁହାର ହୁଅନ୍ତି । ତାଙ୍କ ପିଠିକୁ ଆଉଁସିଦେଇ ଗେଲକରନ୍ତି । ଗାଈକୁ ନେଇ ପୋଖରୀରେ ଗାଧୋଇ ଦେଇ ଯତ୍ନକରି ଗୁହାଳେ ବାନ୍ଧନ୍ତି । ଘରଦୁଆରେ ତାଙ୍କପାଇଁ ତୋରାଣି ପିଇବା କୁଣ୍ଡ ରଖିଥାଆନ୍ତି । ତାକୁ ଦେଖି ଗଧର ମନଦୁଃଖ ହେଇଯାଏ । ସେ ଭାବେ, ମୁଁ କି ଦୋଷ କରିଥିଲି କେଜାଣି । ମୋ ଭାଗ୍ୟରେ ଖାଲି ଗାଳିମାଡ଼ ରହିଛି । ବେପାରୀ ଓଜନିଆ ଜନିଷ ମୋ ପିଠିରେ ଲଦିଦେଉଛି । ମୁଁ ଯେତେ ଭଲକାମ କଲେବି ମୋତେ କେହି କେବେ ଭଲ ପାଉନାହାନ୍ତି । ଗେଲହେବା ତ ଦୂରର କଥା, ମୁଁ କ'ଣ ଖାଇଲି ନଖାଇଲି କେହି ବୁଝୁନାହାନ୍ତି । ମୋ ଦେହ ଖରାପହେଲେ ବି କେହି ଯତ୍ନ ନେଉନାହାନ୍ତି । ସତରେ ଏ' ଗଧ ଜୀବନ ହେଉଛି ଦୁଃଖୀଜୀବନ ।

ସେହିବର୍ଷ ଚୈତ୍ରମାସରେ ଜଣେଲୋକ ଆସି ଗଧକୁ ବେପାରୀଠାରୁ ମାଗି ନେଇଗଲେ । ତାକୁ ଯତ୍ନକରି ପେଟେ ଖାଇବାକୁ ଦେଲେ । ଗାଧୋଇଦେଇ ତା' ବେକରେ ଗୋଟାଏ ଫୁଲମାଳ ଝୁଲେଇ ଦେଲେ । ସେ ଗଧ ପିଠିରେ ମାଆ ମଙ୍ଗଳାଙ୍କ ମୂର୍ତ୍ତିକୁ ସଜେଇ ଘଣ୍ଟ ବଜେଇ ଗାଆଁକୁ ଗାଁ' ବୁଲିଲେ । ନିଜେ ତା' ଆଗରେ ନାଚକରି ଭିକ୍ଷା ସଂଗ୍ରହ କଲେ । ଲୋକେ ତାକୁ ଘଟପାଟୁଆ ବୋଲି କହୁଥିଲେ । ଗାଆଁଲୋକମାନେ ଘଣ୍ଟପାଟୁଆକୁ ଦେଖିବାକୁ ଆସି ମଙ୍ଗଳାଙ୍କୁ ଜୁହାର ହେଲେ । କେତେଜଣ ମହିଳା ଗଧର ଗୋଡ଼କୁ ଛୁଇଁ ପ୍ରଣାମ କଲେ । ପାଚିଲା କଦଳୀ, କଅଁଳ ଘାସ, ମୁଗବିରି, ପନିପରିବା ଆଣି ଖାଇବାକୁ ଦେଲେ । ବେଳେବେଳେ ଘଣ୍ଟପାଟୁଆ ଗଧକୁ ଗେଲକରି ଦେଉଥାଆନ୍ତି ।

ଗଧର ମନ ବହୁତ ଖୁସି ହୋଇଗଲା । ସେତେବେଳେ ସେ ଭାବିଲା-ସତରେ ମୋ ଭଳି ସୁଖୀ ଜୀବନ ଆଉ କେହି ପାଇନାହାନ୍ତି । ଗଧ ଜାଣିଲା, ଏଥର ମୋର ଭାଗ୍ୟ ବଦଳି ଯାଇଛି । ମୋର ପଦୋନ୍ନତି ହେଇଯାଇଛି । ଲୋକମାନେ ମୋ ଜ୍ଞାନବୁଦ୍ଧି ଆଉ କାମକୁ ପସନ୍ଦ କରୁଛନ୍ତି । ମୁଁ ପ୍ରକୃତରେ ଏମିତି ସମ୍ମାନ ପାଇବାକୁ ଯୋଗ୍ୟ । ମୁଁ ହେଉଛି-ଅସଲ ଦେବତା । ଆଜିଯାଏ ଲୋକମାନେ କି ମୋ ମାଲିକ ମୋତେ ଚିହ୍ନି ଜାଣିପାରୁ ନଥିଲେ । ଏବେ ମୁଁ ତାଙ୍କୁ ଆଶୀର୍ବାଦ କରିବି । ଏତେ ଦିନପରେ ଲୋକମାନେ ମୋ ଗୁଣକୁ ଚିହ୍ନିପାରିଛନ୍ତି । ସତରେ ଗାଈମାନଙ୍କଠାରୁ ମୁଁ ଅଧିକ ଭାଗ୍ୟବାନ !

ଚୈତ୍ରମାସ ସରିଛି କି ନାହିଁ, ଘଣ୍ଟପାଟୁଆ ଆଉ ଗାଆଁକୁ ବୁଲି ଗଲାନାହିଁ । ଗଧ ବେକରେ ସେ ଆଉ ଫୁଲମାଳ ପକାଇଲା ନାହିଁ । ତା' ପିଠିରେ ଆଉ ମା' ମଙ୍ଗଳା ବସିଲେ ନାହିଁ । ଘଣ୍ଟପାଟୁଆ ଗଧକୁ ନେଇ ପୁଣି ସେହି ବେପାରୀକୁ ଫେରାଇ ଦେଲା । ବିଚରା ଗଧର ମନ ଦୁଃଖ ହେଇଗଲା । କାହାକୁ କିଛି ନକହି ଆଖିରୁ ଲୁହ ଝରେଇଲା । ଦିନେ ବେପାରୀ ତା' ମନକଥା ବୁଝିପାରି କହିଲା-'ତୁ ତୋ ଗୁଣପାଇଁ ଗାଁ' ବୁଲୁ ନଥିଲୁ । ତୋତେ କେହି ବି ଜୁହାର ହେଉ ନଥିଲେରେ ଗଧ ! ଲୋକମାନେ ମାଆ ମଙ୍ଗଳାଙ୍କୁ ଜୁହାର ହେଉଥିଲେ । ତୋତେ ଶ୍ରଦ୍ଧାକରି କେହି ଖାଇବାକୁ ଦେଉ ନଥିଲେ, ସେ ସବୁ ମାଆଙ୍କ ନାମରେ ତୁ ପାଉଥିଲୁ । ମାସକ ପାଇଁ ତୁ ଭଡ଼ାରେ ଯାଇଥିଲୁ । ଆରବର୍ଷକୁ ପୁଣି ଘଣ୍ଟପାଟୁଆ ସାଙ୍ଗରେ ବୁଲିବାକୁ ଯିବୁ । ଏବେ ତୋ ନିଜକାମ ତୁ ନିଜେ କର । ମନଦୁଃଖକରି କିଛି ଲାଭ ନାହିଁ' ।

ଗଧ ବିଚରା ତା' ମାଲିକର କଥାକୁ ବୁଝିପାରି ନିଜ ଭାଗ୍ୟକୁ ଆଦରି ଚୁପ ରହିଗଲା ।

**ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
**ମୋ: ୭୯୭୮୯୬୨୫୩୪**

## ଶରତ ଗୋଟେ ଋତୁର ନାଆଁ



ଡକ୍ଟର ସଚ୍ଚିଦାନନ୍ଦ କର

ଶରତ ଗୋଟେ ଋତୁର ନାଆଁ
ଆସେ ସେ ବର୍ଷା ପରେ
ଆସିଲେ ସିଏ ନିର୍ମଳ ଶୋଭା
ବିରାଜେ ଜଗତରେ ।
ଶରତ ଗୋଟେ ଋତୁର ନାଆଁ
ଆଣେ ସେ ମନେ ଶାନ୍ତି
ସକାଳ ସଞ୍ଜ ସୁନ୍ଦର ତା'ର
ସୁନ୍ଦର ଜହ୍ନରାତି ।
ଶରତ ଗୋଟେ ଋତୁର ନାଆଁ
ଦିଏ ସେ ଉପହାର
ଫୁଟେ ଶେଫାଳି ଦିଗବିଦିଗ
ଛୁଟେ ବାସନା ତା'ର ।
ଶରତ ଗୋଟେ ଋତୁର ନାଆଁ
ଦିଶେ ସେ ମନଲୋଭା
ନଈ ପଠାରେ ଭାରି ବଢ଼ିଆ
କାଶତଣ୍ଡୀର ଶୋଭା ।
ଶରତ ଗୋଟେ ଋତୁର ନାଆଁ
ଆଣେ ସେ ପାରବଣ
ପୁନେଇଁଟିରେ ହୁଅନ୍ତି ଖୁସି
ପଲ୍ଲୀ କିଶୋରୀଗଣ ।
ଶରତ ଗୋଟେ ଋତୁର ନାଆଁ
ଦିଏ ସେ ଖୁସି ଆଣି
କାଚ ପରିକା ଦିଶଇ ସଫା
ନଦୀନାଳର ପାଣି ।
ଶରତ ଗୋଟେ ଋତୁର ନାଆଁ
ଭରେ ସେ ନୂଆ ଆଶା
କୃଷକ ଭାଇ ପଢ଼େ ଆନନ୍ଦେ
କ୍ଷେତର ମିଠା ଭାଷା ।
ଶରତ ଗୋଟେ ଋତୁର ନାଆଁ
କିଣେ ସେ ମୋର ମନ
ବିଭୋର ହୁଏ ରାତି ଆକାଶେ
ଦେଖି ମୁଁ ରୁପାଜହ୍ନ ।

**ନୂଆପଡ଼ା, ନୟାବଜାର, କଟକ-୦୪**
**ମୋ: ୮୯୧୭୫୭୯୯୨୬**

## ଗୀତ ନା ଫିଁତ



ରଶ୍ମି ରଞ୍ଜନ ସାହୁ

କିଏ ସେ ଗାଇବ ଗୀତ
କିଏ ସେ ଗାଇବ ଗୀତ
ଯିଏ ଗାଇବରେ ମଧୁର ଗୀତ
ସଭିଏଁ ହେବେ ତା' ମିତ ।
କୋଇଲି ଗାଇଲା ଗଛ ଡାଳରୁ
କୁହୁ କୁହୁ କୁହୁ କୁହୁ
ଭଅଁର ଗାଇଲା ଫୁଲର କାନେ
ଭୁଉଁ ଭୁଉଁ ଭୁଉଁ ଭୁଉଁ ।
ପବନ ଗାଇଲା ପାହାଡ଼ କାନେ
ସୁଉ ସୁଉ ସୁଉ ସୁଉ
ଟୁପୁରୁ ଟାପୁରୁ ବରଷା ଗାଏ
ମାଟି କୋଳ ଛୁଉଁ ଛୁଉଁ ।
କୁକୁର ଭାବିଲା ଗାଇବ ଏମିତି
ସଭିଁଙ୍କୁ କରିବ ମିତ
ଗାଁ ଗୋଟା ଲୋକ ରାତି ଉଜାଗର
ଗୀତ ଗାଇଲା ନା ଫିଁତ ।

**କଳିଙ୍ଗ ବିହାର, ସାକ୍ଷୀଗୋପାଳ, ପୁରୀ-୧୪**
**ମୋ: ୮୨୪୯୯୧୦୧୩୮**

## ଜେଜେମା ପରି ଯନ୍ତ୍ରଟିଏ



ପୂଜାରାଣୀ ପାଣି

ଘଞ୍ଚ ଜଙ୍ଗଲରେ ଥିଲା ଗୋଟିଏ କୁହୁକ ଗୁମ୍ଫା । ଗୁମ୍ଫା ଭିତରେ ଜଣେ ସୁନ୍ଦର ବୟସ୍କା ବୃଦ୍ଧା ରହୁଥିଲେ । ତାଙ୍କୁ ପିଲାମାନେ ଜଙ୍ଗଲର ଜେଜେମା କହି ଡାକନ୍ତି । ସେ ଅତି ଭଲ ସ୍ୱଭାବର ଥିଲେ । ପିଲାମାନଙ୍କୁ ଖୁବ୍ ଆଦର ସ୍ନେହ କରୁଥିଲେ । କେହି ବାଟ ଭୁଲି ତାଙ୍କ ଗୁମ୍ଫାକୁ ଗଲେ ସେ ତାଙ୍କୁ ଆଶ୍ରୟ ଦେଉଥିଲେ ।

ଦୁଇ ଭାଇଭଉଣୀ ସାରା ଓ ଫାରା, ସେହି ଜଙ୍ଗଲରେ ବୁଲୁବୁଲୁ ବାଟବଣା ହୋଇ କୁହୁକ ଗୁମ୍ଫା ପାଖରେ ପହଞ୍ଚି ଗଲେ । ଜଙ୍ଗଲର ଜେଜେମା ତାଙ୍କୁ ଖୁବ୍ ଆଦରରେ ଭିତରକୁ ଡାକି ନେଲେ । ଗୁମ୍ଫା ଭିତରର କୋଠରୀ ସାମାନ୍ୟ ନଥିଲା । କୋଠରୀର ଝଲମଲ ସାଜସଜା ପିଲାମାନଙ୍କୁ ଖୁବ୍ ଆକର୍ଷିତ କରୁଥିଲା । ଜେଜେମା ସାରା ଓ ଫାରାଙ୍କୁ ସୁନ୍ଦର ପାତ୍ର ମାନଙ୍କରେ ମିଠା, ଫଳ, ଖିରି, ସର୍ବତ ଭଳି ଖୁବ୍ ସ୍ୱାଦିଷ୍ଟ ଖାଦ୍ୟ ଓ ପାନୀୟ ପରି ଦେଲେ । ଦୁଇ ଭାଇ ଭଉଣୀ ଖାଇପିଇ ଟିକେ ଶୋଇପଡ଼ିଲେ । ଜେଜେମା ସେମାନଙ୍କୁ କାହାଣୀ ଶୁଣେଇଲେ, ଲୋରି ଗାଇଲେ । ନିଦରୁ ଉଠି ସେମାନେ ଦୋଳି ଖେଳିଲେ ।



ଏଥର ଜେଜେମା କହିଲେ ପିଲାମାନେ ସନ୍ଧ୍ୟା ହେଲାଣି, ତମେମାନେ ଏବେ ଘରକୁ ଫେରିଯାଅ । ସାରା ଓ ଫାରା କିନ୍ତୁ ଫେରିବାକୁ ଚାହୁଁ ନଥିଲେ । ଜେଜେମା ବାରମ୍ବାର ଅନୁରୋଧ କରୁଥାନ୍ତି କିନ୍ତୁ ସେମାନେ ଜେଜେମାଙ୍କ ସ୍ୱାଦିଷ୍ଟ ଖାଦ୍ୟ ଓ କୁହୁକ ଗୁମ୍ଫାକୁ ଛାଡ଼ିବାକୁ ଚାହୁଁନଥିଲେ ।

ଅତିଶୀଘ୍ର ସୂର୍ଯ୍ୟ ଅସ୍ତଗଲେ । ସନ୍ଧ୍ୟା ହେଲା । ଧୀରେ ଧୀରେ ରାତି । ରାତିର ଅନ୍ଧାର ଜଙ୍ଗଲର ଜେଜେମାଙ୍କୁ ଏକ ଭୟଙ୍କର ରାକ୍ଷସୀରେ ପରିଣତ କରିଦେଲା । ତାଙ୍କର ବଡ଼ ବଡ଼ ଦାନ୍ତ ଓ ନଖ ସାହାଯ୍ୟରେ ପିଲାମାନଙ୍କୁ ଟିକି ଟିକି କରି ଖାଇଗଲେ ।

ଅନେକ ବର୍ଷ ବିତିଗଲା ।

ଅନେକ ...ବର୍ଷ । ଦୁନିଆରେ ବହୁତ କିଛି ପରିବର୍ତ୍ତନ ହେଇଗଲା । ସେହି ଜଙ୍ଗଲର ଜେଜେମା ମଧ୍ୟ ପରିବର୍ତ୍ତନ ହେଇ ଗୋଟିଏ ଯନ୍ତ୍ର ପାଲଟି ଗଲେ । କିନ୍ତୁ ତାଙ୍କର ସ୍ୱଭାବରେ ପରିବର୍ତ୍ତନ ହେଲା ନାହିଁ । ସେ ଏବେ ମଧ୍ୟ ପିଲାମାନଙ୍କୁ ଭାରି ସ୍ନେହଆଦର କରନ୍ତି । ତାଙ୍କ ପାଖରେ ଅଧିକ ସମୟ ରହିଲେ ସେ ରାକ୍ଷସୀ ପରି ପିଲାମାନଙ୍କୁ ଖାଇପାରନ୍ତି ନାହିଁ । କିନ୍ତୁ ପିଲାମାନଙ୍କୁ ବହୁତ ଅସୁବିଧାରେ ପକାଇ ଦିଅନ୍ତି । ଏବେ ଲୋକମାନେ ଜେଜେମା ରୁପୀ ଯନ୍ତ୍ରଟାକୁ ଦେଖି ଚାହିଁ ବ୍ୟବହାର କରୁଛନ୍ତି । ପିଲାମାନଙ୍କୁ ଏକୁଟିଆ ସେଠିକି ଛାଡୁନାହାନ୍ତି ।

**ବାଲକାଟୀ, ଖୋର୍ଦ୍ଧା**
**ମୋ: ୬୩୭୦୧୩୨୦୨୩**

### ଜୀବ ଜଗତର ଅଜବ କଥା

## ସାପର ପାଦ



ସମସ୍ତେ ଜାଣନ୍ତି ଯେ ସାପର ଗୋଡ଼ ନାହିଁ । ୨୦୦୯ ମସିହାରେ ଚୀନରେ ଗୋଡ଼ ଥିବା ଏକ ସାପ ଦେଖା ଯାଇଥିଲା । ଚୀନର ସୁଇନିଙ୍ଗ ଅଞ୍ଚଳରେ ରହୁଥିବା ଦୁଆନ କିଅଙ୍ଗ ଜିଉ ନାମ୍ନୀ ଜଣେ ମହିଳା ନିଜ ଶୋଇବା ଘର କାନ୍ଥରେ ଏହି ସାପଟି ଥିବା ଦେଖି ଖୁବ୍ ଡରି ଯାଇଥିଲେ ଓ ଜୋତାରେ ତାକୁ ପିଟି ମାରିଦେଇଥିଲେ । ଏହାପରେ ମଲା ସାପଟିକୁ ଏକ ମଦ ବୋତଲରେ ରଖାଯାଇଥିଲା । ଗୋଧି ଓ ଝିଟିପିଟଙ୍କ ଭଳି ସାପଟିର ଏକ ଗୋଡ଼ଥିବା ଦେଖି ସ୍ଥାନୀୟ ଲୋକମାନେ ଆଶ୍ଚର୍ଯ୍ୟ ହୋଯାଇଥିଲେ । ଅଧିକ ପରୀକ୍ଷା ନିରୀକ୍ଷା ପାଇଁ ସାପଟିକୁ ୱେଷ୍ଟ ନର୍ମାଲ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ଗବେଷଣାଗାରକୁ ପଠାଯାଇଥିଲା । ପୂର୍ବରୁ କେତେକ ସ୍ଥାନରେ ଦୁଇ ମୁଣ୍ଡିଆ ସାପର ସନ୍ଧାନ ମିଳିସାରିଛି । ସେହି ସାପଙ୍କ ଭଳି ଏହା ଏକ ଶାରୀରିକ ବିକୃତି ବୋଲି ଜୀବ ବିଜ୍ଞାନୀମାନେ କହୁଛନ୍ତି ।

### ରେକର୍ଡ଼

## ଦାନ୍ତ



ସାଧାରଣତଃ ପ୍ରତି ବ୍ୟକ୍ତିଙ୍କର ଦାନ୍ତ ସଂଖ୍ୟା ୩୨ । କିନ୍ତୁ ଏପରି ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କ ଦାନ୍ତ ସଂଖ୍ୟା ହେଉଛି ୪୨ । ସେ ହେଲେ ମାଲେସିଆର ପ୍ରଥବ ମୁନିଆଣ୍ଡି । ସାଧାରଣ ଲୋକଙ୍କ ତୁଳନାର ତାଙ୍କ ଦାନ୍ତ ସଂଖ୍ୟା ୧୦ ଅଧିକ । ଏହାଛଡ଼ା ତାଙ୍କ ମାଢ଼ି ଭିତର ଅନ୍ୟ ଦୁଇଟି ଦାନ୍ତ ମଧ୍ୟ ରହିଛି । ତେବେ ସେ ଦୁଇଟି ଉପରକୁ ଉଠି ନାହିଁ । ମହିଳାଙ୍କ ମଧ୍ୟରେ ଏହି ବିଶ୍ୱ ରେକର୍ଡ଼ କରିଛନ୍ତି ଭାରତର କଳ୍ପନା ବାଲାନ । ତାଙ୍କ ଦାନ୍ତ ସଂଖ୍ୟା ହେଉଛି ୩୮ । ଉପର ମାଢ଼ିରେ ଦୁଇଟି ଓ ତଳ ମାଢ଼ିରେ ଅତିରିକ୍ତ ୪ଟି ଦାନ୍ତ ରହିଛି । ନାବାଳିକା ଥିବା ଅବସ୍ଥାରେ ତାଙ୍କର ଏହ ଅତିରିକ୍ତ ଦାନ୍ତଗୁଡ଼ିକ ଉଠିଥିଲା ।

## ଫଟୋ କୁଇଜ୍



ଏଥିରେ ୫ଜଣ ଔପନ୍ୟାସିକ ଓ ସେମାନଙ୍କ ଉପନ୍ୟାସର ନାମ ରହିଛି । ତେବେ ସେଗୁଡ଼ିକ ସଠିକ କ୍ରମରେ ନାହିଁ । କାହାର କେଉଁ ଉପନ୍ୟାସ ତାହା ଖୋଜି ଦେଖ ।

୧- ଫକୀର ମୋହନ ସେନାପତି, ୨- ପ୍ରତିଭା ରାୟ, ୩- ବିଭୁତି ପଟ୍ଟନାୟକ, ୪- ଗୋପୀନାଥ ମହାନ୍ତି, ୫- ମନୋଜ ଦାସ

କ- ତୃତୀୟ ପୁରୁଷ, ଖ- ଛଅମାଣ ଆଠଗୁଣ୍ଠ, ଗ- ଅମୃତ ଫଳ, ଘ- ଯାଜ୍ଞସେନୀ, ଙ- ପରଜା

ଉତ୍ତର- ୧-ଖ, ୨-ଘ, ୩-କ, ୪-ଙ, ୫-ଗ

## ତୁମ ପାଇଁ ବହି



**ଡୁଗୁ ଡୁଗୁଲା**
**ଲେଖକ: ରଘୁନନ୍ଦନ ମହାପାତ୍ର**
**ପ୍ରକାଶିକା: ସାଗରିକା ମହାପାତ୍ର**
**ଠିକଣା: ହରଚଣ୍ଡୀ ସାହି, ପୁରୁଣା ଭୁବନେଶ୍ୱର-୨**
**ମୂଲ୍ୟ: ୭୦ ଟଙ୍କା**

ଏହା ଏକ ଶିଶୁ କବିତା ସଂକଳନ । ଏଥିରେ ମୋଟ ୩୯ଟି ସରଳ ଓ ମନଛୁଆଁ କବିତା ରହିଛି । ବହିଟିରେ ଶୈଶବର କଥାକୁ କବିତାରେ ରୂପ ଦିଆଯାଇଛି । ଶିଶୁ ଜନ୍ମ ପରଠାରୁ ପରିବାର ସହ ତାର ଭାବଗତ ମୁହୂର୍ତ୍ତ କାର୍ଯ୍ୟକଳାପ ପ୍ରକୃତି ସହ ମିଳନ ଏବଂ ଏକ ଖୁଜୁବୁଜିଆ ମନର ପ୍ରକାଶ କବିତରେ ଚିତ୍ରିତ ହୋଇଅଛି । ଏହି ନିଆରା ଶିଶୁ କବିତା ସଭିଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

## କୁନାକୁନିଙ୍କ ଚିତ୍ର





ସ୍ୱସ୍ତିକା ମହାପାତ୍ର, କ୍ଲାସ୍-୫, ସେଣ୍ଟ ଜାଭିଅର ହାଇସ୍କୁଲ, ଖାନ ନଗର, କଟକ





ଦେବହୂତି ବରଦାଲକ୍ଷ୍ମୀ ରାଉତ, କ୍ଲାସ୍-୩, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡା

**'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ**

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

ନିତିଦିନ
NITIDIN

# ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ୍ ଡ୍ର'



**ପୁଡୁଚେରୀ,୨।୧୦/ଏଜେନ୍ସି:** ଅଷ୍ଟ୍ରେଲିଆ-ଏ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ୍‌କୁ ଇଣ୍ଡିଆ-ଏ' ଡ୍ର' କରାଇଛି। ୩୬୫ ରନ୍‌ର ପିଛା କରୁଥିବା ଇଣ୍ଡିଆ-ଏ ମ୍ୟାଚ୍‌ର ଅନ୍ତିମ ଦିନ ୯ ୱିକେଟ୍‌ରେ ୩୧୦ ରନ୍ କରିଛି। ଗୋଟିଏ ସମୟରେ ଟିମ୍ ଆଗରେ ମ୍ୟାଚ୍ ବଞ୍ଚାଇବା ଆହ୍ୱାନ ଦେଖା ଦେଇଥିବା ବେଳେ ଟିମ୍ ବିଜୟ ଠାରୁ ୫୫ ରନ୍ ଦୂରରେ ରହିଯାଇଥିଲା। ଏହି ଡ୍ର' ସହିତ ଇଣ୍ଡିଆ-ଏ ଦୁଇ ମ୍ୟାଚ୍‌ର ସିରିଜ୍ ୧-୦ରେ ନିଜ ନାମରେ କରିଛି। ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ୍‌ରେ ଇଣ୍ଡିଆ-ଏ' ୧୬୨ ରନ୍‌ରେ ବିଜୟୀ ହୋଇଥିଲା। ଇଣ୍ଡିଆ-ଏ ପ୍ରଥମ ଇନିଂସ୍‌ରେ ୧୬୭ ରନ୍‌ରେ ଆଉଟ୍ ହୋଇଥିବା ବେଳେ ଅଷ୍ଟ୍ରେଲିଆ-ଏ ପ୍ରଥମ ଇନିଂସ୍‌ରେ ୩୫୮ ରନ୍ କରିବା ପରେ ଦ୍ୱିତୀୟ ଇନିଂସ୍ ୧୭୩/୪ ସ୍କୋର୍‌ରେ ଘୋଷିତ କରିଥିଲା।

ଆୟୁଷ ପାଣ୍ଡେ ଓ ତୁଷାର ଦେଶପାଣ୍ଡେ ଟିମ୍‌ର ଇନିଂସ୍ ଆରମ୍ଭ କରିଥିଲେ। ପାଣ୍ଡେଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ଲିଆମ୍ ସ୍କଟ୍ ଇଣ୍ଡିଆ-ଏ'କୁ ଝଟ୍‌କା ଦେଇଥିଲେ। ଏହାପରେ ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ତୁଷାର କ୍ୟାପ୍‌ଟେନ୍ ଦେବଦତ୍ତ ପାଡିକ୍କଲ୍‌ଙ୍କ ସହ ଇନିଂସ୍ ସମ୍ଭାଳିଥିଲେ। ତୁଷାର ୧୧୯ ବଲ୍‌ର ସାମ୍ନାକରି ୫୨ ରନ୍ କରିଥିଲେ। ଏହା ତାଙ୍କର ଦ୍ୱିତୀୟ ପ୍ରଥମଶ୍ରେଣୀ ଅର୍ଦ୍ଧଶତକ ଥିଲା। ପାଡିକ୍କଲ୍ ୨୬ ରନ୍ କରି ସ୍କଟ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହାର କିଛି ସମୟ ପରେ ତୁଷାର ଦେଶପାଣ୍ଡେ ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ଶେଖ୍ ରଶିଦ୍ ୪୫ ବଲ୍‌ରେ ୩୮ ରନ୍‌ର ଇନିଂସ୍ ଖେଳି କିଛି ସମୟ ପାଇଁ ଟିମ୍‌ର ବିଜୟ ଆଶା ଜୀବିତ କରିଥିଲେ। ତେବେ ନାଥନ୍ ମ୍ୟାକ୍‌ସ୍ୱିନୀଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାପରେ କୁମାର କୁଶାଗ୍ର ମଧ୍ୟ ବେଶୀ ସମୟ ତିଷ୍ଠିପାରି ନଥିଲେ ଏବଂ ସ୍କଟ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ତନୁଷ କୋଟିୟାନ୍‌ଙ୍କ ଆଉଟ୍ ପରେ ଇଣ୍ଡିଆ-ଏ ସ୍କୋର୍ ୧୯୯/୭ ହୋଇଥିଲା। ଏହିଠାରୁ ଯଶ୍ ରାଠୋର ଓ ପ୍ଲେୟାର୍ ଅଫ୍ ଦ ସିରିଜ୍ ଶମ୍ସ ମୁଲାନୀ ଇନିଂସ୍ ସମ୍ଭାଳି ୨୧୬୦ ବଲ୍‌ରେ ୮୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ରାଠୋର ୧୩୧ ବଲ୍‌ର ସାମ୍ନାକରି ୮୦ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କ ଆଉଟ୍ ପରେ ମୁଲାନୀ ମଧ୍ୟ ଫେରିଥିଲେ ଏବଂ ଟିମ୍ ୯ ୱିକେଟ୍ ହରାଇ ୫୫ ରନ୍ ପଛରେ ରହିଯାଇଥିଲା।

**ଯଶ୍ ରାଠୋରଙ୍କ ୮୦ ରନ୍, ଦେଶପାଣ୍ଡେଙ୍କ ଅର୍ଦ୍ଧାତକ**

**ଇଣ୍ଡିଆ-ଏ' ୧-୦ରେ ସିରିଜ୍ ବିଜୟୀ**

# ପ୍ରଥମଶ୍ରେଣୀ କ୍ରିକେଟ୍‌ରୁ ଚହଲଙ୍କ ସନ୍ନ୍ୟାସ



**ଅଧୁରା ରହିଲା ଟେଷ୍ଟ୍ ଖେଳିବା ସ୍ୱପ୍ନ**

**ଦିନିକିଆ ଓ ଟି-୨୦ ଜାରି ରଖିବେ**

**ନୂଆଦିଲ୍ଲୀ,୨।୧୦/ଏଜେନ୍ସି:** ଭାରତୀୟ ଲେଗ୍ ସ୍ପିନର୍ ଯୁଜବେନ୍ଦ୍ର ଚହଲ ପ୍ରଥମଶ୍ରେଣୀ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସେ କହିଛନ୍ତି ଟେଷ୍ଟ୍ କ୍ୟାପ୍ ହାସଲ କରିବା ଏବେ ସମ୍ଭବ ନୁହେଁ। ଚହଲ କେବେ ବି ଭାରତ ପାଇଁ ଟେଷ୍ଟ୍ କ୍ରିକେଟ୍ ଖେଳିନାହାନ୍ତି। ସେ ୭୨ ଦିନିକିଆ ଏବଂ ୮୦ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ୨୦୨୩ ଅଗଷ୍ଟରେ ଟି-୨୦ ମ୍ୟାଚ୍ ଥିଲା। ଚହଲ ଚହିଛନ୍ତି, ଦେଶ ପାଇଁ ଖେଳିବାର କ୍ଷୁଧା ଏବେ ବି ତାଙ୍କର ବଜାୟ ରହିଛି। ସେ ଦିନିକିଆ ଏବଂ ଟି-୨୦ରେ ପ୍ରତ୍ୟାବର୍ତ୍ତନ ପାଇଁ ପୂରା ଉଦ୍ୟମ କରିବେ।

ସେ ଇନ୍‌ଷ୍ଟାଗ୍ରାମ ପୋଷ୍ଟ୍‌ରେ ଲେଖିଛନ୍ତି, ମୋ ପାଇଁ ଲାଲ୍-ବଲ୍ କ୍ରିକେଟ୍ କେବେବି କେବଳ ଆଉ ଏକ ଫର୍ମାଟ୍ ନଥିଲା। ଏଠାରେ ମୁଁ ଧୈର୍ଯ୍ୟ, ଚରିତ୍ର, ସଂଘର୍ଷ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ପଡ଼ିଆରେ ରହିବାର ଖୁସି ଶିଖିଛି। ସେ ଆହୁରି ଲେଖିଛନ୍ତି, ମୁଁ ନିଜର ଅନ୍ତିମ ପ୍ରଥମ ଶ୍ରେଣୀ ମ୍ୟାଚ୍ ଲର୍ଡ୍ସ ଖେଳିଥିଲି। ଟେଷ୍ଟ୍ କ୍ୟାପ୍ ସର୍ବଦା ମୋର ସ୍ୱପ୍ନ ଥିଲା ଏବଂ ଏହି ସ୍ୱପ୍ନ ବହୁ ବର୍ଷ ପର୍ଯ୍ୟନ୍ତ ମୋ ସହିତ ରହିଥିଲା। ଚହଲ କହିଛନ୍ତି ସ୍ୱପ୍ନ ପୂରଣ ହୋଇନାହିଁ, କିନ୍ତୁ ମୁଁ ନିଜର ଯାତ୍ରାକୁ ନେଇ ପ୍ରକୃତରେ ସନ୍ତୁଷ୍ଟ। ଏହି ଫର୍ମାଟ୍‌ରେ ମିଳିଥିବା ପ୍ରତ୍ୟେକ ସୁଯୋଗ ପାଇଁ ବହୁ କୃତଜ୍ଞ। ସେ ଆହୁରି ଲେଖିଛନ୍ତି, ଏବେ ସବୁ କିଛି ଶେଷ ହୋଇନାହିଁ। ଦେଶ ପାଇଁ ଖେଳିବାର କ୍ଷୁଧା ଏବେ ବି ସମ୍ପୂର୍ଣ୍ଣ ଭାବେ ମୋର ରହିଛି। ମୁଁ ଭାବୁଛି ମୋ ଭିତରେ ଏବେ ବି କ୍ରିକେଟ୍ ବାକି ରହିଛି। ଦିନିକିଆ ଏବଂ ଟି-୨୦ ଫର୍ମାଟ୍‌ରେ ଆଉ ଏକ ସୁଯୋଗ ହାସଲ ପାଇଁ ନିଜର ସବୁକିଛି ଲଗାଇଦେବି।

ଚହଲ ୨୦୦୯ରେ ହରିଆଣା ପାଇଁ ପ୍ରଥମ ଶ୍ରେଣୀ କ୍ୟାରିୟର୍ ଆରମ୍ଭ କରିଥିଲେ। ସେ ୪୯ ମ୍ୟାଚ୍‌ରେ ୩୨.୨୭ ହାରାହାରିରେ ୧୪୮ ୱିକେଟ୍ ନେଇଛନ୍ତି। ସେ ଅନ୍ତିମ ପ୍ରଥମ ଶ୍ରେଣୀ କ୍ରିକେଟ୍ ନର୍ଥମ୍ପଟନ୍‌ଶାୟର୍ ପାଇଁ ଖେଳିଥିଲେ। ୨୦୨୬ କାଉଣ୍ଟି ଚାମ୍ପିଅନ୍‌ଶିପ୍‌ର ଡିଭିଜନ୍-୨ରେ ସେ ୨୧ ୱିକେଟ୍ ଅକ୍ତିଆର କରିଥିଲେ।

# ଆଫଗାନିସ୍ତାନ ଟିମ୍‌ରୁ ନବୀ-ରସୁଲି ବାହାର

**୯ରୁ ୟୁଏଇରେ ବାଂଲାଦେଶ-ଜିମ୍ବାୱେ ବିପକ୍ଷ ସିରିଜ୍**



**ନୂଆଦିଲ୍ଲୀ,୨।୧୦/ଏଜେନ୍ସି:**

ଆଫଗାନିସ୍ତାନ ଆଗାମୀ ବାଂଲାଦେଶ ଓ ଜିମ୍ବାୱେ ବିପକ୍ଷ ସିରିଜ୍ ପାଇଁ ଟିମ୍ ଘୋଷଣା କରିଛି। ଅଲ୍‌ରାଉଣ୍ଡର୍ ମହମ୍ମଦ ନବୀ ଓ ମିଡିଲ୍ ଅର୍ଡର ବ୍ୟାଟର୍ ଦାରୱିସ୍ ରସୁଲିଙ୍କୁ ଟିମ୍‌ରେ ସ୍ଥାନ ମିଳିନାହିଁ। ଆଫଗାନିସ୍ତାନ ଅକ୍ଟୋବର ୯ ତାରିଖରୁ ବାଂଲାଦେଶ ବିପକ୍ଷରେ ୟୁଏଇରେ ଗୋଟିଏ ଟେଷ୍ଟ୍ ମ୍ୟାଚ୍ ଖେଳିବ। ଏହାପରେ ଅକ୍ଟୋବର ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ବାଂଲାଦେଶ ଓ ଜିମ୍ବାୱେ ସହିତ ତ୍ରିକୋଣୀୟ ସିରିଜ୍ ହେବ। ତ୍ରିକୋଣୀୟ ସିରିଜ୍‌ରେ ତିନି ଦିନିକିଆ ଖେଳାଯିବ। ଏହାପରେ ଜିମ୍ବାୱେ ବିପକ୍ଷରେ ଆଫଗାନିସ୍ତାନ ତିନି ଟି-୨୦ ଏବଂ ଦୁଇଟି ଟେଷ୍ଟ୍ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ୟୁଏଇରେ ହେବ। ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ଆୟୋଜିତ ଭାରତ ବିପକ୍ଷ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍ ପାଇଁ ନବୀ ଓ ରସୁଲି ଟିମ୍‌ରେ ଥିଲେ। ଆଫଗାନିସ୍ତାନ ସେହି ସିରିଜ୍ ୦-୩ରେ ହାରିଥିଲା। ନବୀ ସମସ୍ତ ତିନିଟି ମ୍ୟାଚ୍ ଖେଳିଥିଲେ। ଦୁଇଟି ମ୍ୟାଚ୍‌ରେ ସେ ଗୋଟିଏ ବି ୱିକେଟ୍ ନେଇପାରି ନଥିଲେ। ରସୁଲି ମଧ୍ୟ ବର୍ତ୍ତମାନ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଏସିଆନ୍ ଗେମ୍ସ ୨୦୨୬ରେ ରସୁଲି ଦୁଇଥର ଶୂନ୍ୟରେ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ଭରତ ବିପକ୍ଷରେ ସେ ୨୬ ଓ ୨ ରନ୍ କରିଥିଲେ।

**ଏସିଆନ୍ ଗେମ୍ସ: ଭାରତ ପାଇଁ ଗୋଲ୍‌ଡେନ୍ ଫ୍ରାଇଡେ**

# ୬ ସ୍ୱର୍ଣ୍ଣ ସହ ୧୦ ପଦକ ଜିତିଲେ ଭାରତୀୟ ଖେଳାଳି

**■ ମହିଳା ହକିରେ ଐତିହାସିକ ପ୍ରଦର୍ଶନ ■ ବକ୍ସିଂରେ ସ୍ୱର୍ଣ୍ଣିମ ହ୍ୟାଟ୍ରିକ୍ ■ କୁସ୍ତିରେ ପ୍ରଥମ ସ୍ୱର୍ଣ୍ଣ ଦେଲେ କଲ୍‌କଲ**

ଆଇଚି ନାଗୋୟା,୨।୧୦/ଏଜେନ୍ସି: ଚଳିତ ଏସିଆନ୍ ଗେମ୍ସର ୧୩ଶ ଦିନ ଶୁକ୍ରବାର ଭାରତ ପାଇଁ ବହୁ ଚମତ୍କାର ଓ ଐତିହାସିକ ହୋଇଛି। ଭାରତୀୟ ଖେଳାଳିମାନେ ବିଭିନ୍ନ ଇଭେଣ୍ଟ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୨ ବ୍ରୋଞ୍ଜ୍ ସମେତ ମୋଟ ୧୦ ପଦକ ନିଜ ନାମରେ କରିଛନ୍ତି। ଏହା ସହିତ ଭାରତ ୧୬ ସ୍ୱର୍ଣ୍ଣ, ୨୫ ରୌପ୍ୟ ଏବଂ ୩୫ ବ୍ରୋଞ୍ଜ୍ ସମେତ ମୋଟ ୭୬ ପଦକ ଜିତି ପଞ୍ଚମ ସ୍ଥାନରେ ପହଞ୍ଚିଛି। ଶୁକ୍ରବାର ଭାରତୀୟ ମହିଳା ହକି ଟିମ୍ ଚୀନ୍‌କୁ ୧-୦ରେ ହରାଇ ୪୪ ବର୍ଷ ପରେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଛି ଏବଂ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ଟିକେଟ୍ ମଧ୍ୟ ପକ୍କା କରିଛି। କୁସ୍ତିରେ ସୁଜିତ କଲ୍‌କଲ ପୁରୁଷ ୬୫ କିଗ୍ରା ଫ୍ରିଷ୍ଟାଇଲ୍‌ରେ ୨-୯ରେ ପଛୁଆ ରହିବା ପରେ ୧୦-୯ର ଅବିଶ୍ୱସନୀୟ ବିଜୟ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବକ୍ସିଂରେ ପରଭିନ୍ ହୁଡ୍ଡା, ଲଭଲିନା ବୋରଗୋହେନ୍ ଏବଂ ଅଂକୁଶ ପଙ୍ଘାଲ୍ ସ୍ୱର୍ଣ୍ଣ ପଦକ ଜିତି ଭାରତକୁ ଗୋଲ୍‌ଡେନ୍ ହ୍ୟାଟ୍ରିକ୍ ଦେଇଛନ୍ତି। ଆର୍ଚେରୀରେ ମହିଳା ରିକର୍ଭ ଟିମ୍ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଧୀରଜ ବୋମ୍ମାଦେଭରା-କୁମ୍‌କୁମ୍ ଏବଂ ପୁରୁଷ ରିକର୍ଭ ଟିମ୍ ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ସେଲିଙ୍ଗ୍ ଏବଂ ସେପକଟାକ୍ରାରେ ମଧ୍ୟ ଭାରତକୁ ବ୍ରୋଞ୍ଜ୍ ପଦକ ମିଳିଛି।

## ମହିଳା ହକିରେ ୪୪ ବର୍ଷ ପ୍ରତୀକ୍ଷାର ଅନ୍ତ




ଦିନର ସବୁଠୁ ବଡ଼ ଉପଲବ୍ଧି ଭାରତୀୟ ମହିଳା ହକି ଟିମ୍ ନାମରେ ରହିଛି। ଭାରତ ଫାଇନାଲ୍‌ରେ ଚୀନ୍‌କୁ ୧-୦ରେ ହରାଇ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିଛି। ଏହା ସହିତ ଭାରତ ମହିଳା ହକିରେ ୪୪ ବର୍ଷର ସ୍ୱର୍ଣ୍ଣ ପଦକ ମରୁଡ଼ିର ଅନ୍ତ ଘଟାଇଛି। ମ୍ୟାଚ୍‌ର ଏକମାତ୍ର ତଥା ନିର୍ଣ୍ଣାୟକ ଗୋଲ୍‌ଟି ଭାରତ ପାଇଁ ଲାଲରେମସିୟାମୀ ୧୦ମ ମିନିଟ୍‌ରେ ଫିଲ୍ଡ ଗୋଲ୍ ଜରିଆରେ ଦେଇଥିଲେ। ଚୀନ୍ ପରେ ଲଗାତାର ଚାପ ସୃଷ୍ଟି କରିଥିଲେ ମଧ୍ୟ ଭାରତୀୟ ଗୋଲ୍‌କିପର୍ ସବିତା ପୁନିଆ ଓ ଡିଫେଣ୍ଡର୍‌ମାନେ ଏହାକୁ ବିଫଳ କରିଦେଇଥିଲେ। ଅନ୍ତିମ ମିନିଟ୍‌ରେ ଚୀନ୍ ଗୋଲ୍‌କିପର୍‌ଙ୍କୁ ହରାଇ ଜଣେ ଅତିରିକ୍ତ ଖେଳାଳିଙ୍କୁ ବ୍ୟବହାର କରିଥିଲେ ମଧ୍ୟ ଭାରତ ନିଜର ଅଗ୍ରଣୀ ବଜାୟ ରଖିବା ସହିତ ବିଜୟୀ ହୋଇଥିଲା। ଭାରତ ୧୯୮୨ ଦିଲ୍ଲୀ ଏସିଆନ୍ ଗେମ୍ସରେ ପ୍ରଥମ ଥର ମହିଳା ହକିର ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହାପରେ ୧୯୯୮ ଏବଂ ୨୦୧୮ରେ ଫାଇନାଲ୍ ଖେଳିଥିଲେ ମଧ୍ୟ ଉଭୟ ଥର ଟିମ୍‌କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏବେ ଭାରତ ୪୪ ବର୍ଷର ପ୍ରତୀକ୍ଷାରେ ଅନ୍ତ ଘଟାଇଛି। ସ୍ୱର୍ଣ୍ଣ ପଦକ ସହିତ ଭାରତୀୟ ଟିମ୍ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ପାଇଁ ଯୋଗ୍ୟତା ହାସଲ ମଧ୍ୟ କରିଛି। ଫାଇନାଲ୍‌ରେ ହାରି ଚୀନ୍ ରୌପ୍ୟ ପଦକ ପାଇଥିବା ବେଳେ ସାଉଥ୍ କୋରିଆକୁ ୪-୨ରେ ହରାଇ ଆୟୋଜକ ଜାପାନ ବ୍ରୋଞ୍ଜ୍ ପଦକ ହାସଲ କରିଛି।

## କୁସ୍ତିରେ ପ୍ରଥମ ସ୍ୱର୍ଣ୍ଣ ଦେଲେ ସୁଜିତ କଲକଲ



କୁସ୍ତିରେ ସୁଜିତ କଲକଲ ଦିନର ସବୁଠୁ ରୋମାଞ୍ଚକର ବିଜୟ ହାସଲ କରିଛନ୍ତି। ପୁରୁଷ ୬୫ କିଗ୍ରା ଫ୍ରିଷ୍ଟାଇଲ୍ ଫାଇନାଲ୍‌ରେ ସେ ତାଜିକିସ୍ତାନର ଅବ୍ଦୁଲମାଜିଦ କୁଦିଏଭ୍‌ଙ୍କ ଠାରୁ ଏକଦା ୨-୯ରେ ପଛୁଆ ରହିଥିଲେ। ମାତ୍ର ଅନ୍ତିମ ଦେଢ଼ ମିନିଟ୍‌ରେ ସୁଜିତ ପୂରା ଖେଳ ପଲଟାଇ ଦେଇଥିଲେ। ସେ ଲଗାତାର ଚାରି ଟେକ୍‌ଡାଉନ୍ ସହ ସ୍ଥିତି ୮-୯ କରିଥିଲେ। ଏହାପରେ ଅନ୍ତିମ ୧୦ ସେକେଣ୍ଡରେ ଆଉ ଏକ ଟେକ୍‌ଟାଉନ୍ କରି ସ୍କୋର୍ ୧୦-୯ କରି ମୁକାବିଲା ଜିତିବା ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚଳିତ ଏସିଆନ୍ ଗେମ୍ସରେ ଏହା କୁସ୍ତିରେ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ।

## ବକ୍ସିଂରେ ଗୋଲ୍‌ଡେନ୍ ହ୍ୟାଟ୍ରିକ୍







ଭାରତୀୟ ବକ୍ସିଂ ପାଇଁ ଶୁକ୍ରବାର ମଧ୍ୟ ସ୍ମରଣୀୟ ହୋଇଛି। ପରଭିନ୍ ହୁଡ୍ଡା, ଲଭଲିନ୍ ବୋରଗୋହେନ୍ ଏବଂ ଅଂକୁଶ ପଙ୍ଘାଲ୍ ନିଜ ନିଜ ଫାଇନାଲ୍ ଜିତି ଭାରତକୁ ତିନି ସ୍ୱର୍ଣ୍ଣ ପଦକ ଦେଇଛନ୍ତି। ମହିଳା ୬୫ କିଗ୍ରା ବର୍ଗର ଫାଇନାଲ୍‌ରେ ପରଭିନ୍ ହୁଡ୍ଡା ଚୀନା ତାଇପେର ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା ଚେନ୍ ନିଏନ୍-ଚିନ୍‌ଙ୍କୁ ୩-୨ର ଖଣ୍ଡିତ ନିଷ୍ପତ୍ତିରେ ହରାଇଛନ୍ତି। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ଦୁଇ ରାଉଣ୍ଡ ପରେ ଦୁଇ ବକ୍ସର୍ ସମାନ ସ୍ଥିତିରେ ରହିଥିଲେ। ନିର୍ଣ୍ଣାୟକ ରାଉଣ୍ଡରେ ତିନି ଜଜ୍ ପରଭିନ୍‌ଙ୍କ ପକ୍ଷରେ ନିଷ୍ପତ୍ତି ଦେବା ଫଳରେ ଭାରତୀୟ ବକ୍ସର୍ ସ୍ୱର୍ଣ୍ଣ ନିଜ ନାମରେ କରିଥିଲେ।

## ୪୮ ବର୍ଷର ରେକର୍ଡ ଭାଙ୍ଗିଲା ମହିଳା ରିକର୍ଭ ଟିମ୍



ଆର୍ଚେରୀରେ ଅଙ୍କିତା ଭକତ, କୁମ୍‌କୁମ୍ ଅନିଲ୍ ମୋହେଦ ଏବଂ କୀର୍ତ୍ତି ଶର୍ମାଙ୍କ ଭାରତୀୟ ମହିଳା ରିକର୍ଭ ଟିମ୍ ଇତିହାସ ରଚିଛି। ଭାରତ ଫାଇନାଲ୍‌ରେ ସାଉଥ୍ କୋରିଆକୁ ୫-୩ରେ ହରାଇ ଏହି ଇଭେଣ୍ଟ୍‌ରେ ପ୍ରଥମ ଥର ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିଛି। ପ୍ରଥମ ଦୁଇ ସେଟ୍ ୨-୨ ସ୍କୋର୍‌ରେ ସମାନ ରହିଥିଲା। ତୃତୀୟ ସେଟ୍‌ରେ ଭାରତ ୪-୨ରେ ଆଗୁଆ ହୋଇଥିଲା। ଚତୁର୍ଥ ସେଟ୍ ପୁଣିଥରେ ବରାବର ହୋଇଥିଲା ଏବଂ ଭାରତ ୫-୩ରେ ମ୍ୟାଚ୍ ଜିତି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି। ସାଉଥ୍ କୋରିଆର ଏହି ଇଭେଣ୍ଟ୍‌ରେ ଲମ୍ବା ସମୟ ଧରି ଦବ୍‌ଦବା ରହିଥିଲା। ଭାରତ ପ୍ରଥମ ଥର ଏହି କ୍ରମକୁ ଭାଙ୍ଗି ସ୍ୱର୍ଣ୍ଣ ଜିତିଛି। ଏହା ପୂର୍ବରୁ ଭାରତ ୨୦୧୦ ଓ ୨୦୨୨ରେ ବ୍ରୋଞ୍ଜ୍ ପଦକ ଜିତିଥିଲା।

## ଜନ୍ମଦିନରେ ଲଭଲିନାଙ୍କ ଗୋଲ୍‌ଡେନ୍ ପଞ୍ଚ୍

ଲଭଲିନା ବୋରଗୋହେନ୍ ନିଜର ୨୯ତମ ଜନ୍ମଦିନକୁ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ସହିତ ସ୍ମରଣୀୟ କରିଛନ୍ତି। ମହିଳା ୭୫ କିଗ୍ରା ଫାଇନାଲ୍‌ରେ ସେ ଚୀନ୍‌ର ବାଓ ଜିୟିଙ୍କୁ ୫-୦ରେ ମାତ୍ ଦେଇଛନ୍ତି। ଏହା ଲଭଲିନାଙ୍କ ପ୍ରଥମ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ। ମ୍ୟାରି କମ୍‌ଙ୍କ ପରେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ଦ୍ୱିତୀୟ ଭାରତୀୟ ମହିଳା ବକ୍ସର୍ ହୋଇଛନ୍ତି। ଏହା ସହିତ ୭୫ କିଗ୍ରା ବର୍ଗରେ ଏହା ଭାରତ ପାଇଁ ପ୍ରଥମ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ।

## ମିକ୍ସଡ୍ ରିକର୍ଭରେ ଭାରତକୁ ପ୍ରଥମ ପଦକ



ଧୀରଜ ବୋମ୍ମାଦେଭରା ଓ କୁମ୍‌କୁମ୍ ଅନିଲ ମୋହୋଦଙ୍କ ଯୋଡ଼ି ମିକ୍ସଡ୍ ରିକର୍ଭରେ ଭାରତକୁ ପ୍ରଥମ ଏସିଆନ୍ ଗେମ୍ସ ପଦକ ଦେଇଛନ୍ତି। ଫାଇନାଲ୍‌ରେ ଚୀନ୍ ଠାରୁ ୫-୩ରେ ହାରି ଭାରତକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଭାରତ ତୃତୀୟ ସେଟ୍ ୩୭-୩୬ରେ ଜିତି ପ୍ରତ୍ୟାବର୍ତ୍ତନ ଉଦ୍ୟମ କରିଥିବା ବେଳେ ଚତୁର୍ଥ ସେଟ୍‌ରେ ଦୁଇ ଟିମ୍ ୩୭-୩୭ ସ୍କୋର୍‌ରେ ସମାନ ରହିଥିଲେ। ତେବେ ଚୀନ୍ ପ୍ରାରମ୍ଭିକ ଦୁଇଟି ସେଟ୍‌ରେ ହାସଲ କରିଥିବା ଅଗ୍ରଣୀ ଦମ୍‌ରେ ମ୍ୟାଚ୍ ନିଜ ନାମରେ କରିଥିଲା। ମିକ୍ସଡ୍ ରିକର୍ଭକୁ ୨୦୧୮ରେ ଏସିଆନ୍ ଗେମ୍ସରେ ସାମିଲ କରାଯାଇଥିଲା। ଭାରତ ୨୦୧୮ ଏବଂ ୨୦୨୨ରେ ଏହି ଇଭେଣ୍ଟ୍‌ର ପଦକ ଜିତିପାରି ନଥିଲା। ଫଳରେ ଧୀରଜ ଓ କୁମ୍‌କୁମ୍‌ଙ୍କ ରୌପ୍ୟ ପଦକ ଏହି ଇଭେଣ୍ଟ୍‌ରେ ଭାରତର ପ୍ରଥମ ପଦକ।

## ୮୦ କିଗ୍ରାରେ ଇତିହାସ ରଚିଲେ ଅଂକୁଶ

ପୁରୁଷ ୮୦ କିଗ୍ରା ବର୍ଗରେ ଅଂକୁଶ ପଙ୍ଘାଲ୍ ସାଉଥ୍ କୋରିଆର କିମ୍ ମିନସିୟୋଙ୍ଗ୍‌କୁ ୪-୦ରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଂକୁଶ ପୂରା ମୁକାବିଲାରେ ଦ୍ରୁତ ପଞ୍ଚ, ଶକ୍ତିଶାଳୀ ଡିଫେନ୍ସ ଏବଂ କାଉଣ୍ଟର୍ ଆଟାକ୍‌ର ଚମତ୍କାର ପ୍ରଦର୍ଶନ କରିଥିଲେ। ଅଂକୁଶଙ୍କ ସ୍ୱର୍ଣ୍ଣ ଏହି ବର୍ଗରେ ଭାରତର ଏସିଆନ୍ ଗେମ୍ସରେ ପ୍ରଥମ ସ୍ୱର୍ଣ୍ଣ ପଦକ। ତାଙ୍କ ସ୍ୱର୍ଣ୍ଣ ପଦକ ସହିତ ଭାରତର ବକ୍ସିଂ ଅଭିଯାନ ତିନି ସ୍ୱର୍ଣ୍ଣ ଏବଂ ତିନି ବ୍ରୋଞ୍ଜ୍ ସହ ମୋଟ ୬ ପଦକ ସହ ସମାପ୍ତ ହୋଇଛି।

## ପୁରୁଷ ରିକର୍ଭ ଟିମ୍‌କୁ ରୌପ୍ୟ



ଯଶଦୀପ ଭୋଗେ, ଧୀରଜ ବୋମ୍ମାଦେଭରା ଓ ନୀରଜ ଚୌହାନ୍‌ଙ୍କ ଭାରତୀୟ ପୁରୁଷର ରିକର୍ଭ ଟିମ୍ ଫାଇନାଲ୍‌ରେ ସାଉଥ୍ କୋରିଆଠାରୁ ୧-୫ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ପ୍ରଥମ ସେଟ୍‌ରେ ୫୬-୫୬ରେ ସମାନ ରହିବା ପରେ ଦ୍ୱିତୀୟ ସେଟ୍‌ରେ ସାଉଥ୍ କୋରିଆ ୫୭-୫୦ରେ ବିଜୟ ହାସଲ କରିଥିଲା। ତୃତୀୟ ସେଟ୍‌ରେ ବି କୋରିଆ ୫୬-୫୪ରେ ବାଜିମାରି ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲା। ଏହା ସହିତ ଆର୍ଚେରୀରେ ଭାରତର ପଦକ ସଂଖ୍ୟା ୭ ହୋଇଛି। ଏଥିରେ ୪ ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ପଦକ ସାମିଲ।

## ସମାପନ ସମାରୋହରେ ନୀରୁ ଢାଣ୍ଡା ହେବେ ଧ୍ୱଜାବାହକ



**ନାଗୋୟା,୨।୧୦/ଏଜେନ୍ସି:** ଭାରତ ଷ୍ଟାର୍ ଶୁଟର୍ ନୀରୁ ଢାଣ୍ଡା ରବିବାରର ଏସିଆନ୍ ଗେମ୍ସ ସମାପନ ସମାରୋହରେ ଭାରତୀୟ ଟିମ୍‌ର ମହିଳା ଧ୍ୱଜାବାହକ ହେବେ। ନାଗୋୟାରେ ହେବାକୁ ଥିବା ସମାପନ ସମାରୋହ ସହିତ ଭାରତର ଚମତ୍କାର ଅଭିଯାନର ସମାପନ ହେବ। ଏହି ଗେମ୍ସରେ ତିନି ପଦକ ଜିତିଥିବା ୨୭ ବର୍ଷୀୟା ଟ୍ରାପ୍ ଶୁଟର୍ ନୀରୁ ଏହି ଭାରତର ସବୁଠୁ ସଫଳ ଖେଳାଳିଙ୍କ ମଧ୍ୟରେ ଅନ୍ୟତମ। ଭାରତୀୟ ଟିମ୍ ଡେପୁଟୀ ଶେଫ୍ ଡି ମିଶନ୍ ଅଞ୍ଜଳି ଭଗବତ ଶୁକ୍ରବାର ନୀରୁଙ୍କୁ ମହିଳା ଧ୍ୱଜାବାହକ କରାଯିବା ସ୍ପଷ୍ଟ କରିଛନ୍ତି। ସେ ଶନିବାର ନାଗୋୟା ପ୍ରତ୍ୟାବର୍ତ୍ତନ କରିବେ ଏବଂ ମହିଳା ଧ୍ୱଜାବାହକ ହେବେ। ପୁରୁଷ ଧ୍ୱଜାବାହକ ସମ୍ପର୍କରେ ଆସନ୍ତାକାଲି ନିଷ୍ପତ୍ତି ନିଆଯିବ। ତୃତୀୟ ପଦକ ଜିତିବା ପରେ ନୀରୁ ଭାରତ ଫେରିଯାଇଥିଲେ। କିନ୍ତୁ ସମାପନ ସମାରୋହ ପାଇଁ ଶନିବାର ସକାଳେ ନାଗୋୟା ଫେରିବେ। ମହିଳା ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତି ନିଜ ଅଭିଯାନ ଆରମ୍ଭ କରିଥିଲେ। ଏହାପରେ ମନୀଷା କୀର୍ ଓ ଅଶୀମା ଅହଲାୱତ୍‌ଙ୍କ ସହିତ ମିଶି ମହିଳା ଟିମ୍ ଟ୍ରାପ୍ ଇଭେଣ୍ଟ୍‌ରେ ରୌପ୍ୟ ପଦକ ଜିତିଥିଲେ। ତାଙ୍କ ପଦକ ତାଲିକାର ସବୁଠୁ ବଡ଼ ଆକର୍ଷଣ ମିକ୍ସଡ ଟ୍ରାପ୍ ଟିମ୍ ଇଭେଣ୍ଟ୍ ଥିଲା। ଏଥିରେ ସେ କିନାନ୍ ଚେନାଇଙ୍କ ସହ ଯୋଡ଼ି ହୋଇ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ପ୍ରକାରେ ନୀରୁ ଏସିଆନ୍ ଗେମ୍ସରେ ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହିତ ମୋଟ ତିନି ପଦକ ନିଜ ନାମରେ କରିଛନ୍ତି।

## ସେଲିଙ୍ଗ୍‌ରେ ନେତ୍ରା କୁମାନନ୍ ଜିତିଲେ ବ୍ରୋଞ୍ଜ୍

ମହିଳା ଡିଙ୍ଗି ସେଲିଙ୍ଗ୍‌ରେ ନେତ୍ରା କୁମାନନ୍ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଦୁଇ ରେସ୍‌ର ଫାଇନାଲ୍ ସିରିଜ୍ ପରେ ନେତ୍ରା ୧୪ ନେଟ୍ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ। ନେତ୍ରା ଫାଇନାଲ୍‌ର ପ୍ରଥମ ରେସ୍‌ରେ ୬ଷ୍ଠ ସ୍ଥାନରେ ଥିଲା, କିନ୍ତୁ ଦ୍ୱିତୀୟ ରେସ୍ ଜିତି ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ହେଡ୍-ଟୁ-ହେଡ୍ ରେକର୍ଡ ଆଧାରରେ ଟାଇବ୍ରେକ୍‌ରେ ସେ ବ୍ରୋଞ୍ଜ୍ ପଦକ ନିଜ ନାମରେ କରିଛନ୍ତି। ଏହା ଚଳିତ ଏସିଆନ୍ ଗେମ୍ସରେ ଭାରତର ତୃତୀୟ ପଦକ। ଏହା ପୂର୍ବରୁ ଗୁରୁବାର ଭାରତ ପୁରୁଷ ସ୍କିଫ୍‌ରେ ରୌପ୍ୟ ଏବଂ ମହିଳା ସ୍କିଫ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲା।



## ସେକପ୍‌ଟାକ୍ରାରେ ଭାରତକୁ ବ୍ରୋଞ୍ଜ୍



ଭାରତ ଶୁକ୍ରବାର ପୁରୁଷ ସେପକ୍‌ଟାକ୍ରା ଟିମ୍ ଇଭେଣ୍ଟ୍‌ରେ ବ୍ରୋଞ୍ଜ୍ ପଦକ ଜିତିଛି। ଫାଇନାଲ୍‌ରେ ଟିମ୍ ଜାପାନ ଠାରୁ ୦-୨ (୧୨-୧୫, ୧୩-୧୫)ରେ ପରାଜିତ ହୋଇଛି। ଭାରତ ଗ୍ରୁପ୍ ଚରଣରେ ଲାଓସ୍, ଭିଏତ୍‌ନାମ ଓ ମିଆଁମାରକୁ ହରାଇ ଗ୍ରୁପ୍-ଏ'ରେ ଶୀର୍ଷସ୍ଥାନ ହାସଲ କରିଥିଲା। ତେବେ ସେମିଫାଇନାଲ୍‌ରେ ଆୟୋଜକ ଜାପାନ ବିପକ୍ଷରେ ବିଜୟୀ ହୋଇପାରି ନଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra